




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-37 ◆THURSDAY ◆31 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୭ ◆ଗୁରୁବାର ◆୩୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଅଧା ବିଶ୍ୱ ଥରହର

## ୮.୮ ଭୂକମ୍ପରେ ଥରିଲା ରୁଷ ଓ ଜାପାନ



■ **ମସ୍କୋ, ୩୦।୭ (ଏଜେନ୍ସି):** ବିଶ୍ୱର ଅନ୍ୟତମ ବଡ଼ ଭୂମିକମ୍ପରେ ଥରିଛି ରୁଷିଆ ଓ ଜାପାନ। ଏହାର ତୀବ୍ରତା ରିଚର ସ୍କେଲରେ ୮.୮ ମପାଯାଇଛି। ଶକ୍ତିଶାଳୀ ଭୂମିକମ୍ପ ଯୋଗୁଁ ରୁଷିଆ ଠାରୁ ଆରମ୍ଭ କରି ଜାପାନ, ନ୍ୟୁଜିଲାଣ୍ଡ, ଫ୍ରାନ୍ସ, ଚିଲି, ଆଲସ୍କା, କଲମ୍ବିଆ ଓ ଆମେରିକା ଉପକୂଳ ପର୍ଯ୍ୟନ୍ତ ସୁନାମୀ ଆତଙ୍କ ସୃଷ୍ଟି କରିଛି। ଉପକୂଳ ଅଞ୍ଚଳରୁ ଲକ୍ଷ ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୨୧ କିଲୋମିଟର ଗଭୀର ସମୁଦ୍ର ଭିତରେ ଭୂମିକମ୍ପର କେନ୍ଦ୍ର ଥିବାରୁ ବଡ଼ ଧରଣର କ୍ଷୟକ୍ଷତି ହୋଇନାହିଁ। ତେବେ ଅନେକ ସ୍ଥାନରେ କୋଠା କ୍ଷତିଗ୍ରସ୍ତ ହୋଇଛି। ୨୦୧୧ ପରେ ଏହା ହେଉଛି ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ।

ଆମେରିକାର ଜିଓଲୋଜିକାଲ୍ ସର୍ଭେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆଜି ରୁଷିଆ ଉପକୂଳରୁ ୧୩୬ କିଲୋମିଟର ଦୂର କାମଚାସ୍କି ଦ୍ୱୀପ ନିକଟରେ ଶକ୍ତିଶାଳୀ ଭୂମିକଂପ ହୋଇଛି। ୨୦.୭ କିଲୋମିଟର ଗଭୀର ସମୁଦ୍ର ଭିତରେ କେନ୍ଦ୍ରୀଭୂତ ଏହି ଭୂମିକଂପର ତୀବ୍ରତା ରିଚର ସ୍କେଲରେ ୮.୮

### ଆମେରିକା, ଫ୍ରାନ୍ସ, ନ୍ୟୁଜିଲାଣ୍ଡ, ଚିଲିରେ ସୁନାମୀ ସତର୍କତା

### ରୁଷ ସହରରେ ବ୍ୟାପକ କ୍ଷତି, ସମୁଦ୍ରରେ ଭାସିଗଲା କୋଠା

ମପାଯାଇଛି। ଏହାର କିଛି ସମୟ ମଧ୍ୟରେ ଆହୁରି ଦୁଇଟି ଭୂମିକମ୍ପ ମଧ୍ୟ ଅନୁଭୂତ ହୋଇଛି। ପରବର୍ତ୍ତୀ ଝଟକା କୁହାଯାଉଥିବା ଏହି ଦୁଇଟି ଭୂମିକମ୍ପର ତୀବ୍ରତା ୬.୯ ଏବଂ ୬.୩ ଥିଲା ବୋଲି କୁହାଯାଇଛି। ▶ପୃଷ୍ଠା-୭

## ବିଶ୍ୱର ସବୁଠୁ ଦାମୀ, ଶକ୍ତିଶାଳୀ ଉପଗ୍ରହ 'ନିସାର'ର ଉତ୍କ୍ଷେପଣ

# ୯୭ ମିନିଟ୍‌ରେ ପୃଥିବୀ ପରିକ୍ରମଣ



■ **ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି):** ବୁଧବାର ସନ୍ଧ୍ୟାରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ଓ ଦାମୀ ଉପଗ୍ରହ 'ନିସାର'ର ଉତ୍କ୍ଷେପଣ ହୋଇଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି-ଏଫ୍୧୬ ରକେଟ୍ ନିସାରକୁ ନେଇ ମହାକାଶକୁ ଯାଇଛି। ଏହି ରକେଟ ନିସାରକୁ ପୃଥିବୀଠାରୁ ୭୪୭ କିମି ଉଚ୍ଚରେ ଥିବା ସନ୍-ସିଙ୍କ୍ରୋନସ୍ କକ୍ଷରେ ଅବସ୍ଥାପିତ କରିଛି। ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ (ଇସ୍ରୋ) ଓ

### ଇସ୍ରୋକୁ ନବୀନଙ୍କ ଶୁଭେଚ୍ଛା

ଆମେରିକାର ନ୍ୟାସନାଲ ଏରୋନେଟିକ୍ସ ସ୍ପେସ୍ ଆଡମିନିଷ୍ଟ୍ରେସନ (ନାସା) ମିଳିତ ଭାବେ ଏହି ଉପଗ୍ରହକୁ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ▶ପୃଷ୍ଠା-୭

# ଭାରତ ଉପରେ ୨୫% ଟ୍ରମ୍ପ୍ ଶୁଳ୍କ !

■ **ୱାଶିଂଟନ୍, ୩୦।୭ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ବାଣିଜ୍ୟ ମୋର୍ଚ୍ଚାରେ ଭାରତ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଭାରତ ଉପରେ ୨୫% ଟାରିଫ୍ ବା ଶୁଳ୍କ ଲଗାଇବାକୁ ସେ ଘୋଷଣା କରିଛନ୍ତି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିର ସମୟ ସୀମା ଅଗଷ୍ଟ ପହିଲାରୁ ଶେଷ ହେଉଥିବାରୁ ଭାରତ ଉପରେ ଶୁଳ୍କ ଲାଗିବ। ହେଲେ କୌତୂହଳର ବିଷୟ ଯେ ଭାରତକୁ ବନ୍ଧୁ ରାଷ୍ଟ୍ର ବୋଲି କହି ଟ୍ରମ୍ପ୍ ଏପରି ପଦକ୍ଷେପ ନେଇଛନ୍ତି। ନୂଆ ଶୁଳ୍କ ଅଗଷ୍ଟ ପହିଲାରୁ ଲାଗୁ ହେବ। ରୁଷ ସହ ଭାରତ ତେଲ କାରବାର କରୁଥିବାରୁ ଏପରି ଶୁଳ୍କ ଛାଟ ଲାଗିଥିବା ଟ୍ରମ୍ପ୍ କହିଛନ୍ତି। ତେଣୁ ରୁଷ ସହ ବନ୍ଧୁତ୍ୱ ଭାରତ ପାଇଁ ଏବେ ମହଙ୍ଗା ପଡ଼ିଥିବା ଟ୍ରମ୍ପ୍‌ଙ୍କ ପଦକ୍ଷେପରୁ ସ୍ପଷ୍ଟ ହୋଇଛି।

ପୂର୍ବରୁ ଆମେରିକା ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି କରିବାକୁ ଇଚ୍ଛା ପ୍ରକାଶ କରିଥିଲା। କିନ୍ତୁ କିଛି କାରଣ ଯୋଗୁଁ ଏହି ଚୁକ୍ତି ଚୂଡାନ୍ତ ହୋଇପାରି ନ ଥିଲା। ଏବେ ଭାରତ ଉପରେ ୨୫% ଶୁଳ୍କ ଲାଗିବାକୁ ଯାଉଥିବାର କାରଣ ହେଉଛି, ରୁଷ ସହିତ ଭାରତର ଶକ୍ତି ଏବଂ ସାମରିକ ଚୁକ୍ତି। ଟ୍ରମ୍ପ ବୁଧବାର ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି ଯେ ତାଙ୍କର 'ବନ୍ଧୁ' ଭାରତ ଅଗଷ୍ଟ ପହିଲାରୁ ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ଦେବ।



### ଅଗଷ୍ଟ ପହିଲାରୁ ହେବ ଲାଗୁ

### ମହଙ୍ଗା ପଡ଼ିଲା ରୁଷ ସହ ବନ୍ଧୁତ୍ୱ

### ଲାଗିପାରେ ଅତିରିକ୍ତ ଜରିମାନା

ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ରୁଷ ଠାରୁ ଶକ୍ତି ଏବଂ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଭାରତକୁ ଅତିରିକ୍ତ ଜରିମାନା ଦେବାକୁ ପଡିବ। ତାଙ୍କ କହିବାନୁଯାୟୀ, ମନେରଖିବାକୁ ହେବ ଯେ ଭାରତ ଆମର ବନ୍ଧୁ, କିନ୍ତୁ ଗତ କିଛି ବର୍ଷ ହେବ ଆମେ ସେମାନଙ୍କ ସହିତ ତୁଳନାତ୍ମକ ଭାବରେ କମ୍ ବାଣିଜ୍ୟ କାରବାର କରିଛୁ। କାରଣ ଭାରତ ଅଧିକ ଶୁଳ୍କ ଲାଗୁ କରୁଛି, ଯାହା ବିଶ୍ୱରେ ସର୍ବାଧିକ। ଏପରିକି ଭାରତରେ ସବୁଠାରୁ କଠୋର ଏବଂ ଅପ୍ରୀତିକର ଅଣ-ଆର୍ଥିକ ବାଣିଜ୍ୟ ପ୍ରତିବନ୍ଧକ ସବୁ ରହିଛି। ଟ୍ରମ୍ପ୍ ଆହୁରି କହିଛନ୍ତି, ଭାରତ ସବୁବେଳେ ରୁଷଠାରୁ ଅଧିକାଂଶ ସାମରିକ ଉପକରଣ କିଣୁଛି। ଶକ୍ତି କ୍ଷେତ୍ରରେ ଚୀନ୍ ସହିତ ଭାରତ ହେଉଛି ରୁଷର ସବୁଠାରୁ ବଡ଼ କ୍ରେତା। ଯେତେବେଳେ ସମସ୍ତେ ଚାହାନ୍ତି ଯେ ରୁଷ ୟୁକ୍ରେନରେ ଦମନଲୀଳା ବନ୍ଦ କରୁ, ସେତେବେଳେ ଭାରତ ରୁଷ ସହ ତେଲ କାରବାର ବଢ଼ାଉଛି। ତେଣୁ ଭାରତକୁ ଅଗଷ୍ଟ ୧ ରୁ ୨୫% ଶୁଳ୍କ ଦେବାକୁ ପଡିବ। ଏହି ନିଷ୍ପତ୍ତି ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ସନ୍ତୁଳନକୁ ନଷ୍ଟ କରିପାରେ ଏବଂ ରପ୍ତାନିକୁ ପ୍ରଭାବିତ ମଧ୍ୟ କରିବାର ସମ୍ଭାବନା ରହିଛି।

ସୂଚନାଥାଉକି, ଆମେରିକାର ବାଣିଜ୍ୟ କ୍ଷତିର ମୁକାବିଲା କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାର୍ଟନର ଦେଶମାନଙ୍କୁ ବାଣିଜ୍ୟ ଚୁକ୍ତି କରିବାକୁ ଆହ୍ୱାନ ଦେଇଥିଲେ। ଏହାର ଜବାବରେ ସେ ଚଳିତ ବର୍ଷ ଏପ୍ରିଲ ୨ ତାରିଖରେ ବିଭିନ୍ନ ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇଥିଲେ। ସେତେବେଳେ ଭାରତ ଉପରେ ୨୬ ପ୍ରତିଶତ ଶୁଳ୍କ ଲଗାଇଥିଲେ ଟ୍ରମ୍ପ। ଏହାର କିଛି ▶ପୃଷ୍ଠା-୭

## ଆକାଶମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ସ୍ଥିତି ଅନୁଧ୍ୟାନ

# କ୍ଷୟକ୍ଷତି ରିପୋର୍ଟ ପରେ ସହାୟତା

■ **ଭୁବନେଶ୍ୱର, ୩୦।୭ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଆକାଶମାର୍ଗରୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ ହେଲିକପ୍ଟର ଯୋଗେ ବନ୍ୟା ସ୍ଥିତି

### ୩ ଜିଲ୍ଲାର ୩୦ ହଜାରରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ

### ଜଳସ୍ତର କମୁଛି, ସ୍ଥିତି ସୁଧୁରିବାକୁ ଆହୁରି ଦୁଇ ଦିନ ଲାଗିବ

### ଆଉ ୭ ଦିନ ରନ୍ଧାଖାଦ୍ୟ, କ୍ଷୟକ୍ଷତି ରିପୋର୍ଟ ପାଇଁ ନିର୍ଦ୍ଦେଶ

ଦେଖିଛନ୍ତି। ବନ୍ୟା ପରିସ୍ଥିତି ଅନୁଧ୍ୟାନ ପରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟର ୩ଟି ଜିଲ୍ଲାର ୮ଟି ବ୍ଲକର ୮୧ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକ୍, ଭଦ୍ରକ ଜିଲ୍ଲାର ଧାମନଗର ଓ ଭଣ୍ଡାରୀପୋଖରୀ ବ୍ଲକ୍ ▶ପୃଷ୍ଠା-୭



## ହାଇକୋର୍ଟରେ ଶିକ୍ଷକ ବଦଳି ପାଇଁ ବିଧାୟକ ଓ ସାଂସଦଙ୍କ ସୁପାରିସ ପ୍ରସଙ୍ଗ

# ବଦଳି ଉପରେ ଅନ୍ତରୀଣ ରହିତାଦେଶ

■ **କଟକ, ୩୦।୭ (ସମିସ):** ରାଜ୍ୟ ସରକାର ନିକଟରେ ବିଧାୟକ ଓ ସାଂସଦଙ୍କ ସୁପାରିସ ଭିତ୍ତିରେ ଶିକ୍ଷକଙ୍କ ବଦଳି ସମ୍ପର୍କିତ ନିଷ୍ପତ୍ତି ନେଇଥିବା ବେଳେ ଏହି ସୁପାରିସ ଆଧାରରେ କରାଯାଇଥିବା ବଦଳି ଆଦେଶକୁ ବିରୋଧ କରି କେତେକ ଶିକ୍ଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କିତ ଦୁଇଟି ମାମଲାର ଶୁଣାଣି କରି ଆବେଦନକାରୀ ଶିକ୍ଷକଙ୍କ ବଦଳି ଆଦେଶ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି ହାଇକୋର୍ଟ। ଫକିର ମହାନନ୍ଦ ଓ ରାହୁଲ ତ୍ରିପାଠୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ଦେଇଛନ୍ତି।



ମାମଲାରେ ପ୍ରତିପକ୍ଷ ରାଜ୍ୟ ସରକାର ଓ ଅନ୍ୟ ମାନଙ୍କୁ ନୋଟିସ କରିବା ସହ ଜବାବ ତଲବ କରିଛନ୍ତି ଅଦାଲତ।

ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ବିଧାୟକ ଓ ସାଂସଦ ମାନେ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ପର୍ଯ୍ୟନ୍ତ ଯୋଗ୍ୟ ଶିକ୍ଷକଙ୍କୁ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ସରକାର ନେଇଥିବା ନିଷ୍ପତ୍ତିକୁ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ▶ପୃଷ୍ଠା-୭

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

# ୪ ଶିକ୍ଷକ ସମେତ ୬ ଗିରଫ

■ **କଟକ, ୩୦।୭ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ ଘଟଣାରେ କ୍ରାଇମବ୍ରାଞ୍ଚ ୬ ଜଣଙ୍କୁ ଗିରଫ କରିଛି। ଏହି ଘଟଣାର ମାଷ୍ଟରମାଇଣ୍ଡ ତଥା ବୋର୍ଡ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟରଙ୍କ ସମେତ ଅନ୍ୟ ୪ ଜଣ ଶିକ୍ଷକ ସଂଘ କର୍ମକର୍ତ୍ତା ଏବଂ ଜଣେ ଦଲାଲକୁ ଗିରଫ କରିଥିବା ଏକ ସମ୍ବାଦିକ

### ଉପସଭାପତିଙ୍କ ଲାପ୍‌ଟପରୁ ପେନ୍‌ଡ୍ରାଇଭରେ ଆଣିଥିଲେ ପ୍ରଶ୍ନପତ୍ର

### ଲକ୍ଷାଧିକ ଟଙ୍କାରେ ବିକିଛନ୍ତି ପ୍ରଶ୍ନପତ୍ର

ସମ୍ମିଳନୀରେ ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। ଲିକ ହୋଇଥିବା ପ୍ରଶ୍ନପତ୍ର ବିକ୍ରି କରି ଅଭିଯୁକ୍ତମାନେ ଲକ୍ଷଲକ୍ଷ ▶ପୃଷ୍ଠା-୭



# ଆର୍‌ଆଇ, ଅମିନ ନିଯୁକ୍ତି ପରୀକ୍ଷା ବାତିଲ୍

## କୋର୍ଟଙ୍କୁ ଅବଗତ କଲେ ଆଡଭୋକେଟ୍ ଜେନେରାଲ୍

■ **ଭୁବନେଶ୍ୱର/କଟକ, ୩୦।୭ (ସମିସ):** ପ୍ରଥମରୁ ବିବାଦୀୟ ହୋଇପଡ଼ିଥିବା ଆରଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପରୀକ୍ଷା ଶେଷରେ ବାତିଲ୍ ହୋଇଛି। ବ୍ୟାପକ ଅନିୟମିତତା, ପରୀକ୍ଷାରେ ବିଭ୍ରାଟ କାରଣରୁ ପ୍ରିଲିମିନାରୀ ପରୀକ୍ଷାକୁ ବାତିଲ୍ କରିବା ପାଇଁ ପରୀକ୍ଷାର୍ଥୀମାନେ ମୂଳରୁ ଦାବି କରୁଥିଲେ। ସେମାନଙ୍କ ଦାବିକୁ ଆଗ୍ରାହ୍ୟ କରି ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରିଥିଲେ ସରକାର। ଏହି ନିଷ୍ପତ୍ତି ସରକାରଙ୍କୁ ଆଇନ୍ ଜାଲରେ ଛନ୍ଦିଥିଲା। ମୋଟ୍ ପଦର ୫ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷା ଦେବାର

### ୧୪ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ

### ପ୍ରିଲିମ୍ ଓ ମେନ୍ ବଦଳରେ ଗୋଟିଏ ପରୀକ୍ଷା ପାଇଁ ଦାବି

ନିୟମ ଥିଲେ ମଧ୍ୟ ଏହାର ଅନୁପାଳନ କରାଯାଇ ନ ଥିବା ଅଭିଯୋଗ କରି ହାଇକୋର୍ଟରେ ମାମଲା ହୋଇଥିଲା। ଆଜି ଏହାର ଶୁଣାଣି ବେଳେ ତ୍ରୁଟି ସ୍ୱୀକାର କରିବା ସହ ସମଗ୍ର ପରୀକ୍ଷା ପ୍ରକ୍ରିୟାକୁ ବାତିଲ୍ କରି ଆଉଥରେ ପ୍ରିଲିମିନାରୀ ପରୀକ୍ଷା କରାଯିବ ବୋଲି ଆଡଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ କୋର୍ଟକୁ ଅବଗତ କରିଛନ୍ତି।

ଶ୍ରୀ ଆଚାର୍ଯ୍ୟ କୋର୍ଟଙ୍କୁ କହିଛନ୍ତି ଯେ ମୋଟ୍ ୫ଲକ୍ଷ ୫୮ ହଜାର ୧୨୯ ଜଣ ଆଶାୟୀ ପରୀକ୍ଷା ଦେଇଥିଲେ। ପରୀକ୍ଷା ବାତିଲ୍ ହୋଇଥିବାରୁ ପୁନଃ ପ୍ରିଲିମିନାରୀ ପରୀକ୍ଷା ପାଇଁ ସମସ୍ତଙ୍କୁ ନୂତନ ଭାବେ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ଏଥିପାଇଁ କୌଣସି ଫି' ନିଆଯିବ ନାହିଁ। ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରିବା ନିଷ୍ପତ୍ତିରେ ବହୁ ମେଧାବୀ ପରୀକ୍ଷାର୍ଥୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତେ ବୋଲି ମଧ୍ୟ ସେ ▶ପୃଷ୍ଠା-୭




# ପତ୍ନୀଙ୍କ ପରଲୋକ ଖବର ଶୁଣି ପତିଙ୍କ ମୃତ୍ୟୁ

ରେବାଡି, ୩୦।୭ (ଏଜେନ୍ସି): ହରିୟାଣାର ରେବାଡୀରେ ମାତ୍ର ଅଧଘଣ୍ଟା ମଧ୍ୟରେ ପତି ଓ ପତ୍ନୀଙ୍କ ମୃତ୍ୟୁ ହୋଇଛି। ଦୁହେଁ ହାତଧରାଧରି ହୋଇ ପରଲୋକଗମନ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ପ୍ରଥମେ ପତ୍ନୀ ମୃତ୍ୟୁବରଣ କରିଥିଲେ। ଏହାକୁ ଶୁଣି ସ୍ୱାମୀ ମାନସିକ ଆଘାତ ପାଇଥିଲେ ଓ ବରଦାସ୍ତ କରି ନପାରି ଚେୟାର ଉପରେ ବସିଥିବାବେଳେ ପରଲୋକଗମନ କରିଥିଲେ। ପତ୍ନୀ ସୂରଜୀ ଦେବୀଙ୍କ ବୟସ ୯୦ ଓ ପତି ଦଲୀପ ସିଂଙ୍କ ବୟସ ୯୩ ବର୍ଷ ଥିଲା। ଦୀର୍ଘବର୍ଷ ଧରି ବଞ୍ଚି ରହିବା ଓ ଚତୁର୍ଥ ପିଢିର ସନ୍ତାନ ସନ୍ତତିଙ୍କୁ ଦେଖିବା କାରଣରୁ ପରିବାର ଲୋକେ ବାଜା ବଜାଇ ଏହି ବୟସ୍କ ଦମ୍ପତିଙ୍କର ଅନ୍ତିମ ଶୋଭାଯାତ୍ରା ବାହାର କରିଥିଲେ। ଗୋଟିଏ ଚିତାରେ ଦୁହିଁଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସୂରଜୀ କୋଠରୀ ଭିତରେ ଓ ଦଲୀପ ବାହାରେ ହିଁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଉଭୟ ପରସ୍ପରକୁ ବହୁତ ଭଲ ପାଉଥିଲେ ବୋଲି ତାଙ୍କ ପୁଅ ପୁଲ ସିଂ କହିଛନ୍ତି।

# ଟ୍ରୁଡୋ- ପେରୀଙ୍କ ସିକ୍ରେଟ ଡିନର



ମଣ୍ଟ୍ରିଲ, ୩୦।୭ (ଏଜେନ୍ସି): କାନାଡ଼ାର ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଓ ଆମେରିକାର ପ୍ରଖ୍ୟାତ୍ ପପ୍ ଗାୟିକା କେଟି ପେରୀଙ୍କୁ ନିକଟରେ ଏକାଠି ଡିନର କରୁଥିବା ଦେଖାଯାଇଛି। ଦୁହେଁ ସ୍ଥାନୀୟ ବାୟୋଲୋନ ରେଷ୍ଟୋରାଁରେ ଜୁଲାଇ ୨୮ରେ ଏକାଠି ଡିନର କରିଥିଲେ। ଏହାର ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ଦୁହେଁ ଏକାଠି ସାମ୍ନାସାମ୍ନି ହୋଇ ଗୋଟିଏ ଟେବୁଲରେ ବସିଥିବା ଦେଖାଯାଇଛି। ଦୁହେଁ ଡେଟିଂ କରୁଛନ୍ତି ଓ ରୋମାନ୍ସ କରିବା ନେଇ ଅନୁମାନ କରାଯାଉଛି। ଦୁହିଁଙ୍କ ସୁରକ୍ଷା ପାଇଁ ଏକାଧିକ ଗାର୍ଡ ନିୟୋଜିତ ଥିଲେ। ଦୀର୍ଘ ସମୟ ଧରି ରେଷ୍ଟୋରାଁର କୋଣରେ ବସି ବହୁ ସମୟ କଥା ହୋଇଥିଲେ। ପେରୀ ନିଜର ନୂଆ ଆଲବମ୍ ୧୪୩ର ପ୍ରମୋଶନ ପାଇଁ ଏବେ କାନାଡାରେ ଅଛନ୍ତି।

# ସାଉଦି ଆରବରେ ସମ୍ପତ୍ତି କିଣି ପାରିବେ ବିଦେଶୀ ନାଗରିକ

ରିୟାଦ, ୩୦।୭ (ଏଜେନ୍ସି):ସାଉଦି ସରକାର ବିଦେଶୀ ନାଗରିକ ଓ କମ୍ପାନୀଗୁଡିକ ପାଇଁ ଓପନ୍ ରିୟଲ ଇଷ୍ଟେଟ୍ ମାର୍କେଟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଏବେ ସାଉଦି ଆରବରେ ବିଦେଶୀ ନାଗରିକ ସମ୍ପତ୍ତି କ୍ରୟ କରିବା ନେଇ ବାଟ ସଫା ହୋଇଛି। ଏହି ନୂଆ ନିୟମ ୨୦୨୬ରୁ ଲାଗୁ ହେବ। ଏହା ଦ୍ୱାରା ବିଦେଶୀ ପୁଞ୍ଜିନିବେଶକାରୀ ରାଜଧାନୀ ରିୟାଦ ସମେତ ଜେଦ୍ଦା ଓ ଅନ୍ୟ ଅଞ୍ଚଳରେ ଜମି ତଥା ସମ୍ପତ୍ତି କ୍ରୟ କରିପାରିବେ। ଏହି ପଦକ୍ଷେପ ସାଉଦି ଆରବର ଭିଜନ ୨୦୩୦ର ଅଂଶବିଶେଷ। ତେଲ ଉପରେ ନିର୍ଭରତା କମ୍ କରିବାକୁ ଓ ଅର୍ଥବ୍ୟବସ୍ଥାରେ ବିଭିଧତା ଆଣିବାକୁ ସରକାର ଏହି ପଦକ୍ଷେପ ନେଇଛନ୍ତି ବୋଲି କୁହାଯାଇଛି। ସାଉଦି କ୍ୟାବିନେଟ ଏହି ନୂଆ ନିୟମକୁ ମଞ୍ଜୁରୀ ଦେଇଛି। ଏହା ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ନିବେଶ ବୃଦ୍ଧି କରିବ ଓ ଏହା ଦ୍ୱାରା ସାଉଦିର ସହରଗୁଡିକ ଗ୍ଲୋବାଲ ଇନଭେଷ୍ଟର ସେଣ୍ଟରରେ ପରିଣତ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ନୂଆ ନିୟମ ଅନୁସାରେ ବିଦେଶୀ ନିବେଶକ ୪୯ ପ୍ରତିଶତ ସେୟାର କ୍ରୟ କରିପାରିବେ।

ଅଲକାଏଦା ମଡ୍ୟୁଲ୍‌ର ପର୍ଦ୍ଦାଫାସ୍

# ଶମା ପରବିନ୍ ଗିରଫ



ଅହମଦାବାଦ୍, ୩୦।୭ (ଏଜେନ୍ସି): ଗୁଜରାଟର ଆଣ୍ଟି ଟେରରିଜମ ସ୍କ୍ୱାଡ (ଏଟିଏସ୍) ବେଙ୍ଗାଲୁରୁର ହେବଲ ଅଞ୍ଚଳରୁ ଶମା ପରବିନ ନାମକ ଜଣେ ମହିଳାଙ୍କୁ ଗିରଫ କରିଛି। ଅଲକାଏଦା ସହ ଜଡିତ ଏକ ଅନ୍ତର୍ଦେଶୀୟ ଆତଙ୍କୀ ମଡ୍ୟୁଲର ଶମା ଅଂଶବିଶେଷ ବୋଲି ଏଟିଏସ୍ ତରଫରୁ କୁହାଯାଉଛି। ତାଙ୍କୁ ଜୁଲାଇ ୨୯ରେ ଗିରଫ କରାଯାଇଛି। ୩୦ ବର୍ଷୀୟା ସମା ସୋସିଆଲ ମିଡିଆ ଜରିଆରେ ଅଲକାଏଦା ସହିତ ସମ୍ପର୍କ ରଖିଥିଲେ। ସୋସିଆଲ ମିଡଆ ମାଧ୍ୟମରେ ସେ ଯୁବକମାନଙ୍କୁ ଭାରତ ବିରୋଧୀ କାର୍ଯ୍ୟକଳାପରେ ସାମିଲ କରିବାର ଦାୟିତ୍ୱରେ ଥିଲା। ଏବେ ତାଙ୍କୁ ପଚରାଉଚରା କରାଯାଉଛି। ଏହି ନେଟୱର୍କ ସହିତ ଜଡିତ ଅନ୍ୟ ଆତଙ୍କୀଙ୍କୁ ମଧ୍ୟ ଚିହ୍ନଟ କରିବା ସହଜ ହେବ। ଗତ ୨୩ ତାରିଖରେ ଗୁଜରାଟ ଏଟିଏସ୍ ନୋଏଡା, ଦିଲ୍ଲୀ, ୟୁପି ଓ ଗୁଜରାଟରୁ ୪ ଜଣ ଆତଙ୍କୀଙ୍କୁ ମଧ୍ୟ ଗିରଫ କରିଥିଲା।

# ୨ ଆତଙ୍କବାଦୀ ନିହତ

ପୁଞ୍ଛ, ୩୦।୭ (ଏଜେନ୍ସି): ଜମ୍ମୁ-କଶ୍ମୀର ପୁଞ୍ଛର ଏଲଓସିରେ ଅନୁପ୍ରବେଶ ଉଦ୍ୟମକୁ ସେନା ବିଫଳ କରିଦେଇଛି। ୨ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ସୀମାର ଦେଗୱାର ସେକ୍ଟର ଅନ୍ତର୍ଗତ ମାଲଦିବଲନ ଅଞ୍ଚଳରେ ସନ୍ଦିଗ୍ଧ କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା। ଏହା ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ 'ଅପରେସନ ଶିବଶକ୍ତି' ଆରମ୍ଭ ହୋଇଥିଲା। ଆତଙ୍କବାଦୀଙ୍କ ନିକଟରୁ ୩ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି। ଗତ ତିନି ଦିନରେ ଦ୍ୱିତୀୟ ଏନକାଉଣ୍ଟର ହୋଇଛି।

# ୧୨ରୁ ଅଧିକ ଦେଶ ଉପରେ ରୁଷ୍ ଭୂକମ୍ପର ପ୍ରଭାବ



ମସ୍କୋ, ୩୦।୭ (ଏଜେନ୍ସି): ରୁଷ୍ ଭୂକମ୍ପକୁ ନେଇ ବିଶ୍ୱ ଥରି ଉଠିଛି। ୧୨ରୁ ଅଧିକ ଦେଶ ଉପରେ ଏହାର ପ୍ରଭାବ ପଡ଼ିଛି। ଭୂକମ୍ପ ପରେ ରୁଷ୍, ଜାପାନ, ଆମେରିକା (ହୱାଇ ଓ ଆଲାସ୍କା), କାନାଡ଼ା (ବ୍ରିଟିଶ କଲମ୍ବିଆ), ନ୍ୟୁଜିଲାଣ୍ଡ, ଚୀନ୍, ଇଣ୍ଡୋନେସିଆ, ତାଇୱାନ, ଫିଲିପିନ୍ସ, ପେରୁ, ମେକ୍ସିକୋ ଏବଂ ଇକ୍ୱେଡର ଭଳି ଦେଶରେ ସୁନାମୀ ଚେତାବନୀ ଜାରି କରାଯାଇଛି। ଜାପାନର ହୋକ୍କାଇଡୋ ଦ୍ୱୀପର ନେମୁରୋ ଉପକୂଳରେ ପ୍ରାୟ ୩୦ ସେମି ଉଚ୍ଚର ଲହରୀ ମାଡ଼ ହୋଇଛି। ସେହିପରି ରୁଷ୍‌ର କୁରିଲ ଦ୍ୱୀପ ପୁଞ୍ଜରେ ପ୍ରଥମ ଲହରୀ ପହଞ୍ଚିଥିବା ଜଣାପଡ଼ିଛି। ଜାପାନ ଉପକୂଳରୁ ୨୦ ଲକ୍ଷ ଲୋକଙ୍କୁ ହଟାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଫୁକୁସିମା ପରମାଣୁ କେନ୍ଦ୍ରକୁ ମଧ୍ୟ ଜାପାନ ଖାଲି କରିଦେଇଛି। ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପରିବେଶ ବିଭାଗ ପ୍ରାଧ୍ୟାପକ ପବନ କୁମାର ଯୋଶୀଙ୍କ ଅନୁଯାୟୀ ରୁଷ୍‌ରେ ଏକ ନର୍ଥ ଆମେରିକା ଏବଂ ନର୍ଥ ପ୍ୟାସିଫିକ ପ୍ଲେଟ୍ ରହିଛି। ଉଭୟ ପ୍ଲେଟ ଭୂପୃଷ୍ଠ ତଳେ ଏବଂ ସମୁଦ୍ର ତଳେ ପରସ୍ପର ସହ ଧକ୍କା ହୋଇଛି। ଏଥିଯୋଗୁଁ ରୁଷ୍‌ରେ ୮.୮ ତୀବ୍ରତାର ଭୂକମ୍ପ ଆସିଲା ବୋଲି ସେ କହିଛନ୍ତି। ଏ ପର୍ଯ୍ୟନ୍ତ ଭୂକମ୍ପର ପୂର୍ବାନୁମାନ ହୋଇପାରି ନାହିଁ। କିନ୍ତୁ ଏ ଦିଗରେ ଗବେଷଣା ଜାରି ରହିଛି।

# ଜାପାନ ଉପକୂଳକୁ ପଳାଇ ଆସିଲେ ଅନେକ ତିମି



ଟୋକିଓ, ୩୦।୭ (ଏଜେନ୍ସି): ରୁଷ୍‌ର କାମଚଟ୍‌କା ଉପଦ୍ୱୀପରେ ବୁଧବାର ସକାଳେ ଆସିଥିବା ୮.୮ ତୀବ୍ରତାର ଭୂକମ୍ପ ବିପର୍ଯ୍ୟୟ ସୃଷ୍ଟି କରିଛି। ଭୂପୃଷ୍ଠରୁ ୧୯.୩ କିମି ତଳେ ଏହାର କେନ୍ଦ୍ରସ୍ଥଳ ରହିଛି। ଭାରତୀୟ ସମୟ ପ୍ରାୟ ୪.୫୪ରେ ଏହି ଝଟ୍‌କା ଅନୁଭୂତ ହୋଇଥିଲା। ଏହା ପରେ ୬.୯ ତୀବ୍ରତାର ଅନେକ ଝଟ୍‌କା ଲାଗିଥିଲା। ଲୋକେ ଭୟରେ ଘରଦ୍ୱାର ଛାଡ଼ି ବାହାରକୁ ପଳାଇ ଆସିଥିଲେ। ଛାତରୁ ଅବଶେଷ ତଳେ ପଡ଼ି ଯାଇଥିଲା। ଅନେକ ଘର ଦୋହଲିବାରେ ଲାଗିଥିଲା। କିଛି ଘରର ଛାତ ଖସି ପଡ଼ିଥିଲା। କିଛି ସ୍କୁଲ୍ ମଧ୍ୟ ପ୍ରଭାବିତ ହୋଇଛି। ଏହି ସମୟରେ କାମଚ୍‌ଟାର ଏକ ହସ୍ପିଟାଲରେ ଅସ୍ତ୍ରୋପଚାର ଚାଲିଥିଲା। ଭୂକମ୍ପ ସତ୍ତ୍ୱେ ଡାକ୍ତର ଏହାକୁ ଅଟକାଇ ନ ଥିଲେ। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଭୂକମ୍ପର କିଛି ସମୟ ପରେ ୫ ମିଟର ଉଚ୍ଚର ଲହରୀ ଆସି କାମଚଟ୍‌କା ଉପକୂଳରେ ମାଡ଼ ହୋଇଥିଲା। ଭୂକମ୍ପ ଏବଂ ଏହା ପରେ ଆସିଥିବା ସୁନାମୀର କିଛି ଘଣ୍ଟା ପରେ ଅନେକ ତିମି ଭାସି ଆସି ଜାପାନ ଉପକୂଳରେ ଲାଗିଥିଲେ। ଏହାକୁ ଦେଖି ସାମୁଦ୍ରିକ ଜୀବଙ୍କ ଉପରେ ସୁନାମୀର ପ୍ରଭାବକୁ ନେଇ ବିଶେଷଜ୍ଞଙ୍କ ଚିନ୍ତା ବୃଦ୍ଧି ପାଇଛି।

# ସରିଲା 'ସିନ୍ଦୂର' ଆଲୋଚନା

**ରାଜ୍ୟସଭାରେ ସରକାର-ବିରୋଧୀ ମୁହାଁମୁହିଁ**

**ଆଲୋଚନାର ଉତ୍ତର ଦେଲେ ଅମିତ ଶାହ**

**କକ୍ଷତ୍ୟାଗ କଲେ ବିରୋଧୀ ଦଳ**

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଜି ରାଜ୍ୟସଭାରେ ଆଲୋଚନା ଚାଲିଥିବା ବେଳେ ସରକାର ଓ ବିରୋଧୀ ଦଳ ପୁଣି ମୁହାଁମୁହିଁ ହୋଇଛନ୍ତି। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ରୋକିବାରେ ସରକାର ବିଫଳ ହୋଇଛନ୍ତି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିବା ବେଳେ ଆତଙ୍କବାଦ ପାଇଁ କଂଗ୍ରେସକୁ ଦାୟୀ କରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ଅଲୋଚନାର ଉତ୍ତର ଦେଇ ଶାହ କହିଲେ ଯେ ଆତଙ୍କବାଦ ସଂପର୍କରେ କହିବା ଲାଗି କଂଗ୍ରେସର କୌଣସି ଅଧିକାର ନାହିଁ। କାରଣ କଂଗ୍ରେସ ସରକାର ବେଳେ ଭୋଟ ବ୍ୟାଙ୍କ ରାଜନୀତି ଯୋଗୁଁ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଲେ ଯେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ଆତଙ୍କବାଦର ମୂଳପୋଛ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅପରେସନ ସିନ୍ଦୂର ସଂପର୍କରେ ସେ କହିଲେ ଯେ ଅସ୍ତ୍ରବିରତି ପାଇଁ କୌଣସି ଦେଶ ଭାରତ ଉପରେ ଚାପ ପକାଇ ନ ଥିଲେ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ଭୀଷଣ କ୍ଷତି ହେବାରୁ ଆକ୍ରମଣ ବନ୍ଦ କରିବା ଲାଗି ପାକିସ୍ତାନର ସେନା ଅଧିକାରୀ ଭାରତ ନିକଟରେ ନେହୁରା ହୋଇଥିଲେ। ଏହାପରେ ଭାରତୀୟ ସେନା ଅପରେସନ ସିନ୍ଦୂର ଅଟକାଇଥିଲା। ପାକିସ୍ତାନର ୧୧ଟି ପରମାଣୁ କେନ୍ଦ୍ର ଧ୍ୱଂସ ହୋଇଯିବା ପରେ ପାକିସ୍ତାନର ମେରୁଦଣ୍ଡ ଭାଙ୍ଗିଯାଇଥିଲା।

ଅମିତ ଶାହ ଆଲୋଚନାର ଉତ୍ତର ଦେଉଥିବା ବେଳେ ସମଗ୍ର ବିରୋଧୀ ଦଳ କକ୍ଷତ୍ୟାଗ କରିଥିଲା। ଆଲୋଚନାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅନୁପସ୍ଥିତିର ବିରୋଧ କରି ସେମାନେ କକ୍ଷତ୍ୟାଗ କରିଥିଲେ। ଆଲୋଚନାରେ ଅଂଶ ଗ୍ରହଣ କରି ସରକାରଙ୍କ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ବିରୋଧୀଙ୍କ ଉପରେ ପ୍ରହାର କରିଥିଲେ। ଜୟଶଙ୍କର କହିଥିଲେ ଯେ ପହଲଗାମରେ ଆକ୍ରମଣ କରି ଆତଙ୍କବାଦୀମାନେ ଲକ୍ଷ୍ମଣ ରେଖା ଅତିକ୍ରମ କରିଥିଲେ। ଭାରତୀୟ ସେନା ଏହାର ମୁହଁତୋଡ଼ ଜବାବ ଦେଇଛି। ସେହିଭଳି ନଡ୍ଡା କହିଥିଲେ ଯେ ୟୁପିଏ ଶାସନ କାଳରେ ଆତଙ୍କବାଦ ଏବଂ ଆତଙ୍କବାଦର ଜନ୍ମଦାତା ପାକିସ୍ତାନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ୟୁପିଏ ସରକାର କଠୋର ହୋଇଥିଲେ ଆତଙ୍କବାଦ ଆଜି ଏତେ ଦୂରକୁ ଆସି ପାରିନଥାଆନ୍ତା। ଏହାପୂର୍ବରୁ ବିରୋଧୀ ଦଳର ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ସରକାରଙ୍କୁ ଟାର୍ଗେଟ କରି ପ୍ରଶ୍ନ କରିଥିଲେ ଯେ ଭାରତୀୟ ସେନାକୁ ସଫଳତା ମିଳୁଥିବା ବେଳେ ଅପରେସନ ସିନ୍ଦୂର କାହା ଚାପରେ ବନ୍ଦ କରାଯାଇଥିଲା? କଂଗ୍ରେସ ସାଂସଦ ରେଣୁକା ଚୌଧୁରୀ ପ୍ରଶ୍ନ କରିଥିଲେ ଯେ ପ୍ରଧାନମନ୍ତ୍ରୀ ପହଲଗାମ ଆକ୍ରମଣର ଶିକାର ପରିବାରକୁ କାହିଁକି ଭେଟୁ ନାହାନ୍ତି। ସମାଜବାଦୀ ପାର୍ଟି ସାଂସଦ ଜୟା ବଚ୍ଚନ ଆତଙ୍କବାଦ ମୁକାବିଲାରେ ସରକାରଙ୍କ ବିଫଳତାକୁ ସମାଲୋଚନା କରିଥିଲେ। ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନର ନାମ ଅପରେସନ ସିନ୍ଦୂର କାହିଁକି ରଖାଯାଇଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

# ଜଷ୍ଟିସ ବର୍ମାଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): କ୍ୟାସ ମାମଲାରେ ସୁପ୍ରିମକୋର୍ଟ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ଆବେଦନର ଶୁଣାଣି କରି ରାୟ ସୁରକ୍ଷିତ ରଖିଛନ୍ତି। ଶୁଣାଣିରେ ଜଷ୍ଟିସ ବର୍ମାଙ୍କୁ କୋର୍ଟ ଭର୍ତ୍ସନା କରିଛନ୍ତି। ତାଙ୍କ ଆଚରଣ ଉପରେ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ବ୍ୟବହାରକୁ ଭରସା କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଯଦି ଯାଞ୍ଚ କମିଟିର ପ୍ରକ୍ରିୟା ନେଇ ତାଙ୍କର ବିରୋଧ ଥିଲା, ତେବେ ସେତେବେଳେ କାହିଁକି ସେ ଚ୍ୟାଲେଞ୍ଜ କରି ନ ଥିଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ଏଜି ମସିହଙ୍କ ଖଣ୍ଡପୀଠ ବର୍ମାଙ୍କୁ ପ୍ରଥମେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ଉଚିତ ଥିଲା ବୋଲି କହିଛନ୍ତି। ଯାଞ୍ଚ କମିଟି ତାଙ୍କୁ ଦୋଷୀ ବୋଲି ଜାଣିବା ପରେ ସେ ସୁପ୍ରିମକୋର୍ଟ ଆସିବା ଠିକ୍ ନୁହଁ ବୋଲି ଖଣ୍ଡପୀଠ କହିଛନ୍ତି। ଶୁଣାଣିରେ ଜଷ୍ଟିସ ବର୍ମାଙ୍କ ତରଫରୁ ବରିଷ୍ଠ ଓକିଲ କପିଲ ଶିବଲ ପକ୍ଷ ରଖିଥିଲେ। ସଂସଦରେ ମହାଭିଯୋଗ ଏକ ପ୍ରକ୍ରିୟା ବୋଲି ସେ କହିଥିଲେ ଓ ମହାଭିଯୋଗ ପାଇଁ କରାଯାଇଥିବା ସୁପାରିସ ଠିକ୍ ନୁହଁ ବୋଲି ଉଲ୍ଲେଖ କରିଥିଲେ। ଇନ୍ ହାଉସ କମିଟି ରିପୋର୍ଟ ଓ ମହାଭିଯୋଗ ନେଇ କରାଯାଇଥିବା ସୁପାରିସ୍‌କୁ ରଦ୍ଦ କରିବା ପାଇଁ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହି ରିପୋର୍ଟରେ ଘରୁ ଅଧାଜଳା ଟଙ୍କା ମିଳିବା ନେଇ ଜଷ୍ଟିସ ବର୍ମାଙ୍କୁ ଦୋଷୀ ବୋଲି କୁହାଯାଇଥିଲା। ପୂର୍ବରୁ ଜଷ୍ଟିସ ବର୍ମାଙ୍କ ଆବେଦନ ନେଇ ଦୁଇଥର ଜୁଲାଇ ୨୩ ଓ ୨୮ ରେ ଶୁଣାଣି ହୋଇସାରିଛି। ଘରୁ ନୋଟ ମିଳିଥିଲେ ମଧ୍ୟ ଏହା ମୋର ବୋଲି ପ୍ରମାଣିତ ହେଉ ନଥିବା କଥା ଜଷ୍ଟିସ ବର୍ମା ତାଙ୍କ ଆବେଦନରେ ଉଲ୍ଲେଖ କରିଛନ୍ତି।

**ନ୍ୟାୟପାଳିକା ମୋତେ ନିରାଶ କଲା**

# ମହିଳା ବିଚାରପତିଙ୍କ ଇସ୍ତଫା

**ମୁଖ୍ୟ ବିଚାରପତିଙ୍କୁ ଲେଖିଲେ ଚିଠି**

**ଯିଏ ଅଭିଯୁକ୍ତ ତାକୁ କଲେ ହାଇକୋର୍ଟ ବିଚାରପତି**

**ନ୍ୟାୟ ନିରବୀ ଯାଇଛି**



ଜବଲପୁର, ୩୦।୭ (ଏଜେନ୍ସି): ମଧ୍ୟପ୍ରଦେଶ ସହଡୋଲର ଜଣେ ମହିଳା ସିଭିଲ ଜଜ୍ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଯେଉଁ ବରିଷ୍ଠ ବିଚାରପତିଙ୍କ ବିରୋଧରେ ସେ ଯୌନ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ ତାଙ୍କୁ ହାଇକୋର୍ଟ ବିଚାରପତି ନିଯୁକ୍ତିକୁ ବିରୋଧ କରି ମହିଳା ବିଚାରପତି ଅଦିତି କୁମାର ଶର୍ମା ଏହି ପଦକ୍ଷେପ ନେଇଛନ୍ତି। ସେ ଗତ ୨୮ ତାରିଖରେ ଏ ନେଇ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଥିଲେ। ଏଥିରେ ନ୍ୟାୟପାଳିକା ମୋତେ ନିରାଶ କଲା ବୋଲି କହିଛନ୍ତି। ପ୍ରତିଷ୍ଠାନକୁ ସେ ନୁହେଁ, ବରଂ ପ୍ରତିଷ୍ଠାନ ତାଙ୍କୁ ବିଫଳ କରିଦେଲା ବୋଲି ଉଲ୍ଲେଖ କରିଛନ୍ତି।

ସୂଚନା ଅନୁଯାୟୀ ମହିଳା ଯାହା ବିରୋଧରେ ଅଭିଯୋଗ ଲଗାଇ ଥିଲେ ସେହି ବିଚାରପତି ରାଜେଶ କୁମାର ଗୁପ୍ତାଙ୍କୁ ନିକଟରେ ମଧ୍ୟପ୍ରଦେଶ ହାଇକୋର୍ଟର ବିଚାରପତି ନିଯୁକ୍ତ କରାଯାଇଛି। କେନ୍ଦ୍ର ମଧ୍ୟ ଏହାକୁ ମଞ୍ଜୁରୀ ଦେଇଛନ୍ତି। ତେବେ ସେ ଏ ପର୍ଯ୍ୟନ୍ତ ଶପଥ ଗ୍ରହଣ କରିନାହାନ୍ତି। ମହିଳା ବିଚାରପତି ନିଜ ଇସ୍ତଫାକୁ ବିରୋଧର ପ୍ରତୀକ ଦର୍ଶାଇଛନ୍ତି। ମହିଳା ନିଜକୁ ଜଣେ ବିଚାରପତି ଭାବରେ ପରିଚୟ ଦେଇ କହିଛନ୍ତି ଯେ ଜଣେ ବରିଷ୍ଠ ବିଚାରପତିଙ୍କ ବିରୋଧରେ ସେ କହିବାକୁ ସାହସ କରିଥିଲେ। ଏହି ବ୍ୟକ୍ତି କ୍ଷମତାର ଅପବ୍ୟବହାର କରୁଥିଲେ। ତାଙ୍କୁ ବର୍ଷ ବର୍ଷ ଧରି ନିର୍ଯାତନା ଦେଉଥିଲେ। ସେ ନ୍ୟାୟ ପାଇଁ ପ୍ରତ୍ୟେକ ବୈଧ ପଥ ଅନୁସରଣ କରିଥିଲେ। ଯଦି ନ୍ୟାୟ ନ ମିଳି ତେବେ ମାମଲାରେ ଶୁଣାଣି ହେବ ବୋଲି ସେ ଆଶା ରଖିଥିଲେ। କିନ୍ତୁ ଏହା ବି ହୋଇ ନ ଥିଲା। ଯିଏ ଦୁଃଖ ଦେଇଥିଲା ତାଙ୍କୁ ପ୍ରଶ୍ନ ପଚରା ଯାଇ ନ ଥିଲା। ଏହାର ପ୍ରତି ବଦଳରେ ତାଙ୍କୁ ପୁରସ୍କୃତ କରାଯାଇଥିଲା। ସୁପାରିସ କରାଯାଇ ପଦୋନ୍ନତି ମଧ୍ୟ ଦିଆଯାଇଥିଲା। ସମନ ବଦଳରେ ଉଚ୍ଚ ପଦରେ ଅବସ୍ଥାପିତ କରି ଦିଆଯାଇଥିଲା। ନ୍ୟାୟକୁ ଅଣଦେଖା କରାଯାଇ ଏଭଳି ନିଷ୍ଠୁର ପଦକ୍ଷେପ ନିଆଯାଇଥିଲା

ମହିଳା ବିଚାରପତି ଦାବି କରିଛନ୍ତି ଯେ ସେ ପ୍ରମାଣ ସହିତ ବିଚାରପତିଙ୍କ ବିରୋଧରେ ଅଭିଯୋଗ ଲଗାଇ ଥିଲେ। କିନ୍ତୁ ମାମଲାର ତଦନ୍ତ କରାଗଲା ନାହିଁ, ନୋଟିସ ବି ଦିଆଗଲା ନାହିଁ। ଦୋଷ ଧାର୍ଯ୍ୟ କରିବା ତ ଦୂରର କଥା ମାମଲାକୁ ନେଇ ତାଙ୍କୁ କୌଣସି ସ୍ପଷ୍ଟୀକରଣ ମଧ୍ୟ ମଗାଗଲା ନାହିଁ। ସେ ବିଚାରପତି ହେବାକୁ ଯୋଗ୍ୟ ନୁହେଁ। ଏହା ଏକ ନିଷ୍ଠୁର ପରିହାସ ସହ ସମାନ। ସଚ୍ଚୋଟତାର ସହ ନ୍ୟାୟ ପାଇଁ ଲଢ଼ିଥିବା ଜଣେ ମହିଳା ବିଚାରପତିଙ୍କୁ ସେହି ବ୍ୟବସ୍ଥା ହିଁ ଭାଙ୍ଗି ଦେଲା। ଏହା ସାରା ଦିନ ପାଇଁ ରେକର୍ଡରେ ରହିବା ଉଚିତ। ନ୍ୟାୟ ଉପରୁ ବିଶ୍ୱାସ ହରାଇ ନୁହେଁ, ବରଂ ନ୍ୟାୟ ନିଜ ରାସ୍ତା ଭୁଲି ଯାଇଛି ବୋଲି ଇସ୍ତଫା ଦେଉଛି। ନ୍ୟାୟର ରକ୍ଷା ପାଇଁ ଶପଥ ନେଇଥିବା ବ୍ୟକ୍ତି ଆଜି ସେହି ସଂସ୍ଥାକୁ ଛାଡ଼ି ଯାଉଛି। ଆଜି ନ୍ୟାୟର ନିରବତାର ଫଳ ଭୋଗୁଛି ବୋଲି ମହିଳା କହିଛନ୍ତି। ସେ ୨୦୨୩ରେ ଜଣେ ବରିଷ୍ଠ ବିଚାରପତିଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ। ରାଷ୍ଟ୍ରପତି ଏବଂ ସୁପ୍ରିମକୋର୍ଟ କଲେଜିୟମକୁ ଚିଠି ଲେଖି ଉକ୍ତ ବିଚାରପତିଙ୍କ ପଦୋନ୍ନତି ରୋକିବାକୁ ନିବେଦନ କରିଥିଲେ। ଏହା ସହିତ ଦୁଇ ମହିଳା ନ୍ୟାୟିକ ଅଧିକାରୀ ସେହି ବିଚାରପତିଙ୍କ ବିରୋଧରେ ଲିଖିତ ଅଭିଯୋଗ ମଧ୍ୟ ଦେଇଥିଲେ। ଏହା ସତ୍ତ୍ୱେ ବିନା ଯାଞ୍ଚରେ ଉକ୍ତ ବିଚାରପତିଙ୍କୁ ହାଇକୋର୍ଟରେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ୨୦୨୩ରେ ଉକ୍ତ ମହ ମହିଳା ବିଚାରପତିଙ୍କ ସମେତ ୬ ଜଣଙ୍କୁ ସେବାରୁ ବହିଷ୍କାର କରିଦିଆଯାଇଥିଲା। ପ୍ରଦର୍ଶନ ଭଲ ନ ଥିବା କୁହାଯାଇଥିଲା। ପରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରି ତାଙ୍କୁ ପୁନଃ ଅବସ୍ଥାପିତ କରିଥିଲେ।

ରାଜସ୍ଥାନ-ଏମ୍‌ପିରେ ବନ୍ୟାସ୍ଥିତି

# ୧୮ ଜିଲ୍ଲାରେ ସ୍କୁଲ ବନ୍ଦ



ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଦେଶବ୍ୟାପୀ ପ୍ରବଳ ବର୍ଷା ଜାରି ରହିଛି। ରାଜସ୍ଥାନରେ ବୁଧବାର ସବୁ ୬ ଜିଲ୍ଲାରେ ରେଡ ଆଲର୍ଟ ଜାରି କରାଯାଇଥିବା ବେଳେ ବାକି ଜିଲ୍ଲାଗୁଡିକରେ ୟେଲୋ ଆଲର୍ଟ ଜାରି କରାଯାଇଛି। ପ୍ରବଳ ବର୍ଷା କରାଣରୁ ୧୪ଟି ଜିଲ୍ଲାରେ ସ୍କୁଲ ବନ୍ଦ କରାଯାଇଛି। ସେହିପରି ମଧ୍ୟପ୍ରଦେଶରେ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଭୋପାଳ, ନର୍ମଦାପୁରମ, ସିହୋର, ଅଶୋକନଗର ଜିଲ୍ଲାରେ ସ୍କୁଲ ଛୁଟି କରାଯାଇଛି। ମଧ୍ୟପ୍ରଦେଶରେ ୩୦ରୁ ୩୫ ଲୋକ ବନ୍ୟାରେ ଫସି ରହିଛନ୍ତି ଓ ଉଦ୍ଧାର ପାଇଁ ଯବାନ କର୍ଯ୍ୟରେ ଲାଗି ପଡ଼ିଛନ୍ତି। ସେହିପରି ହିମାଚଳ ପ୍ରଦେଶରେ ବାଦଲ ଫଟା ବର୍ଷା ପାଇଁ ଗୋଟିଏ ପରିବାରର ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ୨୦ ଜଣଙ୍କୁ ଉଦ୍ଧାର କରାଯାଇଥିଲା।

ସେନାଗାଡ଼ି ଉପରେ ଖସିଲା ପଥର

# ଲେଫ୍ଟନାଣ୍ଟ କର୍ଣ୍ଣେଲ, ଯବାନ ମୃତ

ଶ୍ରୀନଗର, ୩୦।୭ (ଏଜେନ୍ସି): ଲଦାଖରେ ସେନାର ଏକ ଗାଡ଼ି ଉପରେ ବୁଧବାର ସକାଳେ ପଥର ଖସିବାରୁ ଲେଫ୍ଟନାଣ୍ଟ କର୍ଣ୍ଣେଲ ଭାନୁ ପ୍ରତାପ ସିଂ ଓ ଲାନ୍ସ ଦଫାଦାର ଦଲଜିତ ସିଂ ପ୍ରାଣ ହରାଇଛନ୍ତି। ୩ ଜଣ ସେନା ଅଧିକାରୀ ମଧ୍ୟ ଆହତ ହୋଇଛନ୍ତି। ଚୋଙ୍ଗତାସରୁ ଲଦାଖ ଯିବା ମାର୍ଗରେ ଏହି ଅଘଟଣ ଘଟିଥିଲା। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀର ଗାନ୍ଦରବାଲର କୁଲ୍ଲାନରେ ପ୍ରବଳ ବର୍ଷା ଯୋଗୁଁ ଆଇଟିବିପି ଯବାନଙ୍କୁ ନେଇ ଯାଉଥିବା ଏକ ବସ୍ ସିନ୍ଧ୍ ନଦୀକୁ ଖସି ପଡ଼ିଛି। ବସ୍‌ରେ ଯାତ୍ରା କରୁଥିବା ସବୁ ଯବାନଙ୍କୁ ଉଦ୍ଧାର କରାଯାଇଛି।

# ଡିଜିସିଏ ଅଡିଟ୍‌ରେ ଏୟାର ଇଣ୍ଡିଆର ୧୦୦ ତ୍ରୁଟି




ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ବିମାନର ସୁରକ୍ଷା ସଂକ୍ରାନ୍ତରେ ଦେଖାଶୁଣା କରୁଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆର ବହୁ ସଂଖ୍ୟରେ ତ୍ରୁଟିକୁ ଚିହ୍ନଟ କରିଛି। ଡିଜିସିଏର ଅଡିଟ୍ ପରେ ପାଖାପାଖି ୧୦୦ଟି ତ୍ରୁଟିକୁ ଡିଜିସିଏ ସାମ୍ନାକୁ ଆଣିଛି। ଏଗୁଡିକ ମଧ୍ୟରୁ ପାଇଲଟ ଓ କେବିନ କ୍ରୁମାନଙ୍କର ଟ୍ରେନିଂ, ସେମାନଙ୍କ ବିଶ୍ରାମ ଓ ଡ୍ୟୁଟିର ନିୟମ, ଉଡ଼ାଣ ଓ ଅବତରଣ ସମ୍ପର୍କିତ ମାନ ହେଉଛି ମୁଖ୍ୟ। କିନ୍ତୁ ପ୍ରକାଶିତ ରିପୋର୍ଟ ଅନୁସାରେ ଏହି ତ୍ରୁଟିର ସଂଖ୍ୟା ୫୧ ବୋଲି ଜଣା ଯାଇଛି। ଏଗୁଡିକ ମଧ୍ୟରୁ ୭ଟି ତ୍ରୁଟି ଲେବଲ-୧ର। ଏହାକୁ ସବୁଠାରୁ ଗମ୍ଭୀର ବୋଲି କୁହାଯାଇଛି। ଏହାକୁ ବୁଧବାର ସୁଦ୍ଧା ଠିକ୍ କରିବାକୁ ଏୟାର ଇଣ୍ଡିଆକୁ କୁହାଯାଇଛି। କିନ୍ତୁ ଏହି ତ୍ରୁଟିଗୁଡିକୁ ସାର୍ବଜନୀନ କରାଯାଇନାହିଁ। ଏୟାର ଇଣ୍ଡିଆ ମଧ୍ୟ ଏହି ଅଡିଟ୍‌ର ଫଳାଫଳକୁ ସ୍ୱୀକାର କରିଛି ଓ ନିର୍ଦ୍ଧାରିତ ସମୟ ସୁଦ୍ଧା ଡିଜିସିଏକୁ ଜବାବ ଦେବ ବୋଲି କହିଛି।

ପୂର୍ବରୁ ଡିଜିସିଏ ଜୁଲାଇ ୨୩ରେ ଏୟାର ଇଣ୍ଡିଆକୁ ୪ଟି କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। କେବିନ କ୍ର୍ୟୁମାନଙ୍କର ବିଶ୍ରାମ ଓ ଡ୍ୟୁଟି ନିୟମ, ଟ୍ରେନିଂ ନିୟମ ଓ ଅପରେସନ ପ୍ରସିଜିଅର ଉଲ୍ଲଙ୍ଘନକୁ ନେଇ ଏହି ନୋଟିସ ଜାରି କରାଯାଇଥିଲା। ଗୁରୁଗ୍ରାମ୍‌ରେ ଏୟାର ଇଣ୍ଡିଆର ମୁଖ୍ୟ ସେଣ୍ଟରରେ ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ଡିଜିସିଏ ତରଫରୁ ଏହି ବଡ଼ ଧରଣର ଅଡିଟ୍ ହୋଇଥିଲା। ଡିଜିସିଏ ମଧ୍ୟ ମାର୍ଚ୍ଚରେ ଏୟାର ଇଣ୍ଡିଆ ଏକ୍ସପ୍ରେସକୁ ଭର୍ତ୍ସନା କରିଥିଲା।

ଉଲ୍ଲେଖଥାଉ କି, ଅହମଦାବାଦରେ ଜୁଲାଇ ୧୨ରେ ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଟେକ୍ ଅଫ୍ କରିବାର କିଛି ସେକେଣ୍ଡ ପରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏହା ପରେ ଏୟାର ଇଣ୍ଡିଆ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ଦୁର୍ଘଟଣାରେ ମୋଟ ୨୬୦ ଜଣ ଲୋକ ପ୍ରାଣ ହରାଇଥିଲେ ଓ ୬୮ ଜଣ ଆହତ ହୋଇଥିଲେ। ଏହି ବିମାନ ଅହମଦାବାଦରୁ ଲଣ୍ଡନ ଯାଉଥିଲା।

# ମାଛଗାଁ କେନାଲ ବନ୍ଧରେ ୧୦ ଫୁଟର ଘାଇ

## ୫-୫ନଂ ଜାତୀୟ ରାଜପଥରେ ଆଣ୍ଠୁଏ ପାଣି



**ଜଗତସିଂହପୁର/ରଘୁନାଥପୁର, ୩୦।୭(ସମିସ):** ଜଗତସିଂହପୁର-କଟକ ରାସ୍ତାର ତରିକୁନ୍ଦ ନିକଟରେ ମାଛଗାଁ ମୁଖ୍ୟ କେନାଲ ବନ୍ଧରେ ଆଜି ଅପରାହ୍ନରେ ୧୦ ଫୁଟର ଘାଇ ହେବାରୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ପାଣିର ସୁଅ ପ୍ରବଳ ଥିବାରୁ ତରିକୁନ୍ଦ ପଞ୍ଚାୟତ ଅଫିସ ଗୃହ ଓ ପୁଲିସ ଫାଣ୍ଡି ପରିସରରେ ପାଣି ପଶିବା ସହିତ ଜାତୀୟ ରାଜପଥ ୫୫ ଉପରେ ଦୁଇ ଫୁଟର ପାଣି ଚାଲିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ସୂଚନା ମୁତାବକ, ଆଜି ଅପରାହ୍ନ ୧.୩୦ରୁ ୨ଟା ମଧ୍ୟରେ ମାଛଗାଁ କେନାଲ ବନ୍ଧ ଭାଙ୍ଗିଯିବାରୁ ଅନେକ ଘର ଜଳବନ୍ଦୀ ହୋଇଥିବାବେଳେ ବହୁ ଦୋକାନରେ ପାଣି ପଶିଯାଇଛି। ବ୍ୟାପକ ଚାଷଜମି ଜଳମଗ୍ନ ହୋଇ ତରିକୁନ୍ଦ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୨୦୨୩ ଜୁଲାଇ ମାସରେ ମଧ୍ୟ ଏହି ସ୍ଥାନରେ ଓ ଦଳେଇଘାଇ ନିକଟରେ ମାଛଗାଁ କେନାଲ ବନ୍ଧ ଭାଙ୍ଗି ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଥିଲା। ଜଳସେଚନ ବିଭାଗର ଦାୟିତ୍ୱହୀନତା, କେନାଲ ସଫେଇ ନାମରେ ଜେସିବି ଲଗାଇ ମାଟି ତାଡ଼ିଦେବା ଓ ଦୁର୍ବଳ କେନାଲ ବନ୍ଧରେ ଗାର୍ଡୱାଲ କରା ନ ଯିବାରୁ ମାଛଗାଁ କେନାଲ କୂଳରେ ଥିବା ତରିକୁନ୍ଦ ବଜାର ଓ ଆଖପାଖ ଅଞ୍ଚଳରେ ବାରମ୍ବାର ବନ୍ଧ ଭାଙ୍ଗି ବ୍ୟାପକ କ୍ଷତିଗ୍ରସ୍ତ ହେଉଥିବା ସାଧାରଣରେ ଅଭିଯୋଗ କରାଯାଇଛି। ଚଳିତ ବର୍ଷ ବିଳମ୍ବରେ ଅର୍ଥାତ ଗତ ୨୪ ତାରିଖରେ ମାଛଗାଁ ମୁଖ୍ୟ କେନାଲ ଓ ଶାଖା କେନାଲରେ ପାଣି ଛଡ଼ାଯାଇଛି। ପୂର୍ବରୁ ଏହି ସ୍ଥାନରେ ଘାଇ ହୋଇଥିବାରୁ ଜଳସେଚନ ବିଭାଗ ଯନ୍ତ୍ରୀ ପାଣି ଆସିବା ପୂର୍ବରୁ କେନାଲ ବନ୍ଧ ସଠିକ୍ ଭାବେ ତଦାରଖ ନ କରି ମନମୁଖୀ ଭାବେ ଭରାପାଣି ଛାଡି ଦେବାରୁ ତରିକୁନ୍ଦଠାରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ।

# ସମ୍ପତ୍ତିରେ ଭାଗିଦାରି | ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

**ଭୁବନେଶ୍ୱର,୩୦।୭(ସମିସ):** ଭାଗିଦାରିରେ ସମ୍ପତ୍ତି ଠୁଳ କରିବା ସରକାରୀ ବାବୁଙ୍କ ପାଇଁ ମହଙ୍ଗା ପଡ଼ିଛି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଗୋଟିଏ ଆୟ ବହିର୍ଭୂତ ମାମଲାର ତଦନ୍ତ କରୁଥିବା ବେଳେ ଆଉଜଣେ ସହକାରୀ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ-୩ର ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କ ଘରେ ଚଢ଼ଉ କରିଛି ଭିଜିଲାନ୍ସ। ସୂଚନା ଅନୁସାରେ, ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ଟିମ୍ ଗତକାଲି ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ-୩ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢ଼ଉ କରିଥିଲା। ଶ୍ରୀ ଜେନା ଓ ତାଙ୍କ ସଂପର୍କୀୟଙ୍କ ନାମରେ ଥିବା କୋଠା, ଦୁଇଟି ଫ୍ଲାଟ୍, ଦୁଇଟି ମଲ୍‌ରେ ଦୋକାନ ଘର, ଭୁବନେଶ୍ୱର, ନୟାଗଡ଼ ଓ ଖୋର୍ଦ୍ଧାରେ ୧୩ ଟି ପ୍ଲଟ୍ ସମେତ ଅନ୍ୟାନ୍ୟ ସମ୍ପତ୍ତି ଠାବ କରିଥିଲା।



ତଦନ୍ତ ବେଳେ ସାଙ୍ଘାତିକ ସତ ପଦାକୁ ଆସିଥିଲା। ରାଜକିଶୋର ଜେନା ଓ ସେହି ଡିଭିଜନରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡା ନିଜ ନିଜ ପତ୍ନୀଙ୍କ ନାମରେ ମିଳିତ ଭାବେ କସ୍‌ମୋପଲିସରେ ଏକ ଫ୍ଲାଟ୍ କିଣିଥିବା ଜଣାପଡ଼ିଥିଲା। ଆଉ ସେହି ଫ୍ଲାଟରେ ହିଁ ଅଶୋକ କୁମାର ପଣ୍ଡା ପରିବାର ସହ ରହୁଛନ୍ତି। କେବଳ ଗୋଟିଏ ନୁହଁ; ଏକାଧିକ ସମ୍ପତ୍ତି ଉଭୟଙ୍କ ଯୁଗ୍ମ ମାଲିକାନାରେ ରହିଥିବାବେଳେ ଟଙ୍କା ଦେଣନେଣ ସାମ୍ନାକୁ ଆସିଥିଲା। ଭାଗିଦାରିରେ ସମ୍ପତ୍ତି ଠାବ ହେବାପରେ ଶ୍ରୀ ପଣ୍ଡା ଭିଜିଲାନ୍ସ ସ୍କାନରକୁ ଆପେ ଆସି ଯାଇଥିଲେ। ଗତକାଲି ଭିଜିଲାନ୍ସର ଏକ ଟିମ୍ ଉକ୍ତ ଫ୍ଲାଟରେ ଚଢ଼ଉ କରିବାବେଳେ ବାହାର ପଟୁ ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ଶ୍ରୀ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ୍ ମଧ୍ୟ ସୁଇଚ୍ ଅଫ୍ ରହିଥିଲା। ତେବେ ବିଭିନ୍ନ ସ୍ଥାନରେ ଚଢ଼ଉ ସାରି ରାତିରେ କସ୍‌ମୋପଲିସ୍ ସ୍ଥିତ ଫ୍ଲାଟକୁ ସିଲ୍ କରିବାବେଳେ ଶ୍ରୀ ପଣ୍ଡା ବାହାର ପଟୁ ତାଲା ପକାଇ ପରିବାର ସହ ଫ୍ଲାଟ୍ ଭିତରେ ଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଥିଲେ। ଫ୍ଲାଟ୍ ସିଲ୍ ହେଉଥିବା ଜାଣିପାରି ଶ୍ରୀ ପଣ୍ଡା ଭିଜିଲାନ୍ସ ନିକଟରେ ହାଜର ହୋଇଥିଲେ। ଘରେ ଲୁଚିଥିବା ସମୟରେ ଶ୍ରୀ ପଣ୍ଡା ଏକ ଟଙ୍କା ଭର୍ତ୍ତି ବ୍ୟାଗ୍ ଝରକା ପଟେ ବାହାରକୁ ଫୋପାଡ଼ିଥିଲେ। ଆଜି ସକାଳୁ ଉକ୍ତ ବ୍ୟାଗକୁ ଭିଜିଲାନ୍ସ ଜବତ କରିଥିଲା। ବ୍ୟାଗ୍ ଭିତରୁ ୧ ଲକ୍ଷ ଟଙ୍କା, ୬୦ ଗ୍ରାମ ଓଜନର ସୁନାଗହଣା, ୧୦ ଗ୍ରାମର ରୁପା କଏନ, ଜମି ପଟ୍ଟା, ମୋବାଇଲ ଫୋନ, ଗାଡ଼ି ଚାବି ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରାଯାଇଛି।

■ ବାହାରୁ ତାଲା ପକାଇ ସପରିବାର ଘରେ ଲୁଚିଥିଲେ
■ ଚଢ଼ଉ ବେଳେ ଝରକା ପଟେ ଫୋପାଡ଼ିଲେ ଟଙ୍କା ବ୍ୟାଗ୍
■ ଠାବ ହେଲାଣି ୨ କୋଠା, ୨ ଦୋକାନ ଘର ଓ ଗୋଟିଏ ଫ୍ଲାଟ୍

ଅଶୋକ କୁମାର ପଣ୍ଡା ୨୦୦୭ ଏପ୍ରିଲ ମାସରେ କନିଷ୍ଠ ଯନ୍ତ୍ରୀ (ଠିକା) ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ୨୦୧୩ ଏପ୍ରିଲ ବେଳକୁ ତାଙ୍କ ଚାକିରି କନିଷ୍ଠ ଯନ୍ତ୍ରୀ (ସିଭିଲ) ନିୟମିତ ହୋଇ ଯାଇଥିଲା। ୨୦୧୪ ମସିହାରୁ ୨୦୨୦ ମସିହା ପର୍ଯ୍ୟନ୍ତ ଭୁବନେଶ୍ୱର ରୁରାଲ ୱାର୍କ ଡିଭିଜନ, ସମ୍ବଲପୁର ଗୁଣବତ୍ତା ନିୟନ୍ତ୍ରଣ ଡିଭିଜନ, ଖୋର୍ଦ୍ଧା ରାସ୍ତା ଓ କୋଠାବାଡ଼ି ଡିଭିଜନ, ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନରେ କନିଷ୍ଠ ଯନ୍ତ୍ରୀ ଭାବେ କାମ କରିଥିଲେ। ୨୦୨୦ ଡିସେମ୍ବର ମାସରେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ। ପଦୋନ୍ନତି ପରେ ମଧ୍ୟ ସେହି ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ-୩ରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ୧୮ ବର୍ଷର ଚାକିରି କାଳରେ ପ୍ରାୟ ୧୦ ବର୍ଷରୁ ଅଧିକ ସେ ଭୁବନେଶ୍ୱରରେ ବିତାଇଛନ୍ତି।

ଏତେ ସବୁ ଜବତ କରିବା ପରେ ବିଭିନ୍ନ ଶ୍ରୀ ପଣ୍ଡା ଓ ତାଙ୍କ ପରିବାରର ବେଆଇନ ସମ୍ପତ୍ତି ଠାବ କରିବାକୁ ଭିଜିଲାନ୍ସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଡୁମୁଡୁମା ସୋମନାଥ ଗାର୍ଡେନରେ ୪ ମହଲା କୋଠା, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରେ କୋଠା, କସମୋପଲିସ୍ ଆପାର୍ଟମେଣ୍ଟରେ ୪ ବିଏଚକେ ଫ୍ଲାଟ୍, ଭୁବନେଶ୍ୱରରେ ୮ଟି ପ୍ଲଟ୍, ପୁରୀରେ ଗୋଟିଏ ପ୍ଲଟ୍, ୧୨୫ ଗ୍ରାମ ଓଜନର ସୁନାଗହଣା, ୧୧୭ ଗ୍ରାମ ଓଜନର ରୁପା ଅଳଙ୍କାର, ୩୮ ଲକ୍ଷ ବ୍ୟାଙ୍କ ତଥା ପୋଷ୍ଟାଲ ଜମା, ଗୋଟିଏ କାର, ଉତ୍କଳ କନିକା ଗ୍ୟାଲେରିଆର ୨ଟି ଓ ସିମ୍ଫନୀ ମଲରେ ଗୋଟିଏ ଦୋକାନଘର ଠାବ ହୋଇଥିବା ବେଳେ ଘରୋଇ ଆସବାବପତ୍ରର ମୂଲ୍ୟ ୨୧ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି।

## ଜେଲ୍ ଗଲେ ରାଜକିଶୋର

**ଭୁବନେଶ୍ୱର,୩୦।୭(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ- ୩ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି। ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ରାଜକିଶୋରଙ୍କ ଘରେ ଚଢ଼ଉ କରିଥିଲା। ନୀଳାଦ୍ରି ବିହାରରେ ଗୋଟିଏ ୩ ମହଲା କୋଠା, କସ୍‌ମୋପଲିସ୍ ଆପାର୍ଟମେଣ୍ଟରେ ଫ୍ଲାଟ୍, ଗ୍ୟାଲେରିଆ ଏବଂ ସିମ୍ଫନୀ ମଲ୍‌ରେ ୨ଟି ବାଣିଜ୍ୟିକ ଆଉଟ୍‌ଲେଟ୍ (ଦୋକାନଘର), ୭୫ ଲକ୍ଷ ଟଙ୍କା ଜମା ଠାବ ହୋଇଥିଲା। ଏଥିସହିତ ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ରେ ୧୩ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟ ଠାବ କରିଥିଲା ଭିଜିଲାନ୍ସ। ଏହାବ୍ୟତୀତ ରାଜକିଶୋର ତାଙ୍କ ଦୁଇ ପିଲାଙ୍କ ପାଠପଢ଼ାରେ ପ୍ରାୟ ୬୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ତେବେ ଏତେ ପରିମାଣର ଟଙ୍କା କେଉଁଠୁ ଆସିଲା, ସେନେଇ ରାଜକିଶୋର କୌଣସି ସନ୍ତୋଷଜନକ ହିସାବ ଦେଇ ପାରି ନ ଥିଲେ। ରାଜକିଶୋରଙ୍କ ଜବତ ହୋଇଥିବା ସମ୍ପତ୍ତି ତାଙ୍କ ଆୟଠାରୁ ୩୧୭% ଅଧିକ ବୋଲି ଭିଜିଲାନ୍ସ କହିଛି।

# ଧର୍ମଶାଳା ବିଧାୟକଙ୍କ ବିରୋଧରେ ଅସଦାଚାରଣ ଅଭିଯୋଗ

**ଯାଜପୁର,୩୦।୭(ସମିସ):** ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଅନ୍ୟକେହି ନୁହନ୍ତି, ଏହି ଅଭିଯୋଗ ଆଣିଛନ୍ତି ରାଜ୍ୟ ବିଜେପି



ଥାନାରେ ଏତଲା ଦେଲେ ବିଜେପି ନେତାଙ୍କ ପତ୍ନୀ

ସଂଖ୍ୟାଲଘୁ ସେଲ୍‌ର ଜଣେ ନେତାଙ୍କ ପତ୍ନୀ। ବିଧାୟକ ହିମାଂଶୁ ଶେଖର ସାହୁ ତାଙ୍କୁ ଅସଦାଚରଣ କରିଥିବା ସଂକ୍ରାନ୍ତରେ ବିଜେପି ସଂଖ୍ୟାଲଘୁ ସେଲ୍ ସଭାପତି ସିକନ୍ଦର ଅଲ୍ଲୀଙ୍କ ପତ୍ନୀ ଦିଲଜୋଏ ଆଲାମ ଥାନାରେ ଏତଲା ଦେବା ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଛନ୍ତି।

ଅଭିଯୋଗ ମୁତାବକ ଗତ ୧୮ ତାରିଖରେ ସିକନ୍ଦର ବ୍ୟବସାୟିକ କାର୍ଯ୍ୟରେ ରାହାଡ଼ପୁର ପଥର ଖାଦାନ ଅଞ୍ଚଳକୁ ଯାଇଥିବା ବେଳେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ କେତେକ ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ସେହି ବ୍ୟକ୍ତିମାନେ ସିକନ୍ଦରଙ୍କ ମୋବାଇଲ ଛଡ଼ାଇ ନେବା ସହ ସେଠାରୁ ତଡ଼ି ଦେଇଥିଲେ। ଏ ସଂପର୍କରେ ଖବର ପାଇଁ ସିକନ୍ଦରଙ୍କ ପତ୍ନୀ ଦିଲଜୋଏ ଓ ଝିଅ ପଥରଖାଦାନ ବାହାରିଥିଲେ। ବାଟରେ ତେଲର ଗାଁ ନିକଟ ରେଲୱେ ଲେଭଲ କ୍ରସିଂ ନିକଟରେ ଧର୍ମଶାଳା ବିଧାୟକଙ୍କ ସହିତ ମୁହାଁମୁହିଁ ହୋଇଥିଲା। ସେଠାରେ ବିଧାୟକ ସେମାନଙ୍କୁ ଅସଭ୍ୟ ଭାଷାରେ ଧର୍ମକୁ ଆକ୍ଷେପ କରି ଗାଳିଗୁଲଜ କରିବା ସହିତ ତାଙ୍କ ଗାଡ଼ି ଭିତରକୁ ଟାଣି ନେବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ସିକନ୍ଦର ଜେନାପୁର ଥାନାରେ ତାଙ୍କୁ ଆକ୍ରମଣ କରିଥିବା ଗୁଣ୍ଡାମାନଙ୍କ ବିରୋଧରେ ଏତଲା ଦେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପୂର୍ବରୁ ହୋଇଥିବା ଏତଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁନଃ ଆଜି ସିକନ୍ଦରଙ୍କ ପତ୍ନୀ ଦିଲଜୋଏ ଆଲାମ ଉଭୟ ଜେନାପୁର ଓ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

ଏହି ଘଟଣା ପର ଠାରୁ ବିଜେପିର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ତୀବ୍ର ହୋଇଛି। ବିବାଦର ସମାଧାନ କରିବା ପାଇଁ ଦଳୀୟ ଫୋରମରେ ଉଦ୍ୟମ କରାଯାଇଥିଲେ ମଧ୍ୟ ବିଫଳ ହେବା ପରେ ଏହି ସମ୍ମୁଖ ଯୁଦ୍ଧ ଆରମ୍ଭ ହୋଇଥିବା ଜଣାପଡିଛି। ଅନ୍ୟପଟେ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି ଧର୍ମଶାଳା ବିଧାୟକ ହିମାଂଶୁ ସାହୁ। ଅଭିଯୋଗ କରିବାର ଅଧିକାର ସମସ୍ତଙ୍କର ଅଛି; ପୁଲିସ ତାର ତଦନ୍ତ କରିବ ବୋଲି ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଇବ୍ ନଦୀରେ ୨ ନିଖୋଜ

**ବାଲିଶଙ୍କରା,୩୦।୭(ସମିସ):** ବାଲିଶଙ୍କରା ବ୍ଲକ୍‌ର ପିକ୍‌ନିକ୍ ସ୍ପଟ କନାକୁଣ୍ଡକୁ ବୁଲିବାକୁ ଆସିଥିବା ୨ ଯୁବକ ଇବ୍ ନଦୀରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଦୁଇ ଜଣ ହେଲେ ଜୟନାରାୟଣ ପାତ୍ର (୧୮) ଓ ରୋଶନ ପାଶୱାନ (୧୯)। ସୂଚନାନୁଯାୟୀ,





ସମ୍ବଲପୁର ଜିଲ୍ଲାର ବାମରା ଗୋବିନ୍ଦପୁରର ମୁଣ୍ଡାପଡାର ୩ ଜଣ ସାଙ୍ଗ ଗୋଟିଏ ବୁଲେଟ ବାଇକରେ କନାକୁଣ୍ଡକୁ ବୁଲିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଆକାଶ ପାତ୍ର (୨୩) ବାହାରେ ବୁଲାବୁଲି କରୁଥିବାବେଳେ ନିଖୋଜ ଦୁଇ ଯୁବକ ଜୟନାରାୟଣ ଓ ରୋଶନ ଇବ୍ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଉଭୟ ପ୍ରଖର ଜଳସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ଏହା ଦେଖି ଆକାଶ ବାଲିଶଙ୍କରା ଦମକଳ ବାହିନୀ ଓ ତଳସରା ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାଲିଶଙ୍କରା ଦମକଳ ବାହିନୀ ଓ ତଳସରା ପୁଲିସ ପହଞ୍ଚି ନିଖୋଜ ୨ ଜଣ ଯୁବକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଆରମ୍ଭ କରିଛି। ତଳସରା ପୁଲିସ ଘଟଣାର ତଦନ୍ତ କରୁଛି। ଖବର ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ଦୁଇ ଯୁବକଙ୍କ କୌଣସି ସନ୍ଧାନ ମିଳିନାହିଁ। ପ୍ରକାଶ ଯେ, ପୂର୍ବରୁ ମଧ୍ୟ ଏହି ସ୍ଥାନରେ ୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା ନଜିର ରହିଛି।

# ନାରୀକୁ ନ୍ୟାୟ ଦାବିରେ ମହିଳା କଂଗ୍ରେସର ବିକ୍ଷୋଭ




**ଭୁବନେଶ୍ୱର,୩୦।୭(ସମିସ):** ନାରୀ ହିଂସା ପ୍ରତିବାଦରେ ମହିଳା କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ ସହ ନିଆରା ରାଲି କରିଛି। ଏହି ସମୟରେ ପୁଲିସ ଓ ମହିଳା କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ସୃଷ୍ଟି ହୋଇଥିବା ବେଳେ ବହୁ ମହିଳା କଂଗ୍ରେସ କର୍ମୀଙ୍କୁ ପୁଲିସ ରାସ୍ତାରୁ ଉଠାଇ ନେଇଛି। ରାଜ୍ୟ ମହିଳା କଂଗ୍ରେସର ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଶତାଧିକ ମହିଳା କଂଗ୍ରେସ ନେତ୍ରୀ ବୁଧବାର କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରାରେ ବାହାରି ବିଜେପି ପାର୍ଟି ଅଫିସ ଆଡକୁ ଯାଇ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିଜେପି ସଭାପତିଙ୍କ ଫଟୋରେ ପ୍ରତୀକାତ୍ମକ ଭାବେ ଚୁଡ଼ି ପିନ୍ଧାଇବା ସହ ପୋଷ୍ଟର ଦାହ କରିଥିଲେ।

ମହିଳା ନେତ୍ରୀମାନେ ହାତରେ ପ୍ଲା-କାର୍ଡ ଧରି ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ହିଂସା ବିରୋଧରେ ପ୍ରବଳ ଗର୍ଜିବା ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଇସ୍ତଫା ଦାବି କରିଥିଲେ। ଯେପର୍ଯ୍ୟନ୍ତ ନାରୀଙ୍କୁ ନ୍ୟାୟ ପ୍ରଦାନ ସହ ରାଜ୍ୟରେ ନାରୀଙ୍କୁ ସମ୍ମାନ ଓ ଆଇନଶୃଙ୍ଖଳା ଠିକ୍ ନ ହୋଇଛି, ସେଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ମହିଳା କଂଗ୍ରେସ ପକ୍ଷରୁ କୁହାଯାଇଛି। ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହୀନିପତି କହିଛନ୍ତି ଯେ ବିଜେପିର ଜଣେ ବଡ଼ ନେତା ମହିଳାମାନଙ୍କୁ କିପରି ନିର୍ଯାତନା ଦେଉଥିଲେ, ତାହା ଓଡ଼ିଶାବାସୀ ଦେଖିଛନ୍ତି। ତାଙ୍କୁ ଦିଲ୍ଲୀରେ ଓଡ଼ିଶା ଭବନଠାରେ ଚାବିପକାଯାଇଥିଲା। ସେ ଏବେ କଂଗ୍ରେସ ଦଳ କଥା କହୁଛନ୍ତି। ସରକାରଙ୍କଠାରୁ ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ମଗାଯାଉଛି। ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ମହିଳା ସୁରକ୍ଷିତ ନାହାନ୍ତି। ସେ କିପରି ରାଜ୍ୟର ମହିଳାଙ୍କୁ ସୁରକ୍ଷା ଦେବେ। ତେଣୁ ସେ ଇସ୍ତଫା ଦେଇଦେବା ଉଚିତ ବୋଲି ସେ କହିଛନ୍ତି।

# ଚଳିତ ବର୍ଷ ବି ଛାତ୍ର ସଂସଦ ନିର୍ବାଚନ ଅନିଶ୍ଚିତ!

**ଭୁବନେଶ୍ୱର, ୩୦।୭(ସମିସ):** ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ବହୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିକ୍ଷାମନ୍ତ୍ରୀ ସାଧାରଣରେ ଘୋଷଣା କରିବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ବିଭିନ୍ନ ଛାତ୍ର ସଂଗଠନ ହେଲ୍ପଡେସ୍କ, ଚାରା ରୋପଣ ଓ ବନ୍ଧୁ ମିଳନ ନାମରେ ସଂଗଠନ ସୁଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ହେଲେ ଏଫ୍‌ଏମ୍ କଲେଜ ଛାତ୍ରୀ ନିର୍ଯ୍ୟାତିତ ହେବା ଅଭିଯୋଗ କେହି ନ ଶୁଣିବାରୁ ଆତ୍ମଦାହ କରିବା ଘଟଣା ସରକାରଙ୍କୁ ଅଡୁଆରେ ପକାଇଛି। ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା ସୁରକ୍ଷିତ ନ ଥିବା ବିରୋଧୀ ଅଭିଯୋଗ କରିବା ଏବଂ ବହୁ ଅଧ୍ୟାପକ ଅସଦାଚରଣ ମାମଲାରେ ଜେଲ୍ ଯିବା ଘଟଣାରେ ସରକାର ଛନ୍ଦି ହୋଇଥିବାରୁ ଛାତ୍ର ସଂସଦ ନିର୍ବାଚନ ନେଇ ଆଶଙ୍କା ପ୍ରକାଶ ପାଇଛି। ବାଲେଶ୍ୱର ଛାତ୍ରୀ ଆତ୍ମଦାହ ଘଟଣା ପରଠାରୁ କ୍ୟାମ୍ପସ୍‌ରେ ଛାତ୍ର ସଂଗଠନଙ୍କ କାର୍ଯ୍ୟକ୍ରମ ଶିଥିଳ ହୋଇଥିବାବେଳେ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ସୁଧାରିବା ଆଳରେ ନିର୍ବାଚନ ଟାଳିଦେବାକୁ ସରକାର ବିଚାର କରୁଥିବା ଅଭିଯୋଗ ହୋଇଛି।

ସାଧାରଣତଃ ଦଶହରା ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ହୋଇଥାଏ। ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସପ୍ତାହରେ ନିର୍ବାଚନ କରିବାକୁ ପ୍ରାୟ ଚୂଡ଼ାନ୍ତ ହୋଇଥିଲା। ସେପ୍ଟେମ୍ବର ୧୫ ତାରିଖ ପରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ୧୬ ବା ୧୭ ତାରିଖରେ ନାମାଙ୍କନ ଦାଖଲ ତାରିଖ ସ୍ଥିର କରିବାକୁ ବିଭାଗସ୍ତରରେ ପ୍ରସ୍ତୁତି ହୋଇଥିଲା। ହେଲେ ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମଦାହ ପରେ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ପ୍ରମୁଖ ପ୍ରସଙ୍ଗ ହୋଇଛି। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗକୁ ଉଚ୍ଚଶିକ୍ଷା ବିଭାଗ ଚାପି ରଖିଥିବା ଉଜାଗର ହୋଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାପା ଅସନ୍ତୋଷ ଥିବାରୁ ସରକାର ଛାତ୍ର ସଂସଦ ନିର୍ବାଚନ କରିବା ନେଇ ପୁଣିଥରେ ବିଚାରବିମର୍ଶ ଚଳାଇଛନ୍ତି। ଅପରପକ୍ଷରେ ଜୁଲାଇ ମାସ ଶେଷ ହୋଇଥିଲେ ମଧ୍ୟ ଉଚ୍ଚ ଶିକ୍ଷା ବିଭାଗର ଶୈକ୍ଷିକ କ୍ୟାଲେଣ୍ଡର ପ୍ରକାଶ ପାଇନାହିଁ। ଶିକ୍ଷାବର୍ଷ ଆରମ୍ଭ ହେବାର ୪ମାସ ପରେ ମଧ୍ୟ ଶୈକ୍ଷିକ କ୍ୟାଲେଣ୍ଡର ପ୍ରକାଶ କରୁ ନଥିବାରୁ ଆଶଙ୍କା ବହୁଗୁଣିତ ହୋଇଛି। ଏପରିକି ନିର୍ବାଚନ ଘୋଷଣା ପୂର୍ବରୁ ଅଭ୍ୟନ୍ତରୀଣ ସର୍ଭେ କରି ବାତାବରଣ ପରଖିବାକୁ ସରକାର ଯୋଜନା କରୁଥିବା ଅଭିଯୋଗ ହୋଇଛି।

# ରାକ୍ଷୀ ପୂର୍ଣ୍ଣମୀରେ ସୁଭଦ୍ରା ତୃତୀୟ କିସ୍ତି

● ଯୋଗ୍ୟ ହିତାଧିକାରୀଙ୍କୁ ଏକାଥରକେ ମିଳିବ
● ବଞ୍ଚିତ ହେବେ ୬୦ପର ୯୩ ହଜାର ମହିଳା

**ଭୁବନେଶ୍ୱର,୩୦।୭(ସମିସ):** ଆସନ୍ତା ଅଗଷ୍ଟ ୯ ତାରିଖ ରାକ୍ଷୀ ପୂର୍ଣ୍ଣମୀରେ ମିଳିବ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା। ଏହାପରେ ପୁଣି ସୁଭଦ୍ରା ପୋର୍ଟାଲ ଖୋଲିବ। ୨୧ ବର୍ଷ ହୋଇଥିବା ମହିଳାମାନେ ଆବେଦନ କରିପାରିବେ। ଏବଂ ଯେଉଁମାନେ ୬୦ବର୍ଷ ଅତିକ୍ରମ କରିଯାଇଛନ୍ତି ସେମାନଙ୍କୁ ଭତ୍ତା ପ୍ରଦାନ କରାଯିବ। ୬୦ବର୍ଷ ହୋଇଥିବା ପ୍ରାୟ ୯୩ ହଜାର ମହିଳାଙ୍କ ତଥ୍ୟ ସିଧାସଳଖ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ପ୍ରଦାନ କରାଯାଇଛି। ଯେଉଁମାନେ ସୁଭଦ୍ରାରୁ ବଞ୍ଚିତ ହେବେ ସେମାନେ ଭତ୍ତାରେ ଯୋଡ଼ି ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏବେ ୨ଲକ୍ଷ ହିତାଧିକାରୀଙ୍କୁ ରଦ୍ଦ କରାଯାଇଛି। କେଉଁ କାରଣରୁ ବାଦ୍ ପଡ଼ିଛନ୍ତି ସେମାନଙ୍କ ତାଦରଖ କରାଯିବ। ପ୍ରଥମ କିସ୍ତି ନେଲା ପରେ ଆଇଟି ରିଟର୍ଣ୍ଣ, ଗାଡି କିଣା ଏବଂ ସେମାନଙ୍କର ୫ ଏକର ଜମି ଥିବା ସଂକ୍ରାନ୍ତରେ ଯେଉଁମାନଙ୍କର ତଥ୍ୟ ମିଳିଛି, ସେମାନଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ଜମି ସମ୍ବନ୍ଧୀୟ ତଥ୍ୟ ପାଇଁ ତହସିଲଦାର ବା ରାଜସ୍ୱ ବିଭାଗ, ଆଇଟି ରିଟର୍ଣ୍ଣରେ ଆୟକର ବିଭାଗ ଏବଂ ଯେଉଁମାନେ ଗାଡ଼ି କିଣିଛନ୍ତି ସେଥିପାଇଁ ଟ୍ରାନ୍ସପୋର୍ଟ ବିଭାଗରୁ ତୃଣମୂଳସ୍ତରରୁ ରିପୋର୍ଟ ଗ୍ରହଣ କରାଯିବ। ସେହିପରି କେହି କେହି ଚୁକ୍ତିଭିତ୍ତିକ ଚାକିରି କରୁଥିବା ବେଳେ ସେମାନେ ସରକାରୀ ଚାକିରି କରୁଥିବା ଦର୍ଶାଯାଇଛି। ତେଣୁ ଏହି ସମସ୍ତ ଦିଗ ଉପରେ ଯାଞ୍ଚ କରାଯିବ। ଅଗଷ୍ଟ ୯ ପରେ ସେମାନଙ୍କୁ ଯୋଡ଼ିବା ପାଇଁ ପୁଣିଥରେ ସର୍ଭେ କରାଯିବ। ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେମାନେଙ୍କ ଏକାଥରକେ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଭାତୀ ପରିଡ଼ା କହିଛନ୍ତି।

# ବନ୍ୟା ପାଣିରେ ଯାଇ ଗର୍ଭବତୀଙ୍କୁ ମେଡିକାଲ ଆଣିଲେ ଡାକ୍ତର

**ରାଜନଗର,୩୦।୭(ସମିସ):** ବ୍ରାହ୍ମଣୀରେ ଦ୍ୱିତୀୟଥର ବନ୍ୟା ଆସିଛି। ରାଜନଗର ବ୍ଲକର ୪ଟି ପଞ୍ଚାୟତର ୨୦ ହଜାର ଲୋକ ପାଣି ଘେରରେ ରହିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ବନ୍ୟା ବିପନ୍ନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଉଦାହରଣ ସୃଷ୍ଟି କରିଛି। ବନ୍ୟା ପାଣିରେ ଗାମୁଛା ପିନ୍ଧି ବାଡ଼ି ଧରି ଗର୍ଭବତୀଙ୍କ ପାଖରେ ପହଞ୍ଚି ତାଙ୍କୁ ଟ୍ରଲି ଯୋଗେ ଆଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଯୋଗାଇ ଦେଇଛନ୍ତି।



ରାଜନଗର ବ୍ଲକ୍‌ର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ବାଜପୁର ପଞ୍ଚାୟତ ବନ୍ୟା ପାଣି ଘେରରେ ରହିଛି। ବନ୍ଧପଡ଼ା ପଞ୍ଚାୟତ ଚକିବାଙ୍କ ଗ୍ରାମର ସଙ୍ଘମିତ୍ରା ରାଉତଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କ ସ୍ୱାମୀ ପ୍ରସନ୍ନ ରାଉତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫୋନ ଯୋଗେ ଜଣାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ଓ ଡାକ୍ତର ମନୋରଞ୍ଜନ ନାଥ ଅଡାଯୋଡ଼ି ନିକଟରେ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ଗାଁକୁ ଯିବାକୁ ଡଙ୍ଗା ବ୍ୟବସ୍ଥା ନ ଥିଲା। ଫଳରେ ଦୁଇ ଡାକ୍ତର ଗାମୁଛା ପିନ୍ଧି ଛତା ଓ ବାଡ଼ି ଧରି ବନ୍ୟା ପାଣିରେ ପଶି ଚକିବାଙ୍କ ଗାଁର ଗର୍ଭବତୀ ମହିଳା ସଙ୍ଘମିତ୍ରା ରାଉତଙ୍କ ନିକଟରେ ପହଞ୍ଚିଥିଲେ। ୧ କିଲୋମିଟର ବାଟ ୩ ଫୁଟ୍ ପାଣିରେ ପଶି ପହଞ୍ଚିଥିଲେ। ଗାଁ ଲୋକଙ୍କ ସହଯୋଗରେ ଏକ ଟ୍ରଲି ସାହାଯ୍ୟରେ ଗର୍ଭବତୀ ମହିଳାଙ୍କୁ ବନ୍ୟା ପାଣିରେ ଆଣି ଅଡାଯୋଡି ନିକଟରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଥିବା ଆମ୍ବୁଲାନ୍ସରେ ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଛି। ସେହିଭଳି ଟାଙ୍ଗଣତେଲା ଗ୍ରାମର ପ୍ରଭାତ ରାଉତଙ୍କ ଗର୍ଭବତୀ ସ୍ତ୍ରୀ ଗୀତାଞ୍ଜଳି ରାଉତଙ୍କୁ ମଧ୍ୟ ବନ୍ୟାଞ୍ଚଳରୁ ଉଦ୍ଧାର କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ଏ ନେଇ ଡାକ୍ତରଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ଚାଉଳ ଗଣ୍ଡେ ପାଇଁ ଭରାନଈରେ ଜୀବନ ବାଜି

**ତେଲକୋଇ, ୩୦।୭(ସମିସ):** ଆଧୁନିକତାର ଛାପ ଏବଂ ବିକାଶର ଦ୍ୱାହି ଭିତରେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ବଡଖମଣ ଗାଁର ଅଧିବାସୀମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ପାଇଁ ହନ୍ତସନ୍ତ ହେବାର ଏକ ଜ୍ୱଳନ୍ତ ଘଟଣା ସାମନାକୁ ଆସିଛି। ବ୍ଲକର ଉପାନ୍ତ ପଞ୍ଚାୟତ ତାଳପଦା ପଞ୍ଚାୟତ। ପଞ୍ଚାୟତରେ ରହିଛି ବଡଖମଣ ଗାଁ। ବଡଖମଣ ଗାଁକୁ ବାଟ ଓଗାଳିଛି ସମାକୋଇ ନଦୀ। ନଦୀରେ ପୋଲ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗାଁର ବୃଦ୍ଧବୃଦ୍ଧା ସରକାରଙ୍କ ଚାଉଳ ପାଇବା ପାଇଁ ଭରା ନଈ ପାରି ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଧାଉଁଛନ୍ତି।



ବର୍ଷା ୪ମାସ ଗାଁ ଚାରିପଟେ ସମାକୋଇ ନଦୀ ଘେରି ରହିଥିବାରୁ ଜଳବନ୍ଦୀ ଅବସ୍ଥାରେ ଦିନ କାଟିଥାନ୍ତି ଗାଁଲୋକେ। ଗର୍ଭବତୀ ମହିଳାଙ୍କଠାରୁ ଆରମ୍ଭ କରି ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନା ନେବା କାଠିକର ହୋଇପଡେ। ରୋଗୀଙ୍କୁ ଖଟିଆରେ ବୋହି ନଦୀ ପାରି କରାଇଥାନ୍ତି ଗ୍ରାମବାସୀ। ନଦୀର ଜଳସ୍ତର ବୃଦ୍ଧି ହେଲେ ଗର୍ଭବତୀ ମହିଳା ଓ ଗୁରୁତର ରୋଗୀ ଭଗବାନଙ୍କ ଭରସାରେ ରହିଥାନ୍ତି। ସେହିଭଳି ପଞ୍ଚାୟତରୁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ନେବାପାଇଁ ମଧ୍ୟ ଲୋକଙ୍କୁ ସମାକୋଇ ନଦୀ ପାରି ହେବାକୁ ପଡ଼ିଥାଏ। ବୃଦ୍ଧବୃଦ୍ଧାଙ୍କଠାରୁ ଆରମ୍ଭ କରି ଯୁବକ ପର୍ଯ୍ୟନ୍ତ ସମସ୍ତେ ନିଜର ପେଟ ପାଇଁ ଛାତିଏ ବେକେ ପାଣିରେ ଚାଉଳ ନେବାପାଇଁ ଜୀବନକୁ ବାଜିରେ ଲଗାଇଥାନ୍ତି। କିଏ କାନ୍ଧରେ ବୋହି ତ ଆଉ କିଏ ମୁଣ୍ଡରେ ଚାଉଳ ବସ୍ତା ବୋହି ବିପଦସଙ୍କୁଳ ଅବସ୍ଥାରେ ନଦୀ ପାରି ହୋଇଥାନ୍ତି।

ଗାଁରେ ଦୁଇଟି ସାହିରେ ୧୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ରାସ୍ତାଘାଟର ସୁବିଧା ସେମାନଙ୍କ ନିକଟରେ ଅପହଞ୍ଚ ହୋଇପଡିଛି। ପାଦଚଲା ରାସ୍ତା ଭରସା ପାଲଟିଛି। ଗାଁଗଣ୍ଡାରେ ରାସ୍ତାଘାଟର ଉନ୍ନତି ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସ୍ୱାଧୀନତାର ଅମୃତ ବେଳାରେ ମଧ୍ୟ ବଡଖମଣ ଗାଁ ଲୋକେ ଲୋକେ ବିକାଶର ସ୍ୱାଦ କ'ଣ ଚାଖି ପାରିନାହାନ୍ତି। ରାସ୍ତାଘାଟ ପାନୀୟଜଳ, ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। କେତେ ସରକାର ଗଲେଣି କେତେ ସରକାର ଆସିଲେଣି। ହେଲେ ଲୋକଙ୍କ ସମସ୍ୟା ଦୂର ହେବାର ନାଁ ଧରୁନି। ଦୀର୍ଘଦିନ ଧରି ବଡଖମଣ ଗ୍ରାମବାସୀ ଯାତାୟାତ ସମସ୍ୟାରେ ଯୁଝି ହେଉଥିବା ବେଳେ କେବେ ସରକାରଙ୍କ ନିଦ ଭାଙ୍ଗୁନାହିଁ କି ସ୍ଥାନୀୟ ପ୍ରଶାସନ ଏମାନଙ୍କ ସମସ୍ୟା ଦୂର କରିବା ପାଇଁ ଆଗଭର ହେଉନାହିଁ। ଆଉ ବଡଖମଣବାସୀଙ୍କ ଯାତାୟାତ ପାଇଁ ସମାକୋଇ ନଦୀ ଉପରେ ପୋଲ ନିର୍ମାଣ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଅପରେସନ ସିନ୍ଦୂର ବିତର୍କ

# ସେନାର ବୀରତ୍ୱକୁ ବିଜେଡି ସାଂସଦଙ୍କ ପ୍ରଶଂସା

## ଅଦମ୍ୟ ସାହସ, ରଣକୌଶଳ ଏବଂ ବୀରତ୍ୱ ପ୍ରଦର୍ଶନ କରିଛି ଭାରତୀୟ ସେନା







**ଭୁବନେଶ୍ୱର,୩୦।୭(ସମିସ):** ଅପରେସନ ସିନ୍ଦୂର ଭାରତୀୟ ସେନାବାହିନୀର ପ୍ରତିଟି ଜବାନଙ୍କ ଅଦମ୍ୟ ସାହସ, ଶୌର୍ଯ୍ୟକୁ ପ୍ରମାଣିତ କରୁଛି। ବିପରୀତ ପରିସ୍ଥିତି ସମୟରେ ଯେ ସମସ୍ତ ଭାରତବାସୀ ଏକ ଏବଂ ଅଭିନ୍ନ, ତାହା ସିନ୍ଦୂର ପ୍ରମାଣିତ କରିଛି ବୋଲି ଉଲ୍ଲେଖ କରି ଅପରେସନ ସିନ୍ଦୂରରେ ଭାରତୀୟ ସେନାର ଭୂମିକାକୁ ସଂସଦରେ ପ୍ରଶଂସା କରିଛି ବିଜେଡି।

ଆଲୋଚନାରେ ଭାଗ ନେଇ ବିଜେଡି ସଂସଦୀୟ ଦଳ ନେତା ଡ. ସସ୍ମିତ ପାତ୍ର କହିଥିଲେ ଯେ ଅପରେସନ ସିନ୍ଦୂରର ପ୍ରକୃତ ନାୟକ ତଥା ଭାରତୀୟ ସଶସ୍ତ୍ର ବାହିନୀକୁ ଆମେ କୃତଜ୍ଞତା ଜ୍ଞାପନ କରୁଛୁ। ପହଲଗାମରେ ଆତଙ୍କବାଦୀଙ୍କ ଭୀରୁତାପୂର୍ଣ୍ଣ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଆମ ସଶସ୍ତ୍ର ବାହିନୀର ସେନା ସାହସ, ବୀରତ୍ୱ ଏବଂ ଦକ୍ଷତା ପ୍ରଦର୍ଶନ ପୂର୍ବକ ଏହି ଅଭିଯାନକୁ ସଫଳ କରିଥିଲେ। ଓଡ଼ିଶାର ସାଢ଼େ ୪ କୋଟି ଓଡ଼ିଆ ସବୁବେଳେ ସେନା ବାହିନୀର ସମର୍ଥନରେ ରହି ଆସିଛନ୍ତି। ଜଣେ ଦୁର୍ଦ୍ଦଶ ପାଇଲଟ ଏବଂ ସ୍ୱାଧୀନତା ସଂଗ୍ରାମୀ ଭାବେ ବିଜୁ ବାବୁଙ୍କର ସାହସ, ଦୂରଦୃଷ୍ଟି ଏବଂ ଜାତୀୟତା ପ୍ରୀତି ରାଷ୍ଟ୍ର ପ୍ରତି ଓଡ଼ିଶାବାସୀଙ୍କ ପ୍ରତିବଦ୍ଧତାକୁ ସବୁବେଳେ ପଥ ପ୍ରଦର୍ଶନ କରି ଆସୁଥିବ ବୋଲି ଡ. ପାତ୍ର କହିଛନ୍ତି।

ସେହିପରି ସାଂସଦ ମାନସ ମଙ୍ଗରାଜ କହିଛନ୍ତି ଯେ ପହଲଗାମରେ ଆତଙ୍କବାଦୀଙ୍କ ଭୀରୁତାପୂର୍ଣ୍ଣ ଆକ୍ରମଣ ପରେ ଗତ ମେ ୭ ତାରିଖରେ ଭାରତୀୟ ସେନା ଯେଉଁଭଳି ଭାବେ ଅସାଧାରଣ ଓ ଐତିହାସିକ ଅପରେସନ ସିନ୍ଦୁରକୁ କାର୍ଯ୍ୟକାରୀ କରିଥିଲା, ସେଥିପାଇଁ ଭାରତୀୟ ସଶସ୍ତ୍ର ବାହିନୀ ନିକଟରେ ଆମେ କୃତଜ୍ଞ। ଅପରେସନ ସିନ୍ଦୂର କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନଥିଲା। ଏହା ଆମ ସେନାବାହିନୀର ଶକ୍ତି ଏବଂ ଯୁଦ୍ଧ ପ୍ରସ୍ତୁତିର ଏକ ପ୍ରମାଣ ଥିଲା। ଏହି ମିଶନର ସାମରିକ ସଠିକତା କେବଳ ପ୍ରେରଣାଦାୟୀ ନୁହେଁ, ବରଂ ଏହା ପଛରେ ଥିବା ମୂଲ୍ୟବୋଧ ବେଶ୍ ଗୁରୁତ୍ୱ ବହନ କରୁଛି। ଜାତୀୟ ସୁରକ୍ଷା ଏବଂ ମାନବୀୟ ନୀତି ଉଭୟ ପ୍ରତି ଭାରତର ଅଟଳ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି। ଆମର ସେନା ବାହିନୀ ସାଧାରଣ ଲୋକଙ୍କ ଜୀବନ ରକ୍ଷାରେ ବିଶ୍ୱାସ କରେ ଏବଂ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ମଧ୍ୟ ପ୍ରତ୍ୟେକ ନାଗରିକର ମର୍ଯ୍ୟାଦା ବଜାୟ ରଖିଥାଏ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶାରୁ ମୁଁ ପ୍ରତିନିଧିତ୍ୱ କରୁଥିବା ବେଳେ ଓଡ଼ିଶାର ଲୋକମାନେ ମଧ୍ୟ ସବୁ ସମୟରେ ଆମ ସଶସ୍ତ୍ର ବାହିନୀର ସମର୍ଥନରେ ଠିଆ ହୋଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ସାମରିକ କାର୍ଯ୍ୟକଳାପ ପର୍ଯ୍ୟନ୍ତ; ଭାରତୀୟ ସେନା ସବୁବେଳେ ଶୃଙ୍ଖଳା ଏବଂ ନିଜ କାର୍ଯ୍ୟରେ କର୍ତ୍ତବ୍ୟନିଷ୍ଠ ରହି ଆସିଛି ବୋଲି ଶ୍ରୀ ମଙ୍ଗରାଜ ମତବ୍ୟକ୍ତ କରିଛନ୍ତି।

ଆଲୋଚନାରେ ଭାଗ ନେଇ ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି ଯେ ମୁଁ ଭାରତୀୟ ସେନାର ବୀରତାକୁ ପ୍ରଣାମ କରୁଛି। ଅପରେସନ ସିନ୍ଦୂରର ସଫଳତା କେବଳ ଭାରତୀୟ ସେନାର ରାଷ୍ଟ୍ରୀୟ ସୁରକ୍ଷାକୁ ସୁନିଶ୍ଚିତ କରୁନାହିଁ, ବରଂ ମାନବୀୟ ମୂଲ୍ୟ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି। ପ୍ରତିଟି ଜୀବନ ମହତ୍ତ୍ୱପୂର୍ଣ୍ଣ ଅଟେ ବୋଲି ଆମ ସେନା ନିଜର ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ବଳରେ ଏହାକୁ ପ୍ରମାଣିତ କରିଛି। ଭାରତ ସବୁବେଳେ ବିଶ୍ୱକୁ ଶାନ୍ତି ଏବଂ କରୁଣାର ସନ୍ଦେଶ ଦେଇ ଆସିଛି। ମାତ୍ର ଯେତେବେଳେ ଦେଶର ସୁରକ୍ଷା ଏବଂ ରାଷ୍ଟ୍ରୀୟ ସ୍ୱାଭିମାନ ପ୍ରତି ଆଞ୍ଚ ଆସିଛି, ଭାରତ ଶାନ୍ତି ସହ ଶକ୍ତିର ପରିଚୟ ଦେବା ଜାଣିଛି। ଦେଶର ସୁରକ୍ଷା ରାଜନୀତି ଉପରେ ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି। ଅନ୍ୟତମ ସାଂସଦ ସୁଲତା ଦେଓ ପହଲଗାମ ଆତଙ୍କୀ ଆକ୍ରମଣରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ କହିଛନ୍ତି ଯେ ଏହି ଆତଙ୍କୀ ଘଟଣାରେ ଯାହାଙ୍କର ସିନ୍ଦୂର ଲିଭିଯାଇଛି, ଏହି ଅପରେଶନ ସିନ୍ଦୂର ସେମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିଥିବ ନିଶ୍ଚୟ। ଏହି ଅପରେସନରେ ସାମିଲ ଥିବା ଆମ ସେନା ବାହିନୀର ପ୍ରତିଟି ଜବାନଙ୍କର ଯେତେ ପ୍ରଶଂସା କଲେ ମଧ୍ୟ ତାହା କମ୍ ହେବ। ଜଣେ ମହିଳା ଭାବେ ମୁଁ କର୍ଣ୍ଣେଲ ସୋଫିଆ କ୍ୟୁରେସି ଏବଂ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂଙ୍କୁ ମୁଁ ପ୍ରଶଂସା କରୁଛି। ଏହି ଅବସରରେ ସେ ସେନାବାହିନୀକୁ ଉନ୍ନତ ଜ୍ଞାନକୌଶଳ ଯୋଗାଇଦେବାକୁ ପରାମର୍ଶ ଦେଇନ୍ତି। ସାଂସଦ ନିରଞ୍ଜନ ବିଶି କହିଛନ୍ତି ଯେ ଅପରେସନ ସିନ୍ଦୂରର ସଫଳତା ପାଇଁ ଭାରତୀୟ ସେନାବାହିନୀର ପ୍ରତିଟି ଜବାନଙ୍କ ଅଦମ୍ୟ ସାହସକୁ ପ୍ରଣାମ କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଭାରତୀୟ ସେନାବାହିନୀଙ୍କୁ ନୈତିକ ସମର୍ଥନ ଦେବା ପାଇଁ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରିଥିଲା। ଭାରତ ଗଣତନ୍ତ୍ରର ଜନନୀ ହୋଇଥିବା ବେଳେ ପାକିସ୍ତାନ ଆତଙ୍କବାଦର ଜନନୀ। ପାକିସ୍ତାନ ସହ ଏକାଧିକ ରାଜିନାମା ହୋଇଥିବା ସତ୍ତ୍ୱେ, ପାକିସ୍ତାନ ଏହାକୁ ଉଲ୍ଲଂଘନ କରି ଆସିବା ବେଳେ ଆତଙ୍କବାଦ କାର୍ଯ୍ୟକଳାପ ଜାରି ରଖିଛି। ଅପରେସନ ସିନ୍ଦୂର ଭାରତୀୟ ସେନାର ଆମ ଦେଶର ଏକତା, ଦୃଢ଼ତା ସହ ଭାରତୀୟ ସେନା ବାହିନୀର ଅଦମ୍ୟ ସାହସ, ଦକ୍ଷତା ଏବଂ ଲଢ଼େଇ କରିବାର ମାନସିକତାକୁ ପ୍ରଦର୍ଶିତ କରିଛି ବୋଲି ସେ କହିଛନ୍ତି।

■ ଟ୍ରମ୍ପଙ୍କ ବାରମ୍ବାର ଯୁଦ୍ଧବିରାମ ବିବୃତି

# ସଂସଦରେ ସ୍ୱଷ୍ଟୀକରଣ ଲୋଡ଼ିଲା ବିଜେଡି

ଭୁବନେଶ୍ୱର,୩୦।୭(ସମିସ): ଅପରେସନ ସିନ୍ଦୂର ସମୟରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧବିରାମ କରିଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଫୋରମରେ ଏକାଧିକ ବାର ଦାବି କରି ଆସୁଛନ୍ତି। ଏନେଇ କେନ୍ଦ୍ର ସରକାର ସ୍ୱଷ୍ଟତା ରଖିବାକୁ ସାଧାରଣରେ ଦାବି ହୋଇ ଆସୁଥିବା ବେଳେ ବୁଧବାର ରାଜ୍ୟସଭାରେ ସମାନ ଦାବି ଉଠାଇଛି ବିଜେଡି। ଆମେରିକୀୟ ରାଷ୍ଟ୍ରପତି ସାଧାରଣରେ ଯୁଦ୍ଧବିରାମକୁ ନେଇ ଯେଉଁ ବୟାନ ଦେଉଛନ୍ତି ସେନେଇ ସ୍ୱଷ୍ଟୀକରଣ ରଖିବାକୁ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ଡ. ସସ୍ମିତ ପାତ୍ର ଦାବି କରିଛନ୍ତି।

ଅପରେସନ ସିନ୍ଦୂର ଆଲୋଚନା ବେଳେ ନିଜ ବକ୍ତବ୍ୟରେ ଡ. ପାତ୍ର କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ରିପୋର୍ଟ ଅନୁଯାୟୀ ଗତ ଏପ୍ରିଲ ୨୨ ତାରିଖରୁ ଜୁନ୍ ୧୭ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଫୋନ ଯୋଗେ କୌଣସି ବାର୍ତ୍ତାଳାପ ହୋଇନାହିଁ। ଯାହା ଭାରତ ଅପରେସନ ସିନ୍ଦୂରକୁ ସ୍ୱାଧୀନତାର ସହ ପରିଚାଳିତ କରୁଥିବା ପ୍ରମାଣ କରୁଛି। ତେବେ ଏହି ସମୟ ମଧ୍ୟରେ ଭାରତ ଆମେରିକୀୟ ପ୍ରଶାସନ ସହ ଅପରେସନକୁ ନେଇ କୌଣସି ପ୍ରକାର ଯୋଗାଯୋଗରେ ଥିଲା କି ବୋଲି ମୁଁ ମୋ ଦଳ ପକ୍ଷରୁ ପ୍ରଶ୍ନ କରିବାକୁ ଚାହୁଁଛି। ଆମେରିକା ରାଷ୍ଟ୍ରପତି କଣ ପାଇଁ ସାଧାରଣରେ ବାରମ୍ବାର ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧବିରାମ କରିଥିବା ନେଇ ଦାବି କରୁଛନ୍ତି। ନିଜେ ଆମେରିକା ରାଷ୍ଟ୍ରପତି କିମ୍ବା ତାଙ୍କ ପ୍ରଶାସନ ଯୁଦ୍ଧ ବିରାମରେ କୌଣସି ପ୍ରକାର ଭୂମିକା ନିର୍ବାହ କରିଛନ୍ତି କି ନାହିଁ ତାହା କେନ୍ଦ୍ର ସରକାର ସ୍ୱଷ୍ଟ କରନ୍ତୁ। ଏନେଇ ମୋ ଦଳ ପକ୍ଷରୁ ମୁଁ କେନ୍ଦ୍ର ସରକାରଙ୍କ ନିକଟରୁ ଉତ୍ତର ଚାହୁଁଛି ବୋଲି ସେ କହିଛନ୍ତି।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଦକ୍ଷତା ବିକାଶ କର୍ମଶାଳା

# ଅଗଷ୍ଟ ୧ରୁ 'ଆସ ଯିବା ଅଙ୍ଗନବାଡ଼ି' ଅଭିଯାନ

**ଭୁବନେଶ୍ୱର,୩୦।୭(ସମିସ):** ତୃଣମୂଳସ୍ତରରେ ସିଡିପିଓମାନଙ୍କ ଦକ୍ଷତା ହିଁ ଆମର ଶକ୍ତି। ବିକଶିତ ଓଡ଼ିଶା ୨୦୩୬ରେ ଓଡ଼ିଶାକୁ ଏକ ଅପପୁଷ୍ଟି ମୁକ୍ତ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟ ପୂରଣ ଦିଗରେ ଶିଶୁ ପ୍ରକଳ୍ପ ଅଧିକାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତବ୍ୟକ୍ତ କରିଛନ୍ତି।

ବୁଧବାର ଲୋକସେବା ଭବନ ସମ୍ମେଳନ କକ୍ଷରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ମାନଙ୍କ ନିମନ୍ତେ ଆୟୋଜିତ ଏକଦିବସୀୟ ଦକ୍ଷତା ବିକାଶ କର୍ମଶାଳାକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ରାଜ୍ୟରେ ମହିଳା ନେତୃତ୍ୱାଧୀନ ବିକାଶକୁ ତ୍ୱରାନିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଅଙ୍ଗନବାଡ଼ିର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ପାଇଁ ଇନ୍‌ଫ୍ରା ଆପ୍-'ୱସମ'(ଅଙ୍ଗନବାଡି ୱେଲଫେୟର ଆଣ୍ଡ ସର୍ଭିସ ଓଭରସାଇଟ୍ ମନିଟରିଙ୍ଗ ଏଭ୍ରିହୋୟାର)କୁ ଲୋକାର୍ପଣ କରି ଶ୍ରୀମତୀ ପରିଡ଼ା ଅଙ୍ଗନବାଡି ପରିସରରେ ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଏହାସହ ଆସନ୍ତା ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉପଲକ୍ଷେ 'ଆସ ଯିବା ଅଙ୍ଗନବାଡି' ଅଭିଯାନର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନରେ ରାଜ୍ୟବାସୀମାନେ ଅଙ୍ଗନବାଡି କେନ୍ଦ୍ରକୁ ପରିଦର୍ଶନ କରି ଅଙ୍ଗନବାଡିର ଭିତ୍ତିଭୂମି, ସ୍ୱଚ୍ଛତା ଓ କାର୍ଯ୍ୟଶୈଳୀ ଉପରେ ନିଜର ମତାମତ ରଖିବେ। ସେହି ମତାମତକୁ ଦୃଷ୍ଟିରେ ରଖି ଅଙ୍ଗନବାଡିର କାର୍ଯ୍ୟାନ୍ୱୟନ ନିର୍ଦ୍ଧାରିତ କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟକର୍ତ୍ତାଙ୍କ ତାଲିମ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ କୋପରେସନ ଆଣ୍ଡ ଚାଇଲ୍ଡ ଡେଭଲପମେଣ୍ଟ (ଏନ୍‌ଆଇପିସିସିଡି) ମଧ୍ୟରେ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ଏହା ଓଡ଼ିଶାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ କର୍ମଚାରୀଙ୍କ ନିୟମିତ ତାଲିମ, ଦକ୍ଷତା ଓ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେବ। ଏଥିରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରର ଡିଜି ପାହ୍ୟା ତାଲିକାରେ ଓଡ଼ିଶାର ୨ ବରିଷ୍ଠ ଆଇପିଏସ୍

ଭୁବନେଶ୍ୱର,୩୦।୭(ସମିସ): ରାଜ୍ୟ ପୁଲିସ ପ୍ରଶାସନରେ କାର୍ଯ୍ୟ କରୁଥିବା ଦୁଇ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ମହାନିର୍ଦ୍ଦେଶକ (ଡିଜି) କିମ୍ବା ସମକକ୍ଷ ପଦବୀ ପାଇଁ କେନ୍ଦ୍ରୀୟ ତାଲିକାଭୁକ୍ତ କରାଯାଇଛି। ୧୯୯୩ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଏବଂ ବର୍ତ୍ତମାନ ଗୁଇନ୍ଦା ନିର୍ଦ୍ଦେଶକ ଆର୍‌ପି କୋଚେ ଏବଂ ୧୯୯୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଏବଂ ବର୍ତ୍ତମାନ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱାଙ୍କୁ ଏହି ପଦବୀ ପାଇଁ ସ୍ୱୀକୃତି ମିଳିଛି। ଏନେଇ କେନ୍ଦ୍ର କ୍ୟାବିନେଟର ନିଯୁକ୍ତି ବ୍ୟାପାର କମିଟି ଅନୁମୋଦନ ଦେଇଥିବା ଜଣାପଡ଼ିଛି।

■ ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀ ସୁରକ୍ଷା ଚିନ୍ତା

# ସି-ବକ୍ସରେ ଅପ୍‌ଲୋଡ୍ ହେବ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୩୦।୭(ସମିସ): ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ପରେ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ଅଣ୍ଟା ଭିଡ଼ିଛି। କୌଣସି ଅଭିଯୋଗ ଯେପରି ଅଣଦେଖା ନ ହୁଏ, ସେଥିପାଇଁ ପଦକ୍ଷେପ ନେଇଛି। ଶିକ୍ଷାନୁଷ୍ଠାନରେ ନିର୍ଯାତନା ସମ୍ପର୍କିତ ଅଭିଯୋଗ ଗ୍ରହଣ ଏବଂ ଏହାର ସମାଧାନ ସୁନିଶ୍ଚିତ କରିବା ପାଇଁ ସି-ବକ୍ସ ପୋର୍ଟାଲ୍‌ରେ ଅପ୍‌ଲୋଡ୍ ପାଇଁ କଡ଼ା ନିର୍ଦ୍ଦେଶ ଦେଇଛି। ବିଭାଗ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରାଳୟ ପକ୍ଷରୁ ବିକଶିତ ସି-ବକ୍ସ ପୋର୍ଟାଲରେ ସମସ୍ତ ତଥ୍ୟ ଅପ୍‌ଲୋଡ୍ କରାଯିବ। ପ୍ରତିଟି ଅଭିଯୋଗ ଏବଂ ତାହାର ତଦନ୍ତ ବିବରଣୀ ଓ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ସଂଲଗ୍ନ କରାଯିବ। ଶିକ୍ଷାନୁଷ୍ଠାନ ବା କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ସମ୍ପର୍କିତ ସଚେତନତା ତଥ୍ୟ ମଧ୍ୟ ଉଲ୍ଲେଖ ରହିବ। ଏହାସହ ଆଭ୍ୟନ୍ତରୀଣ କମିଟି (ଆଇସି) ବା ସ୍ଥାନୀୟ କମିଟିର ସମ୍ପୂର୍ଣ୍ଣ ବିବରଣୀ ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରିବା ପ୍ରମୁଖ କାର୍ଯ୍ୟ ବୋଲି କୁହାଯାଇଛି। ଏଥିପାଇଁ ନୋଡାଲ୍ ଅଫିସର୍ ନିଯୁକ୍ତ କରିବା ସହ ସେମାନଙ୍କ ତଥ୍ୟ ସି-ବକ୍ସ ପୋର୍ଟାଲ୍‌ରେ ଅପଲୋଡ୍ ହେବ।

# ଓଡ଼ିଶାକୁ କେନ୍ଦ୍ରୀୟ ସମବାୟ ଅନୁଦାନ ନଗଣ୍ୟ

## ବ୍ୟବସ୍ଥାକୁ ନେଇ ପ୍ରଶ୍ନ କଲେ ସାଂସଦ ମାନସ

ଭୁବନେଶ୍ୱର, ୩୦।୭(ସମିସ): ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଥିବା ସମବାୟ ସମିତି, ଏହାର କାର୍ଯ୍ୟକାରିତା ଓ ସଦସ୍ୟଙ୍କ ସଂଖ୍ୟା ସମ୍ପର୍କରେ ସଂସଦରେ ପ୍ରଶ୍ନ ଉଠାଇଛନ୍ତି ସାଂସଦ ମାନସ ମଙ୍ଗରାଜ। ଓଡ଼ିଶାରେ ମୋଟ ଉପରେ କେତେ ଗୋଟି ଓ କେଉଁ ପ୍ରକାରର ପଞ୍ଜିକୃତ ସମବାୟ ସମିତି ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଓଡ଼ିଶାରେ ମୋଟ ୭ହଜାର ୬୧୭ ପଞ୍ଜିକୃତ ସମବାୟ ସମିତି ରହିଛି। ସେଥିରେ ୯୬ ଲକ୍ଷ ପଞ୍ଜିକୃତ ସଦସ୍ୟ ରହିଛନ୍ତି। ୨୮ଟି ସମବାୟ କ୍ଷେତ୍ର ମଧ୍ୟରୁ ଆମ ରାଜ୍ୟରେ ସର୍ବାଧିକ ୪ହଜାର ୨୫୨ ପାକ୍‌ସ ରହିଛି। ଏହି ପାକ୍‌ସ ଗୁଡ଼ିକରେ ୮୩ ଲକ୍ଷ ୧୦ ହଜାର ୪୫୭ ଜଣ ସକ୍ରିୟ ସଦସ୍ୟ ଅଛନ୍ତି। ସେହିପରି ୧୦୬୧ଟି ଦୁଗ୍ଧ ସମବାୟ ସମିତି ଥିବାବେଳେ ୮୦ହଜାର ୨୮୭ ଜଣ ସଦସ୍ୟ ରହିଛନ୍ତି। ୩୩୫ଟି ମିତବ୍ୟୟତା ସମବାୟ ଥିବାବେଳେ ୪ଲକ୍ଷ ୭୧ ହଜାର ୩୧୫ ସଦସ୍ୟ ରହିଛନ୍ତି। ସେହିଭଳି ଆଦିବାସୀ, ଅନୁସୂଚିତ ଜାତି ଓ ଜନଜାତି ବର୍ଗରେ ଗୋଟିଏ ସମବାୟ ସମିତି ଥିବାବେଳେ ସେଥିରେ ମାତ୍ର ୬୧ ଜଣ ସଦସ୍ୟ ରହିଛନ୍ତି। ୫୭ଟି ମହିଳା କଲ୍ୟାଣ ସମବାୟ ସମିତି ଥିବାବେଳେ ୨୭ ହଜାର ୫୬୫ ଜଣ ସଦସ୍ୟ ସେଥିରେ ରହିଛନ୍ତି। ଜାତୀୟ ସମବାୟ ଉନ୍ନୟନ ନିଗମ (ଏନସିଡିସି) ମହିଳା ସମବାୟ ସମିତିମାନଙ୍କ ପାଇଁ ନୂତନ କାର୍ଯ୍ୟକ୍ରମ ପାଇଁ ୨ ପ୍ରତିଶତ ସୁଧ ହାରରେ ଋଣ ପ୍ରଦାନ କରୁଛି। ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ୧ ପ୍ରତିଶତ ରିହାତି ହାରରେ ଋଣ ପ୍ରଦାନ କରୁଛି। ଗତ ୫ ବର୍ଷରେ ମହିଳା ଓ ଆଦିବାସୀ ସମବାୟ ସମିତିଙ୍କୁ ଏନସିଡିସି ଦ୍ୱାରା ପାଖାପାଖି ୪୮ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିଛି। ଗତ ୫ ବର୍ଷରେ ଓଡ଼ିଶାରେ ସମବାୟ ଉନ୍ନୟନ ପାଇଁ ଏନସିଡିସି ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୦.୮୦ କୋଟି, ୨୦୨୧-୨୨ରେ ୪.୦୬, ୨୦୨୨-୨୩ରେ ୧.୬୧, ୨୦୨୩-୨୪ରେ ୩.୨୪, ୨୦୨୪-୨୫ରେ ୫.୮୯ କୋଟି ଟଙ୍କା ଓ ୨୦୨୫-୨୬ରେ ଜୁଲାଇ ୧୫ ସୁଦ୍ଧା ୧.୪୨ କୋଟି ଟଙ୍କା ମିଳିଛି। ସହରାଞ୍ଚଳ ସମବାୟ ବ୍ୟାଙ୍କ ତରଫରୁ ଲୋକମାନଙ୍କୁ ଘର ପାଖରେ ବ୍ୟାଙ୍କ୍ ସେବା ଯୋଗାଇ ଦିଆଯାଇଛି। ଏଥିସହ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଶ୍ରୀ ଶାହା ଉତ୍ତର ରଖିଛନ୍ତି।

# ଶୋଇଥିବା ବୃଦ୍ଧାଙ୍କୁ ଘୋଷାଡ଼ିନେଲେ ହାତୀପଲ

ତେଲକୋଇ,୩୦।୭(ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ବଣୁଆ ହାତୀଙ୍କ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧାଙ୍କୁ ଘରେ ଶୋଇଥିବା ଅବସ୍ଥାରେ ହାତୀପଲ ମାରି ଦେଇଛନ୍ତି। ମୃତ ମହିଳା ହେଉଛନ୍ତି କାଳିଆହତା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଗଳଦା ଗାଁର ବିନା ମାଝି (୬୦)। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିବା ବେଳେ ପାଖରେ ଶୋଇଥିବା ତାଙ୍କ ନାତୁଣି ବର୍ତ୍ତି ଯାଇଛନ୍ତି। ତେଲକୋଇ ବନ ବିଭାଗ ଓ କାଳିଆହତା ଫାଣ୍ଡି ଅଧିକାରୀ ଘଟଣାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନା ମୁତାବକ, ଉକ୍ତ ଅଞ୍ଚଳରେ ଦୀର୍ଘଦିନ ହେବ ୯ ଟିକିଆ ହାତୀପଲ ଡେରା ପକାଇଛନ୍ତି। ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟାଉଥିବା ବେଳେ ଗତକାଲି ରାତିରେ ଗଳଦା ଗ୍ରାମକୁ ପଶି ଆସିଥିଲେ। ଅସହାୟ ବନିତା ମାଝୀଙ୍କ ଘରକୁ ଭାଙ୍ଗି ଧାନ ଚାଉଳ ଖାଇବା ସହ ତାଙ୍କୁ ଝରକା ବାଟ ଦେଇ ଟେକି ନେଇଥିଲେ। ଅତି ନିର୍ମମ ଭାବେ କଚାଡି ମାରିଥିବା ଜଣାପଡ଼ିଛି। ସାହିପଡ଼ିଶାଙ୍କ ପାଟିତୁଣ୍ଡ ମଧ୍ୟ ହାତୀ ଶୁଣି ନଥିଲେ। ଅନ୍ୟପଟେ, ବନ ବିଭାଗ ବିଳମ୍ବରେ ଘଟଣାସ୍ଥଳକୁ ପହଞ୍ଚିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଅଗ୍ନିକାଣ୍ଡରେ ଯୁବକ ମୃତ; ପତ୍ନୀ ଓ ପ୍ରେମିକ ଗିରଫ

ଅନୁଗୋଳ,୩୦।୭(ସମିସ): ପତ୍ନୀ ଓ ତାଙ୍କ ପ୍ରେମିକ ମିଶି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏହା ଅସହ୍ୟ ହେବାରୁ ସ୍ୱାମୀ ଜିଅନ୍ତା ଜଳିଗଲେ। ଦୁଇଦିନ ତଳେ ଅନୁଗୋଳ ସହରର ଗୀତାଗ୍ରାମରେ ଘଟିଥିବା ଘଟଣାରେ ପୁଲିସ ଅଭିଯୁକ୍ତ ପତ୍ନୀ ଓ ତାଙ୍କ ପ୍ରେମିକଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, କୋରାପୁଟ ଜିଲ୍ଲା ଜୟପୁର ସହରର ସରୋଜ ସାହୁ ସୋମବାର ଭୋରୁ ଗୀତାଗ୍ରାମରେ ରହୁଥିବା ଭଡ଼ାଘରେ ଆତ୍ମହତ୍ୟା କରିଥିଲେ। ଘର ଭିତରେ କବାଟ ବନ୍ଦ କରି ନିଆଁ ଲଗାଇଦେବାରୁ ସେ ଜିଅନ୍ତା ଜଳି ଯାଇଥିଲେ। ଘଟଣା ଜଣାପଡ଼ିବା ପରେ ମୃତ ସରୋଜଙ୍କ ମା' ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ, ସରୋଜଙ୍କ ପତ୍ନୀ ଗୀତାଞ୍ଜଳି ସାହୁ(୨୮) ସବୁବେଳେ ସ୍ୱାମୀଙ୍କୁ ମାନସିକ ନିର୍ଯାତନା ଦେଇଆସୁଥିଲେ। ବିବାହ ପରେ ସେମାନେ ଜୟପୁରରେ ଅଲଗା ଭଡ଼ାଘରେ ରହୁଥିଲେ। ଏହି ସମୟରେ ମାଇକ୍ରୋ ଫାଇନାନ୍ସରେ କାମ କରୁଥିବା ରାୟଗଡ଼ା ଜିଲ୍ଲା ପଦ୍ମପୁର ଅଞ୍ଚଳର କେଶବ ଗୌଡ଼(୨୭)ଙ୍କ ସହ ତାଙ୍କର ସମ୍ପର୍କ ଗଢ଼ି ଉଠିଥିଲା। ଏହାକୁ ବିରୋଧ କଲେ ଉଭୟ ମିଶି ସରୋଜଙ୍କୁ ଗାଳିମନ୍ଦ କରୁଥିଲେ। ପରେ କେଶବଙ୍କର ଅନୁଗୋଳ ବଦଳି ହୋଇଯାଇଥିଲା। ଏହାର କିଛିଦିନ ପରେ ସେ ଗୀତାଞ୍ଜଳିଙ୍କୁ ଅନୁଗୋଳକୁ ଡକାଇଥିଲେ। ଏଠାକୁ ଗୀତାଞ୍ଜଳି ଓ ତାଙ୍କ ସ୍ୱାମୀ ସରୋଜ ଆସିଥିଲେ। କିନ୍ତୁ ଏଠାରେ ଉଭୟଙ୍କର ଅନୈତିକ ସମ୍ପର୍କ ଦେଖିବା ପରେ ସରୋଜ ବିରୋଧ କରିଥିଲେ। ଏଥିପାଇଁ ରବିବାର ରାତିରେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଝଗଡ଼ା ହୋଇଥିଲା। କେଶବ ଏଥିରେ ଗୀତାଞ୍ଜଳିଙ୍କ ପକ୍ଷନେଇ ସରୋଜଙ୍କୁ ବି ଗାଳି କରିଥିଲେ। ପରେ ଭୋର ସମୟରେ ସରୋଜ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିବାରୁ କେଶବ ଓ ଗୀତାଞ୍ଜଳିଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

# ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ: ୪ ଅର୍ଦ୍ଧଦଗ୍ଧ

ବ୍ରହ୍ମପୁର,୩୦।୭(ସମିସ): ହିଞ୍ଜିଳିକାଟୁ କେନାଙ୍କସାହି ସ୍ଥିତ ସୁନାରି ଡିମ୍ବିରା ସାହିରେ ଅର୍ଥାତ ପୌରାଞ୍ଚଳସ୍ଥିତ ୧୧ନଂ ୱାର୍ଡରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହୋଇ ଘରର ଟିଣ ଉଡ଼ିବା ସହ ଗୋଟିଏ ପରିବାରର ୪ ଜଣ ପୋଡ଼ି ଯାଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିପ୍ଳବ ମହାରଣା ଓରଫ ବିପ୍ର(୬୦), ସଂଯୁକ୍ତା ମହାରଣା(୪୫), ପ୍ରାଚୀ ମହାରଣା (୧୬) ଓ ପ୍ରିୟା ମହାରଣା (୧୪)। ଘଟଣାସ୍ଥଳରେ ହିଞ୍ଜିଳି ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ, ପରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ ସ୍ଥାନାନ୍ତର କରିଥିଲେ। ସେଠାରୁ ବାପା, ମା ଓ ସାନ ଝିଅଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ସୁନାରୀ ଡିମ୍ବିରା ସାହିରେ ବୁଧବାର ସନ୍ଧ୍ୟା ୭ଘଣ୍ଟା ସମୟରେ ହଠାତ୍ ଜୋର୍‌ରେ ଶବ୍ଦ ହୋଇଥିଲା। ଲୋକେ ବାହାରକୁ ଦୌଡ଼ିଆସି ଦେଖିବାବେଳକୁ ବିପ୍ରଙ୍କ ଘରର ଟିଣ ଆଜବେଷ୍ଟସ୍ ନଥିବା ସହ ନିଆଁ ଜଳୁଥିଲା। ଘର ଭିତରେ ୪ଜଣ ଅଧାପୋଡ଼ା ଅବସ୍ଥାରେ ପଡ଼ିଥିଲେ। ପଡ଼ୋଶୀ ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ମେଡିକାଲ ନେଇଥିଲେ।

# ଜଗନ୍ନାଥଙ୍କୁ ନେଇ ଖେଳୁଛନ୍ତି ସରକାର: କଂଗ୍ରେସ

ଭୁବନେଶ୍ୱର,୩୦।୭(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତି ଓଡ଼ିଆଙ୍କ ଆରାଧ୍ୟ ଦେବତା। କିନ୍ତୁ ବର୍ତ୍ତମାନ ଜଗନ୍ନାଥଙ୍କୁ ନେଇ ଯାହା ଘଟିଯାଉଛି ସେଥିପାଇଁ ଆମେ ବ୍ୟଥିତ ବୋଲି ପିସିସି ମୁଖପାତ୍ର ଲଲାଟେନ୍ଦୁ ଦାସ କହିଛନ୍ତି। ବୁଧବାର ଶ୍ରୀ ଦାସ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ହିନ୍ଦୁ ଓ ହିନ୍ଦୁତ୍ୱକୁ ନେଇ ଯେଉଁ ହୀନ ରାଜନୀତି ଦେଶରେ ଚାଲିଛି, ତାହା ସମସ୍ତଙ୍କୁ ଜଣା। ଏଥିରୁ ମହାପ୍ରଭୁ ଜଗନ୍ନାଥ ବି ବାଦ୍ ପଡୁନାହାନ୍ତି। ୫୦୦,୧୦୦ ଟଙ୍କାରେ ଭିଆଇପି ଦର୍ଶନ ନାଁରେ ବର୍ଷକୁ ୧୮୦୦ କୋଟି ଟଙ୍କା ବେଆଇନ ଭାବେ ଆଦାୟ କରାଯାଉଛି। ଏହାସହିତ ମରାମତି ଓ ତଦାରଖ ଦାୟିତ୍ୱ ଦିଆ ଯାଇଥିବା ସଂସ୍ଥା ଏଏସ୍‌ଆଇ ନୋ ଫଟୋଗ୍ରାଫି ଜୋନ୍‌ରେ ଶ୍ରୀମନ୍ଦିର ଫଟୋ ଉଠାଇ ଭାଇରାଲ କରୁଛି। ଏଥିପାଇଁ ଫୌଜଦାରୀ ମକଦ୍ଦମା ରୁଜୁ ହୋଇନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।



ସେହିପିର ଶ୍ରୀଜଗନ୍ନାଥ ଫଟୋ ଚିତ୍ରକୁ ବ୍ୟବହାର କରି ଅଲ୍ଲୀ ଏକ୍ସପ୍ରେସ୍ ନାମକ ସଂସ୍ଥା ଅନ୍‌ଲାଇନରେ ଡୋର୍ ମ୍ୟାଟ୍ (ପାପୋଚ) ବିକ୍ରି କରୁଛି। ଏପରି ଆଇନବିରୁଦ୍ଧ କାର୍ଯ୍ୟ ବାରମ୍ବାର ହେଉଛି। ସରକାର ଆସିବାର ବର୍ଷେ ପୂରଣ ହେବା ପରେ ମଧ୍ୟ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇ ନ ପାରିବାରୁ ଏଭଳି ସମସ୍ୟା ଘଟୁଥିବା ନେଇ ଶ୍ରୀ ଦାସ କହିଛନ୍ତି। ଗତବର୍ଷ ରଥଯାତ୍ରାରେ ବଡ଼ଠାକୁର ବଳଭଦ୍ର ଚାରମାଳରୁ ପଡ଼ିଯିବା ଘଟଣାର ତଦନ୍ତ ରିପୋର୍ଟ ସହିତ ଏବର୍ଷ ରଥଯାତ୍ରାର ଦଳାଚକାଟାର ତଦନ୍ତ ରିପୋର୍ଟ ଲୋକଲୋଚନକୁ ଆସିପାରି ନାହିଁ। ସରକାର କିପରି ଚାଲିଛି ଏଥିରୁ ଅନୁମେୟ ବୋଲି ସେ କହିଛନ୍ତି।

କଂଗ୍ରେସ ମୁଖପାତ୍ର ଜୟଶ୍ରୀ ପାତ୍ର ଶ୍ରୀମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନ କରିବା ସହ ଏଏସ୍‌ଆଇ ଦ୍ୱାରା ଶ୍ରୀମନ୍ଦିର ଫଟୋ ଭାଇରାଲରେ ଯଦି ଅଘଟଣ ଘଟେ, କେନ୍ଦ୍ର ସରକାରଙ୍କ ଏଏସ୍‌ଆଇ ସଂସ୍ଥା ଉତ୍ତରଦାୟୀ ରହିବେ କି ବୋଲି ପ୍ରଶ୍ନ କରିଥିଲେ। ତତ୍‌ସହିତ ଚଷମାରେ ଗୁପ୍ତ କ୍ୟାମେରା ନେଇଥିବା ଯୁବକଙ୍କୁ ପୁଲିସ ପ୍ରଶାସନ କାହିଁକି ଛାଡ଼ି ଦେଇଥିଲା, ସେ ନେଇ ମଧ୍ୟ ସେ ସନ୍ଦେହ ପ୍ରକଟ କରିଛନ୍ତି। ଶ୍ରୀମନ୍ଦିରରେ ବାରମ୍ବାର ବିଭ୍ରାଟ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ବଦଳି କରାଯିବାକୁ ଶ୍ରୀମତୀ ପାତ୍ର ଦାବି କରଛନ୍ତି। ସେହିପରି ରଥଯାତ୍ରା ପୂର୍ବରୁ ୨୭୫ ଏଆଇ କ୍ୟାମେରା ବିଭିନ୍ନ ସ୍ଥାନରେ ଲଗାଯିବା ପାଇଁ ଡିଣ୍ଡିମ ପିଟାଯାଇଥିଲା। ହେଲେ ବ୍ୟବହୃତ ଏଆଇ କ୍ୟାମେରାର ତଥ୍ୟ ଆର୍‌ଟିଆଇ ତଥ୍ୟରେ ନାହିଁ। ଏଆଇ କ୍ୟାମେରା ବାବଦରେ ୩ କୋଟି ଟଙ୍କା ଘୋଟାଲା ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ଆସିଥିବା ସରକାର ହରିଓଁ, ଇଣ୍ଡିଆଥ୍ରିଲ୍ସ ନାମକ ଠକ ସଂସ୍ଥା ଅନ୍‌ଲାଇନ୍‌ରେ ଭକ୍ତଙ୍କୁ ଭିଆଇପି ଦର୍ଶନ ସୁବିଧା, ମହାପ୍ରସାଦ ବିକ୍ରି, ଫ୍ଲିପ୍‌କାର୍ଟରେ ପତିତପାବନବାନା ବିକ୍ରିକୁ କିପରି ପ୍ରୋତ୍ସାହନ ଦେଉଛି ବୋଲି କହି ତାହାର ଦୃଢ଼ ନିନ୍ଦା କରିଥିଲେ। ଶ୍ରୀମତୀ ପାତ୍ର କହିଛନ୍ତି, ଏ ବେପାରୀ ସରକାରରେ ଓଡ଼ିଶା ଠକଙ୍କ ହବ୍ ପାଲଟିଛି। ଓଡିଆ ଅସ୍ମିତା ଓ ଜଗନ୍ନାଥଙ୍କ ସଂସ୍କୃତି ସହ ଜଡ଼ିତ। ତେଣୁ ଓଡ଼ିଆ ଅସ୍ମିତା ଓ ଜଗନ୍ନାଥଙ୍କ ସଂସ୍କୃତିର ସୁରକ୍ଷା ପାଇଁ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ଶ୍ରୀମତୀ ପାତ୍ର କହିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚନ୍ଦ୍ରମଣୀ ଜେନା

ଗ୍ରାମ-ଦକ୍ଷିଣବାଡ଼, ଧାମନଗର, ଜିଲ୍ଲା-ଭଦ୍ରକ

ଆବିର୍ଭାବ - ୨୧/୧୨/୧୯୪୬

ତିରୋଧାନ - ୨୧/୦୭/୨୦୨୫

ବାପା, ଆପଣଙ୍କ ଅବର୍ତ୍ତ ମାନରେ ଆଜକୁ ଏଗାର ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତ ରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କର ହତଭାଗ୍ୟ ପୁତ୍ର

ଡ଼. ଅଜିତ୍ ପ୍ରସାଦ ଜେନା, ସତ୍ୟଜିତ ଜେନା, ସୁବ୍ରତ ଜେନା, ଦେବବ୍ରତ ଜେନା ଓ ବନ୍ଧୁ ସ୍ୱଜନ, ଜେନା ପରିବାର ବର୍ଗ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ମହେନ୍ଦ୍ର ନାଥ ସ୍ୱାଇଁ

ଗ୍ରାମ - ଲକ୍ଷ୍ମୀ ସାଗର, ଖୋର୍ଦ୍ଧା

ଆବିର୍ଭାବ - ୧୭.୦୨.୧୯୪୧, ତିରୋଧାନ - ୨୧.୦୭.୨୦୨୫

ଆପଣଙ୍କର ଅବର୍ତ୍ତମାନରେ ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଶିକ୍ଷକ ଜୀବନ ନୀତି, ନୈତିକତା, ଆଦର୍ଶ, ବ୍ୟକ୍ତିତ୍ୱ ଆମପାଇଁ ଶ୍ରେଷ୍ଠ ସମ୍ବଳ ହେଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-

ଝିଅ, ନାତି, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ

# କଟକ ସିଟି



## ଦୋଷ ଖସାଇବାକୁ ଏସ୍‌ସିବିର ଉଦ୍ୟମ

# ମୃତ୍ୟୁ ପରେ ଏଆଇଜିକୁ ଚିଠି


କଟକ,୩୦ା୭ (ସମିସ):

ଗତ ଜାନୁୟାରୀ ୧୮ ତାରିଖ ଦିନ ଭିଡିଓ କନଫରେନ୍ସିଂରେ ହାଇଦ୍ରାବାଦର ଏସିଆନ ଇନିଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ତଥା ଏଆଇଜି ଅଧିକାରୀଙ୍କ ସହ ଆଲୋଚନା ହେଲା। ଏଆଇଜି ଯକୃତ ପ୍ରତିରୋପଣ ୟୁନିଟ ମୁଖ୍ୟ ଡାକ୍ତର ବାଲଚନ୍ଦ୍ରନ ମେନନଙ୍କ ସହ ଡାକ୍ତରୀ ଦଳ ଉପସ୍ଥିତ ଥିଲେ। ଜଟିଳ ଯକୃତ ରୋଗରେ ପୀଡ଼ିତ ବଲାଙ୍ଗିରର ବିଘ୍ନରାଜ ପଟ୍ଟନାୟକଙ୍କ ସହ ଆଲୋଚନା ପରେ ଜାନୁୟାରୀ ୨୨ରୁ ୨୫ ତାରିଖ ଭିତରେ ପ୍ରତିରୋପଣ କରାଯିବ ବୋଲି ସ୍ଥିର ହୋଇଥିଲା। ଏହା ହୋଇଥାନ୍ତା ଏସ୍‌ସିବିରେ ୩ୟ ଯକୃତ ପ୍ରତିରୋପଣ। ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଏଆଇଜି ପକ୍ଷରୁ କୁହାଯାଇଥିଲା। ହେଲେ ତାରିଖ ଗଡିବାରେ ଲାଗିଲା। ବିଘ୍ନରାଜଙ୍କ ପ୍ରତିରୋପଣ ହୋଇପାରିଲା ନାହିଁ। ଫେବୃଆରୀ ୨୫ରେ ଏସ୍‌ସିବି ଆଇସିୟୁରେ ବିଘ୍ନରାଜ ସବୁଦିନ ପାଇଁ ଆଖି ବୁଜିଥିଲେ। ବିସ୍ମୟର ବିଷୟ ଏହା ଯେ ସେହି ତାରିଖରେ ପ୍ରତିରୋପଣ ପାଇଁ ଆମେ ପ୍ରସ୍ତୁତ ଅଛୁ ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ଚିଠି କରି ଏଆଇଜିକୁ ଜଣାଇଥିଲେ। ନିଜ ଦୋଷ ଘୋଡାଇବାକୁ ଯାଇ ଏସ୍‌ସିବି କର୍ତ୍ତୃପକ୍ଷ ଏଭଳି ହୀନ ଉଦ୍ୟମ କରିଥିଲେ ବୋଲି ମେଡିକାଲର ଜଣେ ପୂର୍ବତନ ପ୍ରଶାସନିକ ଅଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

**ଅପେକ୍ଷା ତାଲିକାର ପ୍ରଥମ ସ୍ଥାନରେ ବିଘ୍ନରାଜଙ୍କ ନାମ ଥିଲା**

**ସରିଥିଲା ଆଲୋଚନା, ଜାନୁୟାରୀରେ ହୋଇଥାନ୍ତା ଯକୃତ ପ୍ରତିରୋପଣ**

**ଫେବୃୟାରୀ ୨୫ ମୃତ୍ୟୁ ଦିନ ପ୍ରତିରୋପଣ ପାଇଁ କର୍ତ୍ତୃପକ୍ଷ ଚିଠି ଲେଖିଲେ**


OFFICE OF THE MEDICAL SUPERINTENDENT
SCB MEDICAL COLLEGE & HOSPITAL, CUTTACK, GOVT OF ODISHA

Letter No. [illegible] / SCBMCH / 25.02.2025

To
The Vice President,
AIG Hospitals, Hyderabad.

Sub: Regarding conduction of 3rd Liver Transplant at SCB MCH, Cuttack.

Sir,

We are grateful for your help and cooperation in conducting two liver transplant surgeries successfully at SCB Medical College & Hospital, Cuttack.

We are now prepared to do the third liver transplant surgery in our institution. Kindly give a suitable date for the same.

Yours faithfully
Medical Superintendent
SCB Medical College Hospital, Cuttack

Memo No. [illegible] / Dt. 25.02.2025
Copy submitted to Prof. (Dr.) Umakanta Satapathy, Addl. DMET-cum-State Nodal Officer, all Transplant, Odisha, Bhubaneswar for favour of kind information and necessary action.

Medical Superintendent
SCB Medical College Hospital, Cuttack

ଘଟଣାରୁ ପ୍ରକାଶ ଯେ ୪୫ବର୍ଷୀୟ ବିଘ୍ନରାଜଙ୍କ ଘର ବଲାଙ୍ଗିରର ବରପାଲିପଡା ଅଞ୍ଚଳରେ। ଟେଣ୍ଟ ହାଉସ୍ ବ୍ୟବସାୟ କରି ସେ ପରିବାର ଚଳାନ୍ତି। ପରିବାର କହିଲେ ପତ୍ନୀ ସୁନୀତାରାଣୀ ଓ ଝିଅ ସ୍ମିତାରାଣୀ। ୩ ବର୍ଷ ହେବ ତାଙ୍କ ଦେହ ଅସୁସ୍ଥ ଥିଲା। ଯକୃତ ରୋଗରେ ପୀଡ଼ିତ ବିଘ୍ନରାଜଙ୍କୁ ସୁସ୍ଥ କରିବା ପାଇଁ ପରିବାର ଲୋକେ ପ୍ରାୟ ୮/୯ ହେବ କଟକରେ ଆସି ରହୁଥିଲେ। ରାଣୀହାଟ ଅଞ୍ଚଳରେ ଘର ଭଡା ନେଇ ରହିବା ସହ ବିଘ୍ନରାଜଙ୍କୁ ସୁସ୍ଥ କରିବାକୁ ଉଦ୍ୟମ ଚଳାଇଥିଲେ। ୨୦୨୪ ଏପ୍ରିଲରେ ବଡ ମେଡିକାଲରେ ପ୍ରଥମ ଓ ସେପ୍ଟେମ୍ବରରେ ଦ୍ୱିତୀୟ ପ୍ରତିରୋପଣ ହୋଇଥିଲା। ସେହିବର୍ଷ ଜୁନ ମାସରେ ବିଘ୍ନରାଜ ବଡ ମେଡିକାଲ ଆସିଥିଲେ। ପ୍ରତିରୋପଣ ତାଲିକା ଅନୁସାରେ ତାଙ୍କ ନାମ ୩ୟରେ ଥିଲା। କ୍ରମଶଃ ଏହା ପ୍ରଥମ ସ୍ଥାନକୁ ଆସିଥିଲା। ୧୮ ବର୍ଷର ଝିଅ ସ୍ମିତାରାଣୀ ଯକୃତ ଦାନ କରିବେ ବୋଲି ସମ୍ମତି ଜଣାଇଥିଲେ। ବିଘ୍ନରାଜ ଓ ସ୍ମିତାରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ହେଲେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ବିଘ୍ନରାଜଙ୍କ ଯକୃତ ପ୍ରତିରୋପଣ ହୋଇ ପାରିଲା ନାହିଁ। ମାସାଧିକାଳ ଆଇସିୟୁରେ ଚିକିତ୍ସିତ ହୋଇ ସେ ପ୍ରାଣ ହରାଇଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ମୁତାବକ, ୩ୟ ପ୍ରତିରୋପଣ ପୂର୍ବରୁ କିଛି ମେସିନ ଆଣିବା ନିମନ୍ତେ ଏଆଇଜି ପରାମର୍ଶ ଦେଇଥିଲା। ଏପରିକି ଯଦି ମେସିନ ବ୍ୟବସ୍ଥା ହୋଇ ନପାରୁଛି ତେବେ ପୂର୍ବରୁ ଜଣାଇବାକୁ ମଧ୍ୟ ଏଆଇଜି ପକ୍ଷରୁ କୁହାଯାଇଥିଲା। ହେଲେ ଏହାକୁ ଗୁରୁତ୍ୱ ସହ ଗ୍ରହଣ କରିନଥିଲେ ଏସ୍‌ସିବି କର୍ତ୍ତୃପକ୍ଷ। ପ୍ରତିରୋପଣ ଅପେକ୍ଷା ତାଲିକା ଲମ୍ବି ଚାଲିଥିଲେ ସୁଦ୍ଧା ଏସ୍‌ସିବି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ବିଘ୍ନରାଜଙ୍କ ମୃତ୍ୟୁ ପରେ ନିଜ ଦୋଷ ଘୋଡାଇବାକୁ ଯାଇ ତରବରିଆ ଭାବେ ଏଆଇଜିକୁ ଏକ ଚିଠି ଲେଖାଯାଇଥିଲା।

### ବିଧାନସଭାରେ ପ୍ରଶ୍ନ ଉଠିବ: ବିଧାୟକ ସୌଭିକ

ନବୀନ ସରକାର ଥିବା ସମୟରେ ଯକୃତ ପ୍ରତିରୋପଣ ସ୍ୱପ୍ନ ପୂରଣ ହୋଇଥିଲା। ବଡ ମେଡିକାଲରେ ଯକୃତ ପ୍ରତିରୋପଣ ୟୁନିଟ ଖୋଲିଥିଲା। ପୂର୍ବ ଭାରତରେ କୌଣସି ସରକାରୀ ହସ୍ପିଟାଲରେ ଯେଉଁ ବ୍ୟବସ୍ଥା ନାହିଁ, ତାହା ଏଠାରେ ଉପଲବ୍ଧ ହୋଇଥିଲା। ମାତ୍ର ଦୁର୍ଭାଗ୍ୟର ବିଷୟ, ସରକାର ବଦଳିବା ପରେ ବ୍ୟବସ୍ଥା ଦୁର୍ବଳ ହୋଇଗଲା। ଦୁଇଟି ପ୍ରତିରୋପଣ ପରେ ୟୁନିଟରେ ତାଲା ଝୁଲିଛି। ଅନେକ ରୋଗୀ ଏବେ ହନ୍ତସନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ପୂର୍ବରୁ ଦୁଇଥର ବିଧାନସଭାରେ ଏନେଇ ପ୍ରଶ୍ନ ଉଠାଇଛି। ଆସନ୍ତା ଅଧିବେଶନରେ ନିଶ୍ଚିତ ଭାବେ ଏହି ପ୍ରସଙ୍ଗ ଉଠିବ। ସରକାରଙ୍କ ନିଦ ଭାଙ୍ଗିବାକୁ ଚେଷ୍ଟା କରାଯିବ ବୋଲି ବିଧାୟକ ସୌଭିକ ବିଶ୍ୱାଳ କହିଛନ୍ତି।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହିତ ଡିଏଡିବି ଇଣ୍ଡିଆର ଚୁକ୍ତି ସ୍ୱାକ୍ଷର



**କଟକ,୩୦ା୭ (ସମିସ):** ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷାକୁ ଉନ୍ନତ କରିବା ଏବଂ ଶିକ୍ଷା ସହ ଶିଳ୍ପର ସମନ୍ୱୟକୁ ଦୃଢ଼ୀଭୂତ କରିବା ଉଦ୍ଦେଶ୍ୟରେ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏବଂ ଡିଏଡିବି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଜର୍ମାନ ଡିଜିଟାଲ୍ ଶିକ୍ଷା ଏକାଡେମୀ) ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏଥିସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ "ଏକ୍ସପ୍ଲୋରିଂ ଇଞ୍ଜିନିୟରିଂ ଏକ୍ସଲେନ୍ସ' ନାମରେ ଏକ କର୍ମଶାଳା ମଧ୍ୟ ଆୟୋଜିତ ହୋଇଯାଇଛି। ଏଥିରେ ବିଟେକ୍, ବିଏସ୍‌ସି, ବିସିଏ ଓ ଏମସିଏ ବିଭାଗର ୧୨୦ରୁ ଅଧିକ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ନିଜ ଉଦ୍‌ଘାଟନୀ ଭାଷଣରେ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତି ବିଭାଗର ଡିନ୍ ପ୍ରଫେସର ଡ. ରବିନାରାୟଣ ଶତପଥୀ ୫-ଜି, ଇଓଟି, ହାଇଡ୍ରୋଜେନ୍ ପ୍ରଯୁକ୍ତି ଓ ସୌରଶକ୍ତି ପରି କ୍ଷେତ୍ରରେ ବିଶ୍ୱବ୍ୟାପୀ ଶିଳ୍ପ ଆବଶ୍ୟକତା ସହ ବିଷୟଭିତ୍ତିକ ଜ୍ଞାନକୁ ଯୋଡ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡିଏଡିବିର ପରିଚାଳନା ନିର୍ଦ୍ଦେଶକ ଅମିତ ଦାସ କହିଲେ, ଉଭୟ ପକ୍ଷର ସହଭାଗିତା ଯୋଗୁଁ ବିଦ୍ୟାର୍ଥୀମାନେ ପାରଦର୍ଶୀ ହେବା ସହ ସେମାନଙ୍କ ପାଇଁ ଅନ୍ତର୍ଜାତୀୟ ସ୍ତରରେ, ବିଶେଷକରି ଜର୍ମାନୀରେ ଉଚ୍ଚଶିକ୍ଷା ଓ ନିଯୁକ୍ତିର ଅବସର ସୃଷ୍ଟି ହେବ। ଉଭୟ ପକ୍ଷ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷର ଯୋଗୁଁ ଭବିଷ୍ୟତ ଶିକ୍ଷା କାର୍ଯ୍ୟକ୍ରମ ଓ ଜ୍ଞାନର ଆଦାନ ପ୍ରଦାନ ପାଇଁ ଏକ ମଜବୁତ ଆଧାର ପ୍ରସ୍ତୁତ ହେବ; ଯାହାଫଳରେ ଓଡ଼ିଶାରୁ ବିଶ୍ୱସ୍ତରୀୟ ଇଞ୍ଜିନିୟର ବାହାରିବେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ୪ ବର୍ଷ ଜେଲ୍

**ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ**


**କଟକ,୩୦ା୭ (ସମିସ):** କଟକ ଜିଲ୍ଲା ଗୋପୀନାଥପୁର କୃପାସିନ୍ଧୁ ହାଇସ୍କୁଲର ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହିମାଂଶୁ ବେହେରାଙ୍କୁ ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଡି)/୭ ଅନୁସାରେ ୪ବର୍ଷ ଜେଲ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରିବା ସହ ଜେଲ ପଠାଇଦେଇଛନ୍ତି। ପ୍ରକାଶଥାଉକି, ଶ୍ରୀ ବେହେରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ଜଣେ ଅଭିଯୋଗକାରୀ କର୍ମଚାରୀଙ୍କଠାରୁ ଉପସ୍ଥାନ ଖାତାରେ ଦସ୍ତଖତ କରିବା ଓ ବେତନ ବିଲକୁ ଟ୍ରେଜେରିକୁ ପଠାଇବା ପାଇଁ ୪ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଅଭିଯୁକ୍ତ ଶ୍ରୀ ବେହେରାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଚାର୍ଜସିଟ ଦାଖଲ କରିଥିଲା। ପରେ ସେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅଭିଯୁକ୍ତଙ୍କ ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି। ଭିଜିଲାନ୍ସର ପୂର୍ବତନ ଇନ୍ସପେକ୍ଟର ଅନୁପମା ସାହୁ ମାମଲାର ତଦନ୍ତକାରୀ ଅଧିକାରୀ ଥିବା ବେଳେ ଭିଜିଲାନ୍ସ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର କ୍ଷୀରୋଦ କୁମାର ପଣ୍ଡା ଓ ସର୍ବେଶ୍ୱର ବାରିକ ମାମଲା ପରିଚାଳନା କରୁଥିଲେ।

## ମହିଳାଙ୍କ ସୁନାହାର ଲୁଟ୍

**କଟକ,୩୦ା୭ (ସମିସ):** ପ୍ରାତଃଭ୍ରମଣ ବେଳେ ବୁଧବାର ଜଣେ ମହିଳାଙ୍କ ବେକରୁ ସୁନାହାର ଲୁଟ ହୋଇଛି। ତିନିଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଲୁଟ ଘଟାଇ ଚମ୍ପଟ ମାରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହିତ ସିସିଟିଭି ଫୁଟେଜକୁ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି। ପୁଲିସର ସୂଚନା ମୁତାବକ, ସିଡିଏ ସେକ୍ଟର-୯ରେ ପ୍ରଦୀପକୁମାର ସାହୁ ପରିବାର ସହିତ ରହୁଛନ୍ତି। ବିଡ଼ାନାସୀ ଅଞ୍ଚଳରେ ତାଙ୍କର ଏକ ସୁନାଦୋକାନ ରହିଛି। ଆଜି ସକାଳ ସାଢ଼େ ୫ଟା ସମୟରେ ପତ୍ନୀ ରୂପଶ୍ରୀ ପ୍ରାତଃଭ୍ରମଣରେ ବାହାରିଥିଲେ। ଘରଠାରୁ ମାତ୍ର ୧୦୦ମିଟର ଦୂର ଯାଇଛନ୍ତି କି ନାହିଁ ପଛରୁ ତିନିଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ପାଖଦେଇ ଯିବାରେ ଲାଗିଥିଲେ। ସମସ୍ତେ ମୁହଁରେ ମାସ୍କ ପିନ୍ଧିଥିଲେ। ହଠାତ୍ ବାଇକ୍ ମଝିରେ ବସିଥିବା ଯୁବକଜଣକ ରୂପଶ୍ରୀ ପିନ୍ଧିଥିବା ସୁନାହାରକୁ ଝାମ୍ପି ନେଇଥିଲା। ଏହାପରେ ରୂପଶ୍ରୀ ପାଟିକରି ଉଠିଥିଲେ ହେଁ ଦୁର୍ବୃତ୍ତମାନେ ଆସିଥିବା ବାଇକ୍‌ରେ ଆଖିଠ ପିଛୁଳାକେ ସେଠାରୁ ଚମ୍ପଟ ମାରିଥିଲେ। ଘଟଣା ସଂକ୍ରାନ୍ତରେ ରୂପଶ୍ରୀ ପରିବାର ଲୋକଙ୍କୁ ଜଣାଇବା ସହିତ ମର୍କତନଗର ଥାନାରେ ଏତଲା ଦେଇଥିଲେ।

## ସ୍ୱନ୍ଦନା ଫାଇନାନ୍ସର ପୂର୍ବତନ ଶାଖା ପରିଚାଳକ ଗିରଫ

**ନରସିଂହପୁର,୩୦ା୭ (ସମିସ):** ନରସିଂହପୁର ଅଞ୍ଚଳରେ ବର୍ତ୍ତମାନ ଏକାଧିକ ଫାଇନାନ୍ସ କମ୍ପାନୀ ଆସି ସାଧାରଣ ଲୋକଙ୍କ ଠାରୁ ଅର୍ଥ ଲୁଟିବାରେ ଲାଗିଛନ୍ତି। ଏହି ଫାଇନାନ୍ସ କମ୍ପାନୀ ମାନଙ୍କ ଉପରେ ନାଁ କୌଣସି ପ୍ରତିବନ୍ଧକ ରହିଛି। ଏଥିରେ କାର୍ଯ୍ୟରତ କର୍ମଚାରୀ ଇଚ୍ଛା ମୁତାବକ ଅର୍ଥ ଲୁଟିବାରେ ଲାଗିଛନ୍ତି। ଏଭଳି ଏକ ଘଟଣାକୁ ନେଇ ସ୍ୱନ୍ଦନା ଫାଇନାନ୍ସ ଲିମିଟେଡ଼ ନରସିଂହପୁର ଶାଖାର ବର୍ତ୍ତମାନ ଶାଖା ପରିଚାଳକ ପୂର୍ବତନ ଶାଖା ପରିଚାଳକଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ



ନରସିଂହପୁର ଠାରେ କାର୍ଯ୍ୟରତ ସ୍ୱନ୍ଦନା ଫାଇନାନ୍ସ ଲିମିଟେଡ଼ ଶାଖା ପରିଚାଳକ ସିଦ୍ଧାନ୍ତ ସ୍ୱାଇଁ ଅଭିଯୋଗ କରିଛନ୍ତି ଯେ ଏହି ଶାଖାର କାର୍ଯ୍ୟରତ ପୂର୍ବତନ ଶାଖା ପରିଚାଳକ ତିଗିରିଆ ଥାନା ଅନ୍ତର୍ଗତ ଗଦାଧରପୁର ଗ୍ରାମର ରଞ୍ଜନ କୁମାର ବସ୍ତି ଓ ତତ୍କାଳ ସମୟର ସମସ୍ତ କର୍ମଚାରୀଙ୍କ ସହିତ ମିଶି କମ୍ପାନୀର ୧୪ ଲକ୍ଷ ୨୩ ହଜାର ୬୯୧ଟଙ୍କାର ଅନିୟମିତତା କରି ହଡ଼ପ କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ଆଜି ନରସିଂହପୁର ପୁଲିସ ରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

**ଏସ୍‌ସିବି ଦନ୍ତ ଚିକିତ୍ସାଳୟ ଡାକ୍ତରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ**

## 'ଦାନ୍ତ ଲଗାଇଲେ, ଟଙ୍କା ପଡ଼ିବ'

**କଟକ,୩୦ା୭ (ସମିସ):** ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ରୋଗୀଙ୍କ ଦାନ୍ତ ଲଗାଇବା ପାଇଁ ଡାକ୍ତର ଟଙ୍କା ମାଗୁଛନ୍ତି। ଆଗ ଟଙ୍କା ଦିଅ, ତାପରେ ଚିକିତ୍ସା ବ୍ୟବସ୍ଥା ହେବ ବୋଲି ଡାକ୍ତର କହୁଛନ୍ତି। କେନ୍ଦୁଝରର ଅଞ୍ଚଳର ପ୍ରଫୁଲ୍ଲ କୁମାର ସେଠୀ ନାମକ ଜଣେ ବ୍ୟକ୍ତି ଆଜି ଏଭଳି ଅଭିଯୋଗ ଉଠାଇବା ସହ ଭିଡିଓ ଜାରି କରି ଘଟଣା ବାବଦରେ ଜଣାଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ଚପାଇ ଦେବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶଯେ ପ୍ରଫୁଲ୍ଲ ନିଜ ୧୪ବର୍ଷର ପୁଅ ଶିବାନନ୍ଦଙ୍କୁ ଧରି ଆଜି ଏସ୍‌ସିବି ଦନ୍ତ ଚିକିତ୍ସାଳୟ ଆସିଥିଲେ। ଶିବାନନ୍ଦଙ୍କ ଦାନ୍ତ ଭାଙ୍ଗି ଯାଇଛି। ନୂଆ ଦାନ୍ତ ଲଗାଯିବ। ହେଲେ ବର୍ତ୍ତମାନ ଅସ୍ଥାୟୀ ଦାନ୍ତ ଲଗାଯିବ। ବୟସ ୧୮ ବର୍ଷ ଅତିକ୍ରମ କଲେ ସ୍ଥାୟୀ ଦାନ୍ତ ଲାଗିବ ବୋଲି ଜଣେ ଡାକ୍ତର କହିଥିଲେ। ପରେ ଶିବାନନ୍ଦଙ୍କ ଦାନ୍ତର ମାପ ନିଆଯାଇଥିଲା। କିଛି ସମୟ ପୁଅକୁ ଧରି ପ୍ରଫୁଲ୍ଲ ଅପେକ୍ଷା କରି ରହିଥିଲେ। ପରେ ଚିକିତ୍ସା କରୁଥିବା ଡାକ୍ତରଜଣକ ପ୍ରଫୁଲ୍ଲଙ୍କୁ ନିଜ ଚାମ୍ବରକୁ ଡାକିଥିଲେ। ଦାନ୍ତ ଲଗାଇବା ପାଇଁ ତାରିଖ ମିଳିବ। ହେଲେ ତୁମକୁ ଅଗ୍ରୀମ ଟଙ୍କା ଦେବାକୁ ହେବ ବୋଲି ଡାକ୍ତର ଜଣକ କହିଥିଲେ। ଏପରିକି ତିନି ପ୍ରକାର ଦାନ୍ତ ପାଇଁ ତିନିପ୍ରକାର ଟଙ୍କା ଦେବାକୁ ହେବ। ୧ହଜାର, ୨୭୦୦ ଏବଂ ୨୯୦୦ଟଙ୍କାର ଦାନ୍ତ ଅଛି। କୋଉ ମୂଲ୍ୟର ଦାନ୍ତ ଦରକାର ବୋଲି କହିବା ସହ ଯୋଗାଯୋଗ କରିବା ନିମନ୍ତେ ନିଜର ଭିଜିଟିଂ କାର୍ଡ ଧରାଇ ଦେଇଥିଲେ। ଏହି ଘଟଣା ବାବଦରେ ଖବର ପାଇବା ପରେ ସାମାଜିକ ଅନୁଷ୍ଠାନ ସୁଭାଷ ସଙ୍ଗଠନ ପକ୍ଷରୁ ପ୍ରଫୁଲ୍ଲଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏସ୍‌ସିବିରେ ସମସ୍ତ ଚିକିତ୍ସା ନିଃଶୁଳ୍କ ମୂଲ୍ୟରେ ମିଳୁଥିବା ବେଳେ ରୋଗୀଙ୍କୁ ଏଭଳି ଢ଼ଙ୍ଗରେ ଶୋଷଣ କରାଯାଉଛି ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି।

## 'ଗୁଜବପୁରରେ ଘର' ନାଟକ ମଞ୍ଚସ୍ଥ




**କଟକ,୩୦ା୭ (ସମିସ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ କଟକର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରା, କାର୍ଯ୍ୟକ୍ରମରେ ମଞ୍ଚସ୍ଥ ହେଲା ନାଟକ "ଗୁଜବପୁରରେ ଘର'। ପରିବେଷଣ ସଂସ୍ଥା ଥିଏଟର ଅଭିଯାନ ନାଟକଟି ଅଭିଯାନର ସଭାପତି ଆଲୋକ ସ୍ୱାଇଁଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଏହି ନାଟକଟିକୁ ରଚନା କରିଛନ୍ତି ସନ୍ତୋଷ କୁମାର ମହାପାତ୍ର। ନିର୍ଦ୍ଦେଶନା ଦେଇଥିଲେ ଅନ୍ନପୂର୍ଣ୍ଣାର ନିର୍ଦ୍ଦେଶକ ଅକ୍ଷୟ କୁମାର ରଣା, ସହନିର୍ଦ୍ଦେଶକ ଥିଲେ ଚୌଧୁରୀ ଶାଶ୍ୱତ ମହାପାତ୍ର, ଅଭିନୟରେ ସନ୍ଦୀପ ପାଣି, ପ୍ରେମାନନ୍ଦ ସ୍ୱାଇଁ, ଚନ୍ଦନ ସାହୁ, ଯଯାତି କେଶରୀ ନାୟକ, ପ୍ରଶାନ୍ତ ଚାନ୍ଦ, ଦିଲ୍ଲୀପ କୁମାର ଜେନା, ଶ୍ରୀଧର ରାଉତ, ରଞ୍ଜନ ସାହୁ, କିଶନ ଜେନା, ରଞ୍ଜନ ସାହୁ ଆୟୁଷ୍ମାନ ସାହୁ, ସତ୍ୟନାରାୟଣ ଦାସ, ସ୍ୱପ୍ନାରାଣୀ ପାତ୍ର, ପ୍ରିୟଙ୍କା ପାଢ଼ୀ, ତପସ୍ୱିନୀ ସେଠୀ, ଉତ୍କଳିକା ସେଠୀ, ସୁଭସ୍ମିତା ସ୍ୱାଇଁ ଓ ଆରାଧ୍ୟା ପ୍ରିୟଦର୍ଶିନୀ। ଆଲୋକ ଏବଂ ଶବ୍ଦ ଦୀପକ ଦାଶ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଥିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରଶାନ୍ତ କୁମାର ହୋତା ଏବଂ ସମ୍ମାନିତ ଅତିଥି ଭାବେ ଉତ୍କଳ ଫେଡରେସନ ଅଫ ୟୁନାଇଟେଡ ନେସନ ଆସୋସିଏସନ୍‌ର ମହାସଚିବ ଡ. ଦିପାୟନ୍ ପଟ୍ଟନାୟକ। ସମ୍ପାଦିକା ଅଲ୍ଲାଦିନ୍ କର, ସଭାପତି ନୃସିଂହ ପ୍ରସାଦ ରାୟଗୁରୁ, ଉପସଭାପତି ଶୁଭାଶିଷ କର, ଯୁଗ୍ମ ସମ୍ପାଦକ ଶିବାନୀ ମହାପାତ୍ର, ଉପଦେଷ୍ଟା ବିକାଶ ଦାଶ ନାଟକଟିର ପ୍ରଶଂସା କରିଥିଲେ। ସଫିଉଲ୍ ହକ୍ ସଂଯୋଜନା କରିଥିଲେ। ନାଟ୍ୟଧାରାର ଏହି କାର୍ଯ୍ୟକ୍ରମଟି ଜଳନ୍ଧର ମହାନ୍ତି, ଆଶିଷ ମହାନ୍ତି, ଜଗନ ମହାନ୍ତି, ଅଶୋକ ସାହୁ, ଛବି ସାହୁଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା।

## ରାଜକିଶୋର ସିଂହଙ୍କ ସ୍ମୃତିସଭା



**କଟକ,୩୦ା୭ (ସମିସ):** ମଙ୍ଗଳବାର ଇସ୍କଫ ହଲ ରେ ରାଜକିଶୋର ସିଂହଙ୍କ ସ୍ମୃତିସଭା ଶିକ୍ଷକ ମହାସଂଘ ନେତା ବିବେକାନନ୍ଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଇସ୍କଫ ସାଧାରଣ ସମ୍ପାଦକ ବିଜୟ କୁମାର ପଢିହାରୀ, ସୁଶାନ୍ତ ମହାପାତ୍ର, ଯୁଗଳ ନାୟକ, ବିପିନ ବିହାରୀ ପାଢୀ, କାଶିନାଥ ସ୍ୱାଇଁ, ସଞ୍ଜୟ ପରିଜା, ସୁବାସ ବୋଷ ପ୍ରମୁଖ ତାଙ୍କର ଜୀବନୀ, ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ।

## ଅଧ୍ୟାପକ ପଦ ଉଚ୍ଛେଦ ପ୍ରତିବାଦରେ ବିକ୍ଷୋଭ



**କଟକ,୩୦ା୭ (ସମିସ):** ସଂଗତିକରଣ ନାଁରେ ରେଭେନ୍ସାରେ ଅଧ୍ୟାପକ ପଦବୀ ଉଚ୍ଛେଦ ବନ୍ଦ କରିବା, ରେଭେନ୍ସାରେ ଖାଲି ପଡ଼ିଥିବା ୧୭୦ ଅଧ୍ୟାପକ ପଦ ପୂରଣ କରିବା, ଜାତୀୟ ଶିକ୍ଷା ନୀତି ୨୦୨୦କୁ ସମ୍ପୂର୍ଣ୍ଣ ବାତିଲ ଦାବିରେ ଏଆଇଡିଏସଓ ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କମିଟି ସମ୍ପାଦକ ଗାୟତ୍ରୀ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିବାଦ ଶୋଭାଯାତ୍ରା କ୍ୟାମ୍ପସ ପରିସରରେ ବୁଲି ଏଭଳି ଶିକ୍ଷା ବିରୋଧୀ ନିଷ୍ପତ୍ତି ବିରୋଧରେ କୁଳପତିଙ୍କ ଅଫିସ ସମ୍ମୁଖରେ ଛାତ୍ର ବିକ୍ଷୋଭ ହୋଇଥିଲା ଏବଂ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଏହି ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନକୁ ତୀବ୍ର କରାଯିବା ବୋଲି ଛାତ୍ରନେତା ଆହ୍ୱାନ ଦେଇଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କମିଟି ସମ୍ପାଦକ ଗାୟତ୍ରୀ ସାହୁ, ଉପସଭାପତି କସକ ଜେନା, ଛାତ୍ର ନେତା ଅଭିଜିତ ଜେନା, ରୁଦ୍ରମାଧବ ନାଏକ ପରିଚାଳନା କରିଥିଲେ।

**ସିଏମ୍‌ସି କାଉନ୍‌ସିଲ ବୈଠକ**

## ପୂର୍ବତନ କମିଶନରଙ୍କୁ ନେଇ ତମ୍ବିତୋଫାନ

କଟକ,୩୦ା୭ (ସମିସ):





କଟକ ମହାନଗର ନିଗମର ୩୩ତମ କାଉନ୍‌ସିଲ ବୈଠକ ଆଜି ବିଜୁ ଭବନସ୍ଥିତ ବିଶ୍ୱନାଥ ରଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସହରର ବିଭିନ୍ନ ଉନ୍ନୟନମୂଳକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମାତ୍ର ପୂର୍ବତନ କମିଶନର ଅନାମ ଚରଣ ପାତ୍ରଙ୍କ ବିରୋଧରେ ମାଳମାଳ ଅଭିଯୋଗ ଉଠିବା ସହ ବୈଠକସ୍ଥଳ ତୁମ୍ବିତୋଫାନରେ କମ୍ପିଥିଲା। ନିଗମରେ ଅଫିସରଙ୍କ ରାଜୁତି ଚାଲିଥିଲା। ମନଇଚ୍ଛା ଖୋଲୁଥିଲା ଫାଇଲ। ବିନା ଟେଣ୍ଡରରେ ଦିଆଯାଉଥିଲା କୋଟି କୋଟି ଟଙ୍କାର କାର୍ଯ୍ୟାଦେଶ। ବଛାବଛା ଠିକାଦାର ଓ ଏଜେନ୍ସି ମାଲାମାଲ ହେଉଥିଲେ। କ୍ଷମତାର ଦୁରୁପଯୋଗ କରି ପୂର୍ବତନ କମିଶନର ବ୍ୟାପକ ଦୁର୍ନୀତି କରିଥିବା ଅଭିଯୋଗ ଉଠାଇଥିଲେ ବିଜେପି ଓ କଂଗ୍ରେସ କର୍ପୋରେଟର। ତେବେ ସମସ୍ତ ଅଭିଯୋଗ ଉପରେ ତଦନ୍ତ ହେବ ବୋଲି ମେୟର କହିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା।

ଆଗକୁ ପାର୍ବଣ ଆସୁଛି। ଏଣୁ ସହରର ରାସ୍ତାଘାଟ ମରାମତି ସହ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ବାବଦରେ ଆଲୋଚନା ହୋଇଥିଲା। ଏ ନେଇ ଦୃଷ୍ଟି ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ମେୟର ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୧୮ ନମ୍ବର ୱାଡର୍‌ରେ କାମ ହେଉନଥିବା ଅଭିଯୋଗ ଆଣି କର୍ପୋରେଟର ଇଫତିକାର ଆଲମ୍ ବୈଠକ ମଝିରେ ଧାରଣାରେ ବସିଥିଲେ। ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରି ରାସ୍ତା, ପରିମଳ ବ୍ୟବସ୍ଥା ଓ ପଡ଼ି ରହିଥିବା ଅନ୍ୟାନ୍ୟ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ପ୍ରତିଶ୍ରୁତି ମିଳିବା ପରେ ସେ ଧାରଣାରୁ ଓହରିଥିଲେ। ସମାନ ଅଭିଯୋଗ ଆଣି ଧାରଣାରେ ବସିଥିବା ୪ନମ୍ବର ୱାଡର୍‌ର କର୍ପୋରେଟର ମଧ୍ୟ ପ୍ରତିଶ୍ରୁତି ପାଇ ଧାରଣାରୁ ଓହରିଥିଲେ। ସେହିପରି ଗେଲ ଇଣ୍ଡିଆ କର୍ମଚାରୀ ଜନପ୍ରତିନିଧିଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରୁଥିବା ୯ନମ୍ବର ୱାଡର୍ କର୍ପୋରେଟର ବିକାଶ ବେହେରା ଅଭିଯୋଗ ଆଣିଥିଲେ। ଗେଲ ଇଣ୍ଡିଆ ସହରର ବିଭିନ୍ନ ସ୍ଥାନରେ ଗ୍ୟାସ ପାଇପ୍ ଲାଇନ୍ ବିଛା କାର୍ଯ୍ୟ ଜାରି ରଖିଛି। ମହାନଗର ନିଗମ ସହ ସମନ୍ୱୟ ରଖି କାର୍ଯ୍ୟ କରୁନାହାନ୍ତି। ଫଳରେ ନୂଆ ରାସ୍ତାକୁ ମନ ଇଚ୍ଛା ଖୋଲି ଦେଉଛନ୍ତି। ପରେ ଏହାର ଠିକ୍ ଭାବେ ମରାମତି ନକରି ଛାଡ଼ି ଚାଲି ଯାଉଛନ୍ତି। ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହାକୁ ନେଇ ଗେଲ ଇଣ୍ଡିଆ ଯନ୍ତ୍ରୀଙ୍କୁ ମେୟର ତାଗିଦ୍ କରିବା ସହ ଯଦି ଗେଲ ଇଣ୍ଡିଆ ଯେଉଁଠି ରାସ୍ତା ଖୋଳା କାମ ସରିବା ପରେ ପୂର୍ବରୁ ଯେପରି ରାସ୍ତା ଥିବା ସେପରି ଛାଡ଼ିଯିବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବନବିଭାଗର ଦୃଷ୍ଟିରେ ଜଙ୍ଗଲ ହେଉଛି କାଠ, ଲାଖ ଓ ବୈଦେଶିକ ମୁଦ୍ରା; ଜଣେ ବନବାସୀର ଦୃଷ୍ଟିରେ ଜଙ୍ଗଲର ଅର୍ଥ - ମାଟି, ପାଣି ଓ ସ୍ୱଚ୍ଛ ବାୟୁ।

-ସୁନ୍ଦରଲାଲ ବହୁଗୁଣା

## ଆମେରିକାର ଟିକସ କଷଣ

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ପାଇଁ ଧାର୍ଯ୍ୟ ସମୟ ଆଉ ଗୋଟିଏ ଦିନ ପରେ ଅତିକ୍ରମ କରିବ। କିନ୍ତୁ ଏହାପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଅସଲ ଚେହେରା ଦୁନିଆକୁ ଦେଖାଇଛନ୍ତି। ଭାରତ ଆମେରିକାର ବନ୍ଧୁ ହୋଇଥିଲେ ମଧ୍ୟ ରୁଷରୁ ଇନ୍ଧନ ଓ ପ୍ରତିରକ୍ଷା ଉପକରଣ କିଣୁଥିବାରୁ ଭାରତର ଉତ୍ପାଦ ଉପରେ ୨୫% ଆମଦାନୀ ଶୁଳ୍କ ସହିତ ଅତିରିକ୍ତ 'ରୁଷ୍-ଜୋରିମାନା' ଲାଗୁ କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ଜୋରିମାନା ପରିମାଣ କେତେ ହେବ ତାହା ଏବେ ସ୍ପଷ୍ଟ ହୋଇ ନଥିଲେ ମଧ୍ୟ ୧୦୦% ଟପିପାରେ ବୋଲି ସୂଚନା ମିଳିଛି। ରୁଷ୍‌କୁ ଅର୍ଥନୈତିକ ଏକଘରିକିଆ କରିବା ଲକ୍ଷ୍ୟରେ ଆମେରିକା ବଦ୍ଧ ପରିକର। ଅପରପକ୍ଷରେ ରୁଷ୍ ଭାରତର ପୁରୁଣା ଓ ବିଶ୍ୱସ୍ତ ବନ୍ଧୁ ହୋଇଥିବାରୁ ଆମେରିକାର କଟକଣା ଧମକ ସତ୍ତ୍ୱେ ଭାରତ ସେହି ଦେଶ ସହିତ ବାଣିଜ୍ୟ ସମ୍ପର୍କ ତୁଟାଇ ନାହିଁ କି ଆଗକୁ ମଧ୍ୟ ସେ ସମ୍ଭାବନା ନାହିଁ। ତେଣୁ ଏବେ ଭାରତ ଟ୍ରମ୍ପଙ୍କ ରୋଷର ଶିକାର ହେବା ସ୍ୱାଭାବିକ।

ଏ କଥା ସତ ଯେ ଆମ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ଭାରତ ସିଦ୍ଧାନ୍ତ ବା ନିଷ୍ପତ୍ତିର ନିକଟବର୍ତ୍ତୀ ହୋଇଥିବା ଦାବି କରିଛନ୍ତି। ତେବେ ପରିସ୍ଥିତି ଉପରେ ଦୃଷ୍ଟି ରଖିଥିବା ବିଶେଷଜ୍ଞ ମତରେ ଏବେ ମଧ୍ୟ ଅନିଶ୍ଚିତତା ଜାରି ରହିଛି। ଚୂଡ଼ାନ୍ତ ରାଜିନାମା ପୂର୍ବରୁ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟିକ କାରବାର ସମ୍ଭାବନା ଊଣା। ଭାରତ-ବ୍ରିଟେନ ମଧ୍ୟରେ ବାଣିଜ୍ୟ ରାଜିନାମା ପରେ ସ୍ଥିତିରେ ପରିବର୍ତ୍ତନ ଘଟିଛି। ୟୁରୋପୀୟ ରାଷ୍ଟ୍ରସଂଘ ସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଭାରତ ସହ ବାଣିଜ୍ୟକ ସଂପର୍କ ରକ୍ଷା ନେଇ ତତ୍ପରତା ପ୍ରକାଶ କରୁଥିବା ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ଭାରତ ଅତିରିକ୍ତ ସମୟ ଦେଇ ଆମେରିକା ସହ ଆଲୋଚନାକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହେବା ସକାଶେ ସ୍ୱତନ୍ତ୍ର ଆଗ୍ରହ ପ୍ରକାଶ କରିଛି। କାରଣ ଆମେରିକା-ଭାରତର ବାଣିଜ୍ୟ ରାଜିନାମାର ପ୍ରଭାବ ଦେଶର ଅର୍ଥନୀତି ଓ ଷ୍ଟକବଜାର ଉପରେ ପଡୁଛି।

ଇତିମଧ୍ୟରେ ଟ୍ରମ୍ପ ଭାରତକୁ ବାଦଦେଇ ଅନ୍ୟ ବହୁରାଷ୍ଟ୍ର ସହ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିସାରଲେଣି। ସେମାନଙ୍କ ମଧ୍ୟରେ ଜାପାନ, ଭିଏତନାମ, ଇଣ୍ଡୋନେସିଆ ଓ ଫିଲିପାଇନ୍ସ ଅନ୍ୟତମ। ଏହାଛଡ଼ା ଅନ୍ୟ ୨୦ଟି ରାଷ୍ଟ୍ର ସହ ଖୁବ୍ ଶୀଘ୍ର ବୁଝାମଣା ହେଉଥିବାର ସୂଚନା ମିଳିଛି। ସେହିଭଳି ଆମେରିକା ଓ ଚୀନ ମଧ୍ୟରେ ସ୍ୱାକ୍ଷରିତ ଟାରିଫ ଓ ରପ୍ତାନି ନିୟନ୍ତ୍ରଣ ରାଜିନାମାର ମିଆଦ ଅଗଷ୍ଟ ୧୨ ତାରିଖରେ ଶେଷ ହେଉଛି। ଯେତେଦୂର ମନେ ହୁଏ ପୁଣି ତାହାର ସମୟସୀମା ବଢ଼ିବ। ଦୁଇ ରାଷ୍ଟ୍ରର ପ୍ରତିନିଧିଙ୍କ ମଧ୍ୟରେ ଷ୍ଟକ୍‌ହୋମ୍ ଓ ସ୍ୱିଡେନରେ ବୁଝାମଣା ପ୍ରକ୍ରିୟା ଏଥିମଧ୍ୟରେ ଆରମ୍ଭ ହୋଇଯାଇଛି। ଆମେରିକା ଓ ଭାରତ ବାଣିଜ୍ୟ ରାଜିନାମା ବିଳମ୍ବିତ ହେବା ପଛରେ ଟ୍ରମ୍ପଙ୍କ କେତେକ ସର୍ତ୍ତ ଦାୟୀ। ତେଣୁ ଆଲୋଚନା ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଥିବାର ଗୋୟଲଙ୍କ ଦାବି ଆଶା ସଂଚାର କରୁଥିଲେ ମଧ୍ୟ ବହୁ ବିବାଦୀୟ ପ୍ରସଙ୍ଗ ନେଇ କୌଣସି ନିଷ୍ପତ୍ତି ହୋଇପାରିନାହିଁ। ଏଥିପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ ଟ୍ରମ୍ପଙ୍କ ବିବାଦୀୟ ଆଭିମୁଖ୍ୟ ଅନ୍ୟତମ। ଯେତେଦୂର ମନେହୁଏ ବାଣିଜ୍ୟ ରାଜିନାମା ସଂପର୍କରେ କିଛି ଆସ୍ଥାସୂଚକ ମତାମତ ନେଇ ପରିସ୍ଥିତିକୁ ସହଜ ଓ ସାବଲୀନ କରିବାକୁ ପୀୟୁଷ ଗୋଏଲ ପ୍ରୟାସ କରୁଛନ୍ତି। କିନ୍ତୁ ଏହାପୂର୍ବରୁ ଟ୍ରମ୍ପ ଭାରତ ବିରୋଧରେ ଟିକସ ହାର ଘୋଷଣା କରି ପରୋକ୍ଷ ଚାପ ସୃଷ୍ଟି କରିଥିବା ଜଣାପଡୁଛି।

ଭାରତ-ଆମେରିକା ଦ୍ୱିପାକ୍ଷିକ ରାଜିନାମାରେ ମୁଖ୍ୟ ପ୍ରତିବନ୍ଧକ ହୋଇଛି କୃଷି ଓ ଦୁଗ୍ଧଜାତ ଦ୍ରବ୍ୟକୁ ନେଇ। ଆମେରିକା ଉଭୟ ସାମଗ୍ରୀର ବିପଣନ ସକାଶେ ଭାରତୀୟ ବଜାର ଉନ୍ମୁକ୍ତ କରିବାକୁ ଚାହୁଁଥିବା ବେଳେ ଆଭ୍ୟନ୍ତରୀଣ ବାଧ୍ୟବାଧକତା ଦୃଷ୍ଟିରୁ ଭାରତ ସାଲିସ କରିବା ଏତେ ସହଜ ନୁହେଁ। ଏମିତିରେ କୃଷକଙ୍କ ଏକାଧିକ ଦାବିକୁ ସରକାର ଗ୍ରହଣ କରୁନଥିବାରୁ ଏବେ ମଧ୍ୟ ଆନ୍ଦୋଳନ ଜାରି ରହିଛି। ସରକାର ଯଦି ଚାପର ପରବର୍ତ୍ତୀ ହୋଇ ବଜାର ସୁବିଧା ଆମେରିକାକୁ ଦିଅନ୍ତି ତେବେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ଭାରତୀୟଙ୍କ ଡାଟା ଗୋପନୀୟତା ଆଇନ ଓ ସଂରକ୍ଷିତ ଡିଜିଟାଲ୍ ମାର୍କେଟ୍‌ରେ ଆମେରିକୀୟ ବୈଷୟିକ ସଂସ୍ଥାଙ୍କ ଅନୁପ୍ରବେଶ ସୁବିଧା କ୍ଷେତ୍ରରେ ଥିବା କଟକଣା ପ୍ରତ୍ୟାହାର ଦାବି ଅନ୍ୟ ଏକ ପ୍ରସଙ୍ଗ। ଦେଶର ସାଂପ୍ରତିକ ରାଜନୈତିକ ଦୃଶ୍ୟପଟ ଯାହା, ସେଥିରେ ସରକାର 'ଆ ବଦଳ ମତେ ବିନ୍ଧ' ନୀତି ଅନୁସରଣ କରିବା ଏତେ ସହଜ ନୁହେଁ। ବିଳମ୍ବିତ ନିଷ୍ପତ୍ତିର ଏହି ଦିଗ ବେଶ ଚିନ୍ତା ଉଦ୍ରେକକାରୀ ହୋଇଥିଲେ ମଧ୍ୟ ମଧ୍ୟବର୍ତ୍ତୀକାଳୀନ ସୀମିତ ବାଣିଜ୍ୟ କାରବାର ପାଇଁ ଯେତେଦୂର ସମ୍ଭବ ପଥ ପରିଷ୍କାର ହେବ ବୋଲି ଗତ ୨୪ ତାରିଖରେ ବୈଦେଶିକ ମନ୍ତ୍ରଣାଳୟ ଦେଇଥିବା ସୂଚନାରୁ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ଇସ୍ପାତ, ଆଲୁମିନିୟମ ଓ କାର ରପ୍ତାନି ଉପରେ ଅତିରିକ୍ତ ଶୁଳ୍କ ଲାଗୁ ସକାଶେ ଟ୍ରମ୍ପ ଯେଉଁ ଘୋଷଣା କରିଥିଲେ ସେଥିରେ ହ୍ରାସ ଘଟାଇବାର ସମ୍ଭାବନା ରହିଛି। ତେବେ ତାହା ବିନିମୟରେ ଭାରତ ବଜାର ଦଖଲ କରିବାର ପ୍ରୟାସକୁ ଯେ ଆଖିବୁଜି ଦିଆଯିବ ଏକଥା ନୁହେଁ।

ପାରସ୍ପରିକ ସ୍ୱାର୍ଥ ରକ୍ଷା ଏବଂ ଭୂ-ରାଜନୈତିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ସ୍ତରରେ ମୁଣ୍ଡ ଟେକୁଥିବା ଫୋରମକୁ ଭଲ ଆଖିରେ ଦେଖେନାହିଁ ଆମେରିକା। ଅନେକ କ୍ଷେତ୍ରରେ ଆମେରିକାର ଏକଛତ୍ରବାଦୀ ଆଭିମୁଖ୍ୟ ବିରୋଧରେ ମଧ୍ୟ ଏହି ଫୋରମ୍ ନିଷ୍ପତ୍ତି ଗ୍ରହଣ କରିଥାଏ। ହୋଇପାରେ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକା। ତେବେ ପରିବର୍ତ୍ତିତ ପରିସ୍ଥିତିରେ ନିଜର ସ୍ୱାର୍ଥରକ୍ଷା ପାଇଁ ଆଞ୍ଚଳିକ ଶକ୍ତିଙ୍କର ଯେଉଁ ଅଭ୍ୟୁଦୟ ଘଟୁଛି ତାହାକୁ କଠୋର କଟକଣା ପ୍ରୟୋଗ କରି ରୋକିବା ସମ୍ଭବ ନୁହେଁ। ବ୍ରିକ୍ସ ଓ ଏସ୍‌ସିଓରେ ଚୀନର ପ୍ରାଧାନ୍ୟ ଥିଲେ ମଧ୍ୟ ଭାରତ ଯେ ଅନ୍ୟତମ ଶକ୍ତି କେନ୍ଦ୍ର ତାହାକୁ ଅସ୍ୱୀକାର କରିହେବନି। ତେଣୁ ଏସବୁ ସଂଗଠନରେ ଭାରତ ଭୂମିକା ଓ ରୁଷରୁ ତୈଳ ଆମଦାନୀ ଭଳି ପ୍ରସଙ୍ଗ ଟ୍ରମ୍ପଙ୍କୁ କ୍ଷୁବ୍ଧ କରିଛି। ଟ୍ରମ୍ପ କ୍ଷମତାସୀନ ହେବା ପରେ ପରେ ଯେଉଁ ବାଣିଜ୍ୟ ଯୁଦ୍ଧ ଘୋଷଣା କରିଥିଲେ, ଆମେରିକାବାସୀଙ୍କ ସ୍ୱାର୍ଥ ଓ ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ଏବେ ସେଥିରେ ସାଲିସ୍ କରିବାକୁ ବାଧ୍ୟ ହୋଇଛନ୍ତି।

ଭାରତର ବାଣିଜ୍ୟିକ ସ୍ୱାର୍ଥରକ୍ଷାର ଗୁରୁତ୍ୱ ଦୃଷ୍ଟିରୁ ଟ୍ରମ୍ପଙ୍କ ସହ ମଧ୍ୟ ସବୁକଥାରେ ସାଲିସ କରି ହେବନି। ଏକଥା ସତ ଯେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଲୋଚନାକୁ ଆଗେଇ ନେଇ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବା ସହଜ ନୁହେଁ। ତେଣୁ ଭାରତକୁ ଏହି ରାଜିନାମା ପାଇଁ ଅଧିକ ସମୟ ଦେବାକୁ ପଡ଼ିବ।

## ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଅନିଶ୍ଚିତ

**ଡଃ ସ୍ୱାଧୀନ କୁମାର ଦାଶ**

ରାଜଧାନୀର କର୍ମଜୀବୀ, ବ୍ୟବସାୟୀ ଓ ବିଦ୍ୟାର୍ଥୀଙ୍କ ସମେତ ଜନସାଧାରଣଙ୍କ ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ନିର୍ବାଚନ ଇସ୍ତାହାରରେ ଭୁବନେଶ୍ୱର ଓ କଟକ ମଧ୍ୟରେ ମେଟ୍ରୋ ରେଳ ପ୍ରକଳ୍ପର ପ୍ରତିଶ୍ରୁତି ଦେଇଥିଲେ। ନଭେମ୍ବର ୧୪, ୨୦୨୩ରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ମିଳିଥିଲା। ଦେଶର ଅଗ୍ରଣୀ ଦିଲ୍ଲୀ ମେଟ୍ରୋ ରେଳନିଗମ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହିତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା ମଧ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୨୪, ଜାନୁୟାରୀ ୧ତାରିଖରେ ହୋଇଥିଲା। ଏହା ଭୁବନେଶ୍ୱର ସମେତ ରାଜ୍ୟବାସୀଙ୍କୁ ଟ୍ରାଫିକ ସମସ୍ୟାରୁ ଆଶ୍ୱସ୍ତି ପାଇବାଇବାର ଆଶ୍ୱାସନା ପ୍ରଦାନ କରିଥିଲା। ଅଧୁନା ଶିଳାନ୍ୟାସର ପ୍ରାୟତଃ ୧୮ ମାସ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପର ଅଗ୍ରଗତି ଦୂରେ ଥାଉ ଟେଣ୍ଡର ବାତିଲ୍ ହୋଇଥିବା ସୂଚନା ମିଳିଛି। ଏହା ଭିତରେ ଥିବା କାରଣ କ'ଣ? ତାହା ଆମ ପରି ସାଧାରଣ ଲୋକ କ'ଣ ବୁଝିପାରିବ? ସେସବୁ ଗହନ ଚାଷର ପାଠ।

ସୂଚନାଯୋଗ୍ୟ ଭାରତବର୍ଷରେ ଅଧୁନା ୧୭ଟି ସହରରେ ମେଟ୍ରୋରେଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ଜନସାଧାରଣ ସେବାରେ ଲାଗୁଛି। ସୂଚନାଯୋଗ୍ୟ, ଭାରତବର୍ଷରେ ସର୍ବପ୍ରଥମେ ୧୯୪୯-୫୦ ମଧ୍ୟରେ ଅଗ୍ରଣୀ ସହର କଲିକତାରେ ତତ୍କାଳୀନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟ ମେଟ୍ରୋରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଥିଲେ। ଏହାର ୨୩ ବର୍ଷ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଭାରତୀୟ ଓ ବିଦେଶ ସଂସ୍ଥା ମିଳିତ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ୧୯୭୩ ମସିହାରେ କଲିକତାଠାରେ ଉକ୍ତ ମେଟ୍ରୋରେଳ ପ୍ରକଳ୍ପର ଡିପିଆର ପ୍ରସ୍ତୁତ ହୋଇ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଅକ୍ଟୋବର ୨୪, ୧୯୮୪ ମସିହାରେ ଭାରତବର୍ଷରେ ସର୍ବପ୍ରଥମେ ମେଟ୍ରୋ ଟ୍ରେନ ଚଳାଚଳ କରି ଇତିହାସରେ ଏକ ନୂତନ ଯୁଗର ଆରମ୍ଭ ହେଲା। ଯଦିଓ ଏହାପରେ ଦିଲ୍ଲୀ, ବମ୍ବେ, ବାଙ୍ଗାଲୋର, ହାଇଦ୍ରାବାଦ, ଚେନ୍ନାଇ, ଅହମ୍ମଦାବାଦ, ନାଗପୁର, ପୁଣେ, ଜୟପୁର, କୋଚି, ଲକ୍ଷ୍ନୌ, କାନପୁର, ନୋଏଡା, ଗୁଡଗାଓଁ ଓ ମିରଟ ପରି ୧୬ଟି ସହରରେ ମେଟ୍ରୋ ରେଳ ଚଳାଚଳ କରି ଦେଶର ପ୍ରଗତିରେ ନିଜକୁ ସାମିଲ କରିପାରିଛନ୍ତି। ଭାରତରେ ଅଦ୍ୟାବଧି ୮୩୫ କିଲୋମିଟର ମେଟ୍ରୋ ରେଳ ମାର୍ଗ କାର୍ଯ୍ୟକ୍ଷମ ଅଛି। ଏହାର ସୁଦୂରପ୍ରସାରୀ ପ୍ରଭାବ ଅନେକାଂଶରେ ପରିଲକ୍ଷିତ ହେଉଛି। ଯାତାୟତ ଜନିତ ସମୟ ଅପଚୟ ହ୍ରାସ ପାଇ ଉକ୍ତ ସହରଗୁଡ଼ିକୁ ପୂର୍ବାପେକ୍ଷା ଅଧିକ ସମୃଦ୍ଧିଶାଳୀ କରାଯାଇପାରିଛି। ଏହି ସଫଳତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଓ କିଛି ରାଜ୍ୟମାନେ ମେଟ୍ରୋ ରେଳ ପ୍ରକଳ୍ପ କରିବାକୁ ଆଗ୍ରହ ପ୍ରକାଶ କରି ପ୍ରକଳ୍ପ ସମ୍ବଳିତ ଡିପିଆର ଏବଂ ପ୍ରଶାସନିକ ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ଏହିକ୍ରମରେ ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରଠାରେ ୨୬ କି.ମି. ପ୍ରଶସ୍ତ ମେଟ୍ରୋ ରେଳ ଧାରଣା ସହ ୨୦ଟି ରହଣି ସ୍ଥାନ ନିର୍ମାଣ ପ୍ରସ୍ତାବ ରହିଥିଲା। ୬୨୬୫କୋଟି ଟଙ୍କା ବ୍ୟୟବରାଦ କରାଯାଇ ଟେଣ୍ଡର ମାଧ୍ୟମରେ ଏହାର ପ୍ରଥମ କାର୍ଯ୍ୟଭାର ଠିକା ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା। ଦେଶରେ ଯେତେସବୁ ମେଟ୍ରୋ ରେଳ ପ୍ରକଳ୍ପମାନ କରାଯାଇଛି, ଅଧିକାଂଶ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଭାଗିତାରେ କରାଯାଇଛି। କିନ୍ତୁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ଦ୍ୱାରା ପ୍ରକଳ୍ପ ନିର୍ମାଣ ଜନିତ ଅର୍ଥ ବ୍ୟୟବରାଦ କେବଳ ରାଜ୍ୟ ସରକାର ବହନ କରି ସମସ୍ତ ଅର୍ଥରାଶିର ପ୍ରାବଧାନ ନିଜସ୍ୱ ରାଜ୍ୟ ବଜେଟ୍ ମଧ୍ୟରେ ରଖିଥିଲେ। ସରକାରଙ୍କ ଏହି ଫ୍ଲାଗ୍‌ସିପ୍ ଯୋଜନା ରାଜ୍ୟର ସ୍ୱାର୍ଥର ପ୍ରମୁଖତା ବହନ କରିବା ସହ ରାଜ୍ୟସରକାରଙ୍କ ଉଲ୍ଲେଖନୀୟ ସଫଳତା ବର୍ଣ୍ଣନାର ନୂତନ ଅଧ୍ୟାୟ ହେବା ନିଶ୍ଚିତ ଥିଲା।

କଟକ ଓ ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ରେଳପ୍ରକଳ୍ପ ଉଭୟ ସହର ମଧ୍ୟରେ ଅନେକ ଦିଗରୁ ସଂପର୍କ ସ୍ଥାପନାରେ ସହାୟକ ହେବ, ଏଥିରେ କୌଣସି ଦ୍ୱିମତ ନାହିଁ। କିନ୍ତୁ ୨୦୨୪ରେ ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ଏହି ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠିଥିଲା। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ନଗର ଉନ୍ନୟନ ମନ୍ତ୍ରୀ କହିଥିଲେ ଯେ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଶେଷ ହେବାକୁ ଯେଉଁ ସମୟ ନିର୍ଦ୍ଧାରଣ କରାଯାଇଛି ସେହି ସମୟ ମଧ୍ୟରେ ପ୍ରକଳ୍ପ ସରିବା ଲାଗି ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ। ପୂର୍ବ ସରକାରରେ କରାଯାଇଥିବା କୌଣସି ଜନହିତକର କାର୍ଯ୍ୟକ୍ରମ ବନ୍ଦ କରାଯିବ ନାହିଁ ବୋଲି ମଧ୍ୟ ସେ କହିଥିଲେ। ପରେ ରାଜ୍ୟ ସରକାର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ ସହର ଭିତରେ ମେଟ୍ରୋ ଟ୍ରେନ ଲାଇନ୍ ନିର୍ମାଣ ହେଲେ ଯେପରି ଜନସାଧାରଣଙ୍କର କୌଣସି ସମସ୍ୟା ନହୁଏ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ପୂର୍ବକ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଆହ୍ୱାନକ୍ରମେ ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ, ଟିପିସିଓଡିଏଲ୍, ଗେଲ୍, ବିଏସ୍‌ଏନ୍‌ଏଲ୍, ୱାଟକୋ, କମିଶନରେଟ୍ ଟ୍ରାଫିକ ଅଧିକାରୀଙ୍କ ସହ ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଟିମ୍ ଡିପିଆର ଅନୁସରଣ ପୂର୍ବକ ସହର ଭିତରେ ଦେଇ ଯିବାକୁ ଥିବା ସାମ୍ଭାବ୍ୟ ମେଟ୍ରୋରେଳ ଗତିପଥ ବୁଲି ଦେଖିଥିଲେ। ଅଭିଜ୍ଞ ଯନ୍ତ୍ରୀମାନଙ୍କ ଦ୍ୱାରା ଉକ୍ତ ଗତିପଥର ପ୍ରତ୍ୟେକ ୧୦୦ମି. ଅନ୍ତରରେ ମାଟିସ୍ତରରୁ ୪୦ମିଟର ଖୋଳାଯାଇ ମାଟିର ମାନ ଓ ଦୃଢ଼ତାକୁ ପରୀକ୍ଷା କରି ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ଏସବୁ ପରେ ପୂର୍ତ୍ତ ବିଭାଗୀୟ ମନ୍ତ୍ରୀଙ୍କ ବିବୃତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲା ଭଳି ଥିଲା। ତାଙ୍କ ମନ୍ତବ୍ୟ ଦୁଇଟି ଦିଗକୁ ଉପସ୍ଥାପିତ କରିଥିଲା। ପ୍ରଥମଟି ପୂର୍ବ ସରକାରଙ୍କ ନିଷ୍ପତ୍ତି ମୁତାବକ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ଏୟାରପୋର୍ଟ ଛକଠାରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ଥିବାବେଳେ ଏହା ପରିବର୍ତ୍ତନ କରାଯାଇ କଟକ ପର୍ଯ୍ୟନ୍ତ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଏବଂ ତତ୍ ସଂକ୍ରାନ୍ତୀୟ ଆଉ ଏକ ଡିପିଆର ପ୍ରସ୍ତୁତି ପାଇଁ ରାଜ୍ୟ ସରକାର ସଂପୃକ୍ତ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଲେ। ଦ୍ୱିତୀୟଟି ମେଟ୍ରୋ ପ୍ରକଳ୍ପଟି ମାଟି ଉପରେ ନ ଯାଇ କଲିକତା ପରି ମାଟିତଳେ ନିର୍ମାଣ କରାଯିବ ଏବଂ ୨୦ଟି ରହଣି ସ୍ଥାନ ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହେଲା। କାର୍ଯ୍ୟର ତଦାରଖ ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମର ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ସମେତ ଗବେଷଣା ଓ ବିକାଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବାଣିଜ୍ୟ ଓ ପରିବହନ ଏବଂ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ସଚିବ, ପୂର୍ତ୍ତ ବଭାଗ ପ୍ରମୁଖ ସଚିବ, ଅର୍ଥ ବିଭାଗ ପ୍ରମୁଖ ସଚିବ, ରେଳ ସମନ୍ୱୟ ବାଣିଜ୍ୟ ଓ ପରିବହନ ବିଭାଗର ସଚିବଙ୍କୁ ଅବସ୍ଥାପିତ କରି ଏହି ପ୍ରକଳ୍ପ କାର୍ଯ୍ୟକାରିତା ପର୍ଯ୍ୟବେକ୍ଷଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ମେଟ୍ରୋ ରେଳ ପ୍ରକଳ୍ପ ସଂପର୍କିତ ଆନ୍ତଃ ମନ୍ତ୍ରୀସ୍ତରୀୟ ପ୍ରଥମ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଟେଣ୍ଡର ବାତିଲ୍ ହେବା ପରେ ସେ ସବୁ ଯୋଜନା ଶୀତଳଭଣ୍ଡାରକୁ ଚାଲିଯାଇଛି।

ଅଧୁନା ରାଜ୍ୟରେ ଅବସ୍ଥାପିତ ସରକାର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ ଅଗ୍ରଗତି ଦିଗରେ କାର୍ଯ୍ୟକରିବା ଉଚିତ୍। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ଆନ୍ତରିକତାର ସହିତ ନେଇ କାର୍ଯ୍ୟକାରୀ କରାଗଲେ ରାଜ୍ୟର ସ୍ୱାର୍ଥ ସାଧନ ହେବା ସହ ଓଡ଼ିଶାର ପ୍ରଗତିରେ ନୂତନ ଅଧ୍ୟାୟ ଯୋଡ଼ି ରାଜ୍ୟକୁ ଆର୍ଥିକ ଦିଗରେ ଲାଭବାନ କରିବ। ପ୍ରକଳ୍ପର ଶ୍ରେୟକୁ ନେଇ ରାଜନୈତିକ ଅଭିସନ୍ଧି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କବର ନ ଦେଉ।

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

## ଶିକ୍ଷା ସାଧନ ଓ ବିଦ୍ୟାଳୟ କୋଠା

**ରାଜୀବ କୁମାର ନାୟକ**

ପିଲାମାନଙ୍କୁ ସ୍କୁଲ୍ ମନସ୍କ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ତନ୍ମଧ୍ୟରୁ 'ବାଲା' (ବିଲ୍ଡିଂ ଆଜ୍ ଲର୍ଣ୍ଣିଂ ଏଡ୍) ଯୋଜନା ଅନ୍ୟତମ। 'ବାଲା' ହେଉଛି ଏକ ଯୋଜନା, ଯେଉଁଠି ସଂପଦର ସଦୁପଯୋଗ ପୂର୍ବକ ବିଦ୍ୟାଳୟରେ ଥିବା ସ୍ଥାନ ଏବଂ କୋଠାକୁ ଅଭିନବ ଉପାୟରେ ଶିଶୁ ଅନୁକୂଳ ତଥା ପାଠପଯୋଗୀ କରି ଶୈକ୍ଷିକ ମୂଲ୍ୟ ବୃଦ୍ଧି କରିବା। ଏଥିରେ କାର୍ଯ୍ୟକଳାପ ଆଧାରିତ ଶିକ୍ଷା, ଶିଶୁ ଉପଯୋଗୀ, ସମାବେଶୀ ଶିକ୍ଷା ସାମିଲ ହେବ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଛାତ୍ରଛାତ୍ରୀଙ୍କୁ ପଠନ ନିମନ୍ତେ ଉତ୍ସାହିତ କରିବା ସହିତ ତାହା ଯେପରି ଉପଭୋଗ୍ୟ ହୋଇପାରିବ ସେଥିସକାଶେ ପରିବେଶ ସୃଷ୍ଟି କରିବା, ଛାତ୍ରଛାତ୍ରୀ ଯେପରି ବୁଝିବେ ଯେ ପ୍ରତ୍ୟେକେ ଜଣେ ଜଣେ ଲେଖକ ହୋଇ ପାରିବେ, ସେମାନେ ଯେମିତି ପ୍ରକୃତ ପଠନ କୌଶଳ ହାସଲ କରି ପାରିବେ ଏବଂ ସ୍ୱୟଂ ଶିକ୍ଷାର୍ଥୀ ହୋଇ ପାରିବେ, ଭିନ୍ନ ଭିନ୍ନ ରଚନା ଶୈଳୀ ସହିତ ପରିଚିତ ହୋଇ ପାରିବେ ଏବଂ ନିଜ ପାଇଁ କ'ଣ ପଢ଼ିବାକୁ ଉପଯୁକ୍ତ ସହଜରେ ଚୟନ କରିପାରିବେ, ବିବିଧ ବ୍ୟାପକ ଅଭିବ୍ୟକ୍ତି ଦିଗରେ ଉନ୍ମୁକ୍ତ ହୋଇପାରିବେ।

ମୁଖ୍ୟ କଥା ହେଲା ବିଦ୍ୟାଳୟକୁ ଏପରି ଭାବରେ ସୁସଜ୍ଜିତ କରାଯିବ, ଯେପରିକି ଏହାର ପ୍ରତ୍ୟେକ ଧୂଳିକଣାରେ କିଛି ନା କିଛି ଶିକ୍ଷଣୀୟ ଥିବ। ପ୍ରତ୍ୟେକ ବର୍ଗର ଛାତ୍ରଛାତ୍ରୀଙ୍କ ସକାଶେ ଏଭଳି ଅନୁକୂଳ ପରିବେଶ ସୃଷ୍ଟି କରାଯିବ, ଯାହା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆସିବା ନିମିତ୍ତ ଆକର୍ଷିତ କରୁଥିବ। ସତୁରୀ-ଅଶୀ ଦଶକରେ ପ୍ରଧାନଶିକ୍ଷକଙ୍କ ନେତୃତ୍ୱରେ ବିଦ୍ୟାଳୟର କାନ୍ଥବାଡ଼ରେ ବିଭିନ୍ନ ପ୍ରକାରର ନୀତିବାଣୀ, ଭାରତ, ଓଡ଼ିଶା ଓ ଜିଲ୍ଲାର ମାନଚିତ୍ର, ରାଜ୍ୟ ଓ ଦେଶର ବିଭିନ୍ନ ଦର୍ଶନୀୟ ସ୍ଥାନ, ଖାଦ୍ୟ ସାରଣୀ ଇତ୍ୟାଦିର ଚିତ୍ର ଓ ଲେଖା ବିଭିନ୍ନ ରଙ୍ଗ ଏବଂ ତୂଳୀ ସାହାଯ୍ୟରେ ଅଙ୍କା ଯାଉଥିଲା। ଅର୍ଥ ଅଭାବରୁ ଚିତ୍ରକର ସାହାଯ୍ୟ ନ ନେଇ ଶିକ୍ଷକଙ୍କ ମଧ୍ୟରୁ ଯାହା ଦେଇ ଚିତ୍ର ଭଲ ହେଉଥିବ ଏବଂ ଯାହାର ଅକ୍ଷର ଭଲ ହେଉଥିବ ତାଙ୍କ ମାଧ୍ୟମରେ ଏହିସବୁ ଜିନିଷ କରା ଯାଉଥିଲା। ଏବେ ଅର୍ଥର ଅଭାବ ସେତେ ମାତ୍ରାରେ ନାହିଁ। କିନ୍ତୁ ଅନେକ ବିଦ୍ୟାଳୟ ଆଜି ଶ୍ରୀହୀନ। ଏହାରି ଭିତରେ ୟୁନିସେଫ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ 'ବାଲା' ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ଜିଲ୍ଲାରୁ ପ୍ରାୟ ଗୋଟିଏ କରି ବିଦ୍ୟାଳୟ ଚୟନ କରାଯାଉଛି।

ଓଡ଼ିଶାରେ 'ବାଲା' ଯୋଜନାରେ ସାମିଲ ହୋଇଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର କଇରାଝୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ପାଖାପାଖି ୫ ଏକର ପରିମିତ ଜାଗାରେ ଥିବା ବିଦ୍ୟାଳୟର ଫାଟକରେ ବିଦ୍ୟାଳୟର ନାମ ଭିନ୍ନ ଶ୍ରୀଗଣେଶ ଓ ସରସ୍ୱତୀଙ୍କ ଚିତ୍ର ସାଙ୍ଗକୁ ଫାଟକଠାରୁ ବିଦ୍ୟାଳୟର କୋଠା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଗୋଲାକାର ସିମେଣ୍ଟ ଉପରେ ଉଭୟ ଓଡ଼ିଆ ଓ ଇଂରାଜୀ ବର୍ଣ୍ଣମାଳା, ଏକ ଶବ୍ଦ ଓ ତା'ର ଚିତ୍ର ରହିଛି। ମହାପୁରୁଷଙ୍କ ନାଁକୁ ନେଇ ଶ୍ରେଣୀ ଗୃହର ନାମକରଣ, ବିଦ୍ୟାଳୟ ପରିସରରେ ଥିବା ପ୍ରତ୍ୟେକ ବୃକ୍ଷର ଓଡ଼ିଆ, ଇଂରାଜୀ ଓ ଉଦ୍ଭିଦ ବିଜ୍ଞାନ ଅନୁଯାୟୀ ନାମ ଓଡ଼ିଆ ଅକ୍ଷରରେ ଏକ ଫଳକରେ ଲେଖି ଝୁଲାଯାଇଛି। କାନ୍ଥରେ ଚିତ୍ର ସହିତ 'ବାଲ୍ୟ ବିବାହକୁ ନା', 'ସେଭ୍ ଟ୍ରି' ଭଳି ବାର୍ତ୍ତାମାନ ରହିଛି। କମ୍ପ୍ୟୁଟର ହଲ ଆଗରେ କମ୍ପ୍ୟୁଟର ସଂପର୍କିତ ଅନେକ ସୂଚନା ଏବଂ କମ୍ପ୍ୟୁଟରର ବିଭିନ୍ନ ଅଂଶର ଚିତ୍ର, ପ୍ରତ୍ୟେକ ଶ୍ରେଣୀ ଗୃହରେ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଚିତ୍ର ଯେମିତି - ଟେନସ୍ ଚାର୍ଟ, କେଉଁ ଖାଦ୍ୟରୁ କେଉଁ ଭିଟାମିନ୍ ମିଳେ, ସୌର ପରିବାର ଇତ୍ୟାଦି ରହିଥିବା ବେଳେ ବାରଣ୍ଡାରେ ମହାପୁରୁଷଙ୍କ ଚିତ୍ର, ବିଭିନ୍ନ ଦର୍ଶନୀୟ ସ୍ଥାନ, ବିଭିନ୍ନ ମାନଚିତ୍ର ଇତ୍ୟାଦି ସହିତ ନୀତିବାଣୀ ଲେଖା ଯାଇଛି। ପ୍ରତ୍ୟେକ କାନ୍ଥତଳେ ଶାଢ଼ି ଧଡ଼ି ସଦୃଶ ଚିତ୍ର କରି ସାଧାରଣ ମଣିଷର ଜନ ଜୀବନର କଥା ପରିଦୃଷ୍ଟ ହୁଏ। ସ୍ଥାନେ ସ୍ଥାନେ ବିଭିନ୍ନ ଜୀବଜନ୍ତୁ ଆକୃତିର ଡଷ୍ଟବିନ ଥିବା ପରିଲକ୍ଷିତ ହୁଏ। ଛାତ୍ର, ଛାତ୍ରୀ ଓ ଭିନ୍ନକ୍ଷମଙ୍କ ସକାଶେ ଅଲଗା ପାଇଖାନା ଓ ର୍ୟାମ୍ପ ସହ ଆଗରେ ଚିତ୍ର ସହ ଲେଖା ଯାଇଛି ବାଳକ କି ବାଳିକା କି ଭିନ୍ନକ୍ଷମ। ଏହା ସହିତ 'ଜଳ ହିଁ ଜୀବନ' ଚିତ୍ର ସହ ତନିଚକିଆ ଏକ ଚୌକିରେ ଜଣେ ଭିନ୍ନକ୍ଷମ ବସିଥାଇ ଲେଖାଯାଇଛି 'ଦୟା ନୁହେଁ ମୁଁ ସୁଯୋଗ ଚାହେଁ, ତୁମ ସାଥେ ସାଥେ ଯିବାକୁ ଚାହେଁ'। ଏତଦ୍‌ବ୍ୟତୀତ ଭିନ୍ନ ଭିନ୍ନ ଡଷ୍ଟବିନ କରାଯାଇ 'ମାଟିରେ ମିଶିବ' ଏବଂ 'ମାଟିରେ ମିଶିବ ନାହିଁ' ଲେଖା ଯାଇଥିବା ଦୃଷ୍ଟିଗୋଚର ହୁଏ। ପିଲାମାନଙ୍କୁ ଆକୃଷ୍ଟ କରିବା ସକାଶେ ଟ୍ରେନର ବଗି ଓ ପ୍ଲାଟଫର୍ମ ଭଳି ମଧ୍ୟ କରାଯାଇଛି ସାଇକେଲ ଷ୍ଟାଣ୍ଡ ନିକଟରେ, ଯାହାଦ୍ୱାରା ପିଲାମାନେ ଟ୍ରେନ, ପ୍ଲାଟଫର୍ମ ଇତ୍ୟାଦି ବିଷୟରେ ଜାଣିପାରିବେ। ସୁବର୍ଣ୍ଣପୁର ଜିଲ୍ଲାର ବିନିକା ନିକଟସ୍ଥ ଲକ୍ଷବଛପୁରଠାରେ ନିଜସ୍ୱ ଉଦ୍ୟମରେ ପ୍ରତିଷ୍ଠିତ ଏକ ଭିନ୍ନକ୍ଷମ ବିଦ୍ୟାଳୟରେ ମଧ୍ୟ ଏଭଳି ଅନେକ ଶିକ୍ଷଣୀୟ ଜିନିଷ ଦେଖିବାକୁ ମିଳେ।

ସୁବର୍ଣ୍ଣପୁର ଜିଲ୍ଲା ଏଠାରେ ଏକ ଉଦାହରଣ। 'ବାଲା' ଯୋଜନାରେ ସମଗ୍ର ଓଡ଼ିଶାରେ ବିଦ୍ୟାଳୟକୁ ଶିକ୍ଷଣୀୟ କରିବା ସକାଶେ ଅନେକ ପ୍ରଚେଷ୍ଟା ହୋଇଛି। ଅନେକ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ମଧ୍ୟ କମ୍ ବେଶୀ କରି ଏ ଦିଗରେ କାମ କରା ଯାଉଛି। ଅନେକ ଶ୍ରେଣୀଗୃହରେ ପରିୟଡିକ ଟେବୁଲଠୁ ଆରମ୍ଭ କରି ମାନବ ଶରୀରର ବିଭିନ୍ନ ଅଂଶ, ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ଉପକରଣ, ମାନଚିତ୍ର, ମହାପୁରୁଷଙ୍କ ଛବି ଇତ୍ୟାଦି କରା ଯାଉଛି। ଏହା ଛାତ୍ରଛାତ୍ରୀଙ୍କୁ ନିଶ୍ଚୟ ଅଭିଭୂତ କରୁଥିବ ଏବଂ ଶିକ୍ଷା ଅଭିମୁଖୀ କରାଉଥିବ। ଏହାବାଦ୍ ବିଭିନ୍ନ ସାମାଜିକ ସଂଗଠନ ଛାତ୍ରଛାତ୍ରୀଙ୍କୁ ପାଠ କେମିତି ସହଜ ଲାଗିବ ଭାବି ଅନେକ ପ୍ରକାରର ଜିନିଷ ପ୍ରସ୍ତୁତ କରୁଛନ୍ତି ଶିକ୍ଷଣୀୟ ଦ୍ରବ୍ୟ ମାଧ୍ୟମରେ ଶିକ୍ଷାଦାନ(ଟି.ଏଲ.ଏମ.)କୁ ଆଖି ଆଗରେ ରଖି।

ସରକାର ଏ ଦିଗରେ ଗୁରୁଦାୟିତ୍ୱ ଗ୍ରହଣ କରି ବିଭିନ୍ନ ପ୍ରକାର ବିଦ୍ୟାଳୟ ନ ଖୋଲି ସବୁ ବିଦ୍ୟାଳୟ ସମାନ ଭାବି ଏ ଦିଗରେ ଅର୍ଥ ବରାଦ କରିବାର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି। ତେଣୁ ଆମକୁ ଆହୁରି ଅନେକ ରାସ୍ତା ଅତିକ୍ରମ କରିବାର ଅଛି। ଆମେ ସେହିଦିନ ଖୁସି ପ୍ରକଟ କରିବା ଯେଉଁଦିନ ବିଦ୍ୟାଳୟର ଛୁଟି ସମୟର ଦୃଶ୍ୟ ଭଳି ବିଦ୍ୟାଳୟକୁ ଆସିବା ସମୟର ଦୃଶ୍ୟ ଦେଖାଯିବ। ଅର୍ଥାତ ପିଲାମାନେ ବିଦ୍ୟାଳୟକୁ ଆସିବାକୁ ଆଉ ଅମଙ୍ଗ ହେବେ ନାହିଁ, ବରଂ ବିଦ୍ୟାଳୟ ସମୟ ଆସିଲେ ସ୍ୱତଃ ବିଦ୍ୟାଳୟ ପ୍ରତି ଆକର୍ଷିତ ହେବେ।

ପଦରପଡ଼ା(ବୌଦ୍ଧ), ମୋ: ୯୪୩୭୫୭୨୮୩୧

## ବିଶ୍ୱ-ଦରଦୀ ମାନବବାଦୀ ଗୋପବନ୍ଧୁ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ଗୋପବନ୍ଧୁଙ୍କୁ 'ଉତ୍କଳମଣି' ସମ୍ମାନରେ ବିଭୂଷିତ କରି ଓଡ଼ିଆ ଜାତି ଗୌରବାନ୍ୱିତ। ମାତ୍ର ତାଙ୍କ ସାହିତ୍ୟ ଏବଂ ଜୀବନରେ ମାନବିକ ସମ୍ବେଦନଶୀଳତାର ଯେଉଁ ଉଷ୍ମ ପ୍ରବାହ ଅନୁଭୂତ ହୁଏ ତାହା ସମସ୍ତ ଭୌଗୋଳିକ ସୀମାକୁ ଯେ ଅତିକ୍ରମ କରିଯିବାର ଅସୀମ ଶ୍ରଦ୍ଧାରେ ମହିମାନ୍ୱିତ -ଏହି ନିଗୂଢ଼ ସତ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଉନ୍ମୋଚିତ ହୋଇପାରିନାହିଁ। ଏ ପ୍ରୟାସ ଏବେ ମଧ୍ୟ ଜାରି ରହିଥିବା ଓଡ଼ିଆ ସାହିତ୍ୟ ପ୍ରତି ଶୁଭସଙ୍କେତ। ଗୋପବନ୍ଧୁଙ୍କ ହୃଦୟର ସୂକ୍ଷ୍ମତମ ଅଂଶଗୁଡ଼ିକ ସୁବିକଶିତ ହୋଇପାରିଥିବାରୁ ତାଙ୍କ କଣ୍ଠରେ ଭରିଯାଇଥିଲା ଅମାପ ମମତା, ନୟନଯୁଗଳ ହୋଇଯାଉଥିଲା ଅଶ୍ରୁସ୍ନାତ, କବିତା ଲେଖିବା ଆରମ୍ଭ କଲେ ତ୍ୟାଗପୂତ ଚରିତ୍ରମାନଙ୍କ ଭାବନାରେ ସେ ହୋଇଯାଉଥିଲେ ଭାବାବିଷ୍ଟ। ଗଦ୍ୟରଚନାରେ ବି ପ୍ରତିବିମ୍ବିତ ହେଉଥିଲା ତାଙ୍କ ସ୍ୱାଧୀନ, ସ୍ୱାଭିମାନ-ସମ୍ପନ୍ନ, ସମଦୁଃଖୀ ଅନ୍ତରଙ୍ଗ ଅନ୍ତଃସତ୍ତାଟି। ଧର୍ମପଦକୁ ସେ ଜୀବନ୍ୟାସ ଦେଲେ ସ୍ୱରଚିତ କାବ୍ୟରେ। ପ୍ରମାଣିତ କରିଦେଲେ ଯେ ସମ୍ପୂର୍ଣ୍ଣ ଭାବରେ ପ୍ରଜ୍ୱଳିତ ହୋଇ ଉଠିବାରେ ହିଁ ଜୀବନ-ଦୀପର ମହତ୍ତର ଉଦ୍ଦେଶ୍ୟ ହୋଇଯାଏ ସାଧିତ। କାବ୍ୟ କବିତା ଓ କବି-ଆତ୍ମା ସହ ସଂଯୁକ୍ତ ସାଧାରଣ ପାଠକ କଣ୍ଠରୁ ମଧ୍ୟ ତେଣୁ ଝରିଆସେ - 'ମାନବ ଜୀବନ ନୁହଇ କେବଳ ବର୍ଷ, ମାସ, ଦିନ ଦଣ୍ଡ / କର୍ମେ ଜିଏ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ।'

ଗୋପବନ୍ଧୁଙ୍କ ଜୀବନ କାଳ ମଧ୍ୟ ସଂକୁଚିତ। ମାତ୍ର ୫୨ ବର୍ଷ ବୟସରେ ସେ ଚିର ନିଦ୍ରା ବରଣ କରିନିଅନ୍ତି। ଅଥଚ ଏହି ସଂକ୍ଷିପ୍ତ ଜୀବନର ସୀମା ମଧ୍ୟରେ ସେ ଯେଉଁ ଅସୀମତା ଧାରଣ କରିଛନ୍ତି ସ୍ୱକୀୟ ଚେତନାରେ ଏବଂ ନିଜକୁ ବିତରିତ କରି ଦେଇଛନ୍ତି ନିର୍ବିଚାର ଭାବରେ, ତାହା ହିଁ ଯେ ଅନନ୍ୟ ଓ ଅତୁଳନୀୟ। କୌଣସି ସ୍ୱାଧୀନ କବିର ଆତ୍ମା ଓ ମୁକ୍ତିଅଭିମୁଖୀ ସଂଗ୍ରାମୀ ମନକୁ ବନ୍ଦୀ କରି ରଖିବା ପାଇଁ କ'ଣ ଏ ପୃଥିବୀରେ ନିର୍ମିତ ହୋଇପାରିଛି ନା ହୋଇପାରେ କୌଣସି କାରାଗୃହ? ଗୋପବନ୍ଧୁଙ୍କ ଶରୀରଟି ହଜାରୀବାଗ ଜେଲରେ ବନ୍ଦୀ ହୋଇ ରହିଥିବା ବେଳେ ବି ତାଙ୍କ ଆତ୍ମିକ ଆକୁଳତା ପ୍ରଦକ୍ଷିଣ କରୁଥିଲା ସମଗ୍ର ଓଡ଼ିଶାକୁ। ସେପରି ପ୍ରାଣବନ୍ତ ଉଦବିଗ୍ନତା କ'ଣ କୌଣସି ନିର୍ଦ୍ଦିଷ୍ଟ ସୀମାରେ ରହିପାରେ ଆବଦ୍ଧ? ତାହା ତ ପବନର ଢେଉରେ ଭାସିଯାଇପାରେ ଦୂର-ଦୂରାନ୍ତର, ଦେଶ-ଦେଶାନ୍ତର। 'ବନ୍ଦୀର ଆତ୍ମକଥା', 'କାରାକବିତା'ର ପ୍ରାଣପ୍ରାଚୁର୍ଯ୍ୟ ଗର୍ଭିତ ପଦଗୁଡ଼ିକ ସେହି ବିପୁଳ ଶକ୍ତି ଓ ଆନ୍ତରିକତାରେ ହୋଇ ଉଠିଛନ୍ତି ଅନ୍ତଃସ୍ପର୍ଶୀ ଆଉ ପ୍ରଭାବଦୀପ୍ତ। 'ସମାଜ' ଓ 'ସତ୍ୟବାଦୀ' ମାଧ୍ୟମରେ ପୁରପଲ୍ଲୀରେ ସେ ସୃଷ୍ଟି କରିଦେଇ ପାରିଛନ୍ତି ଅହିଂସାର ମନ୍ତ୍ର। ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ସମ୍ପ୍ରସାରିତ କରିଦେଇଛନ୍ତି ସର୍ବତ୍ର।

ଜଣେ ମଣିଷର ହୃଦୟ ପ୍ରତିମୁହୂର୍ତ୍ତରେ ହୋଇପାରେ କିପରି ଆବେଗ-ସ୍ପନ୍ଦିତ, ନବ ନବ ଚିନ୍ତନରେ ଆଲୋଡ଼ିତ, ମଣିଷର ଦୁଃଖ ଓ ଦୁର୍ଭାଗ୍ୟରେ ବିଗଳିତ; ତାହାର ମହତ୍ତର ଉଦାହରଣ ଗୋପବନ୍ଧୁ ଦାସ। ତାଙ୍କୁ ପଣ୍ଡିତ ଭାବରେ ମଧ୍ୟ ବିଭୂଷିତ କରାଯାଇଛି। କିନ୍ତୁ ପାଣ୍ଡିତ୍ୟଠାରୁ ଯାହା ସହସ୍ର ଗୁଣରେ ଗରୀୟାନ ସେଇ ଅକୃତ୍ରିମ ଶ୍ରଦ୍ଧା, ନିଷ୍କପଟ ହୃଦୟର ଭାବାବେଗ ବହନ କରି ସେ ନିକଟତର ହୋଇଛନ୍ତି ମଣିଷର। ସତ୍ୟବାଦୀ ବନ ବିଦ୍ୟାଳୟ ନିର୍ମାଣ କଲେ ସେ ମଣିଷ ଗଢ଼ିବା ସକାଶେ। ତାହା ତ ତାଙ୍କର ଏକ ଶ୍ରେଷ୍ଠ ମହାକାବ୍ୟ। ପୁଣି ଯେତେବେଳେ ଭାରତୀୟ ଜାତୀୟତାବୋଧ ତାଙ୍କ ଅନ୍ତରକୁ କରିଛି ବ୍ୟାକୁଳ ନିଜକୁ ଝାସ ଦେଇଛନ୍ତି ସ୍ୱଦେଶ ପ୍ରେମର ମହାସ୍ରୋତରେ।

ବନ ବିଦ୍ୟାଳୟରେ ଛାତ୍ରମାନଙ୍କୁ ସମ୍ବୋଧନ କରି ଯାହା ସେ ଉଚ୍ଚାରଣ କରୁଥିଲେ ତାହାକୁ ମହାକାଳ ମଳିନ କରିଦେଇ ପାରିନାହିଁ। ତାଙ୍କ ବକ୍ତବ୍ୟ ଓଡ଼ିଆ ସାହିତ୍ୟର ଉଚ୍ଚାଙ୍ଗ ଗଦ୍ୟକୃତି ଭାବରେ ଗୃହୀତ। ଭାଷା ହୋଇପାରେ କେତେ ସରଳ, କେତେ ଭାବଉଦ୍ରେକକାରୀ, ସଂଚରଣକ୍ଷମ ତାହା ତାଙ୍କ ରଚନାବଳୀରୁ ଯେ କେହି ହୃଦୟଙ୍ଗମ କରିପାରିବେ ଅନାୟାସରେ। ଓଡ଼ିଶାର ସୁପ୍ରସିଦ୍ଧ ଗାଥାକବି ରାଧାମୋହନ ଗଡ଼ନାୟକ 'ବିଶ୍ୱଜୀବନ ପଥେ' କବିତା ରଚନା କରି ପ୍ରମାଣିତ କରିଦେଇଛନ୍ତି ଯେ, ଗୋପବନ୍ଧୁ ଯଥାର୍ଥରେ ହେଉଛନ୍ତି ବିଶ୍ୱବାଦୀ ଓ ବିଶ୍ୱଦରଦୀ। ସେ ପ୍ରଥମେ ଜଣେ ଉଚ୍ଚକୋଟୀର ମଣିଷ। ତା'ପରେ କବି। ତାଙ୍କ କାବ୍ୟ, କବିତା, ଗଦ୍ୟସୃଷ୍ଟି ସର୍ବତ୍ର ଯେଉଁ ପ୍ରାଣ-ତରଙ୍ଗ ପରିବ୍ୟାପ୍ତ ହୋଇ ରହିଛି ଆମର ସାମାନ୍ୟ ଶ୍ରଦ୍ଧାର ସ୍ପର୍ଶ ଲାଭ କଲେ ତାହାର ଅସାମାନ୍ୟ ଆଲୋକ ନିଶ୍ଚୟ ଆମକୁ ଆବୃତ୍ତ କରି ରଖିବ ବାତାବରଣ ଯେତେ ପ୍ରତିକୂଳ ହୋଇ ରହିଥିଲେ ମଧ୍ୟ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅପାରଗତା ଲୁଚାଇବା ପାଇଁ ଅପଚେଷ୍ଟା: ବିଜେଡି

## ସରକାରଙ୍କ ଉପରେ ଆସ୍ଥା ହରାଇଲେଣି କି ରାଜ୍ୟ ବିଜେପି ଯୁବ ଓ ମହିଳା ମୋର୍ଚ୍ଚା

**ଭୁବନେଶ୍ୱର,୩୦।୭ (ସମିସ):** ବିଜେପି ରାଜ୍ୟ ମହିଳା ଶାଖା ଦ୍ୱାରା ବୁଧବାର ରାଜରାସ୍ତାରେ କରାଯାଇଥିବା ପ୍ରତିବାଦ କାର୍ଯ୍ୟକ୍ରମ ଉପରେ ଆଜି କଡା ପ୍ରତିକ୍ରିୟା ଦେଇଛି ବିଜେଡି। ବିଜେପି ସରକାର ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ଓ ଏହି ବିଫଳତାକୁ ଲୁଚାଇବାକୁ ଗତ କାଲି ବିଜେପି ମହିଳା ଓ ଯୁବମୋର୍ଚ୍ଚା ନେତା ରାଜରାସ୍ତାକୁ ଓହ୍ଲାଇବା ଦୁର୍ଭାଗ୍ୟଜନକ ବୋଲି ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି।

ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଇପ୍ସିତା କହିଛନ୍ତି ରାଜ୍ୟରେ ଗତ ତେର ମାସର ବିଜେପି ଶାସନରେ ମହିଳା ଓ ଛାତ୍ରୀଙ୍କ ବିରୋଧରେ ଅପରାଧ ବୃଦ୍ଧି ଘଟିବା ଯୋଗୁ ରାଜ୍ୟବାସୀ ଅତିଷ୍ଠ ହୋଇ ପଡିଛନ୍ତି। ବିଜେପି ଯୁବ ଓ ମହିଳା ମୋର୍ଚ୍ଚା ଏହି ପ୍ରତିବାଦ କାର୍ଯ୍ୟକ୍ରମ ମାଧ୍ୟମରେ, ବିରୋଧୀ ଦଳକୁ ଟାର୍ଗେଟ କରିବାକୁ ଅପଚେଷ୍ଟା କରୁଛନ୍ତି। ମାତ୍ର




ଯେତେବେଳେ ବିଜେପି କର୍ମକର୍ତ୍ତା ମାନେ ଦୁଷ୍କର୍ମ ଅଭିଯୋଗରେ ଜେଲ ଯାଉଛନ୍ତି, ସେତେବେଳେ ସେମାନେ ମୁହଁ ଚୁପ ରଖୁଛନ୍ତି କାହିଁକି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି। ସାଢ଼େ ଚାରି କୋଟି ଓଡ଼ିଆଙ୍କ ହୃଦୟର ନେତା ନବୀନ ପଟ୍ଟନାୟକଙ୍କ ବୟସକୁ ନେଇ ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ଯେଉଁ ମନ୍ତବ୍ୟ ଦେଇଛନ୍ତି ତାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଯେଉଁ ଦଳର ସଭାପତିଙ୍କୁ ୨୦୦୮ ମସିହାରେ ଓଡ଼ିଶା ନିବାସରେ ଗୋଟିଏ ରୁମରେ ତାଲା ପକାଇ ଅଟକାଯାଇଥିଲା, ସେହି ଦଳର ଯୁବ ସଭାପତି ନବୀନ ବାବୁଙ୍କୁ ପ୍ରଶ୍ନ ପଚାରିବା କେତେ ଦୂର ଯୁକ୍ତିଯୁକ୍ତ ? ବିଜେପି ଯୁବ ମୋର୍ଚ୍ଚାର ସଭାପତି ଶିଷ୍ଟାଚାର ଓ ଶାଳୀନତା ଭୁଲି ମନ୍ତବ୍ୟ ଦେଇ ଅନ୍ୟ ଛାତ୍ର ସଂଗଠନକୁ କ୍ୟାମ୍ପସ ଯିବାରେ ବାରଣ କରିବା ବେଳେ ଭୁଲି ଯାଉଛନ୍ତି ଯେ ରାଜ୍ୟର ସର୍ବାଧିକ କଲେଜ କ୍ୟାମ୍ପସର ନିର୍ବାଚିତ କର୍ମକର୍ତ୍ତା ବିଜୁ ଛାତ୍ର ଜନତା ଦଳ ସହ ସଂପୃକ୍ତ । ଏଫଏମ କଲେଜ ଛାତ୍ରୀ ସୌମ୍ୟଶ୍ରୀର ଆତ୍ମଦାହ ଘଟଣାରେ ଦୀର୍ଘ ୬ ମାସ କାଳ ସେ ନ୍ୟାୟ ପାଇବା ପାଇଁ ସଙ୍ଘର୍ଷ କରିଥିଲେ। ବିଜେପିର ଛାତ୍ର ସଂଗଠନ ଏବିଭିପିର ଜଣେ ସଦସ୍ୟ ହୋଇଥିବା ସତ୍ତ୍ୱେ, ସୌମ୍ୟାଶ୍ରୀଙ୍କୁ ରାଜ୍ୟ ସରକାର ନ୍ୟାୟ ଦେବା ପାଇଁ ବିଫଳ ହୋଇଥିଲେ, ଯେଉଁଥିପାଇଁ ଏଭଳି ଅଭାବନୀୟ କାଣ୍ଡ ଘଟିଲା। ରାଜ୍ୟ ବିଜେପି ସରକାର ନ୍ୟାୟ ଦେବାରେ ବିଫଳ ହୋଇଥିବା ବେଳେ ଅନ୍ୟକୁ ଅଙ୍ଗୁଳି ଦେଖାଇବାର ଅଧିକାର ବିଜେପି ନେତାମାନେ ହରାଇଛନ୍ତି। ଏହାଛଡା, ଗତ ତେର ମାସରେ ରାଜ୍ୟରେ ୧୮,୦୦୦ରୁ ଉର୍ଦ୍ଧ୍ୱ ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି। ରାଜ୍ୟରେ ପ୍ରତିଦିନ ୧୫ଟି ଦୁଷ୍କର୍ମ ହେଉଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟରେ ଛାତ୍ରୀ, ନାବାଳିକା ଓ ମହିଳା ମାନେ ଅସୁରକ୍ଷିତ ବୋଲି ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ମହିଳା ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ହେଉଥିଲା ବେଳେ ରାଜରାସ୍ତାରେ ଚିତ୍କାର କରୁଥିବା ବିଜେପି ନେତାମାନେ ମୁହଁରେ ତୁଣ୍ଡି ବାନ୍ଧି ବସି ରହୁଛନ୍ତି କାହିଁକି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଥିଲେ।

## ଅବଶିଷ୍ଟାଂଶ

### ଅଧା ବିଶ୍ୱ...

ଏହି ଶକ୍ତିଶାଳୀ ଭୂକଂପରେ ରୁଷଠାରୁ ଆରମ୍ଭ କରି ଜାପାନ ମଧ୍ୟ ଥରି ଉଠିଛି। ଏହାପ୍ରଭାବରେ ସମଗ୍ର ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସୁନାମୀ ଆଲର୍ଟ ଜାରି କରାଯାଇଥିଲା। ସୁନାମୀର ପ୍ରଭାବ ଆମେରିକାର କାଲିଫର୍ଣ୍ଣିଆ ସହର ଉପକୂଳରେ ମଧ୍ୟ ଦେଖିବାକୁ ମିଳିଛି। ଏହାସହିତ ୧୨ଟି ଦେଶରେ ସୁନାମୀ ଆଲର୍ଟ ଜାରି କରାଯାଇଥିଲା। ରୁଷ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ରୁଷ ଉପକୂଳ କାମଚାଟକାରେ ୩ରୁ ୪ ମିଟର ଉଚ୍ଚର ଜୁଆର ଆସିଥିଲା। ରୁଷ ପୂର୍ବ ଉପକୂଳର ଏକ ବନ୍ଦର ସହରରେ ସୁନାମୀ ଯୋଗୁଁ ସମୁଦ୍ର ପାଣି ପଶି ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ସହରରେ ୨ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ରୁଷର ସେଭେରୋ-କୁରିସ୍କ ଅଞ୍ଚଳ ମଧ୍ୟ ସୁନାମୀ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ତେବେ କ୍ଷୟକ୍ଷତି ପରିମାଣ ସଂପର୍କରେ କିଛି ସୂଚନା ଦିଆଯାଇ ନାହିଁ। ରୁଷ ଟିଭିରେ ପ୍ରସାରିତ ରିପୋର୍ଟ ଅନୁଯାୟୀ ଏହି ବନ୍ଦର ସହରର ଅନେକ କୋଠା ଭୁଶୁଡ଼ି ପଡ଼ିବା ସହିତ ସମୁଦ୍ର ଜୁଆରରେ ଭାସି ଯାଇଛି। ତେବେ ଏଥିରେ ମୃତାହତଙ୍କ ସଂଖ୍ୟା ଦିଆଯାଇ ନାହିଁ। ଭୂମିକମ୍ପ ପରେ ଜାପାନ, ଆମେରିକା, ଆଲାସ୍କା, ଫ୍ରାନ୍ସ, ଚିଲି, ନ୍ୟୁଜିଲାଣ୍ଡ ଓ ହୱାଇରେ ସୁନାମୀ ଆଲର୍ଟ ଜାରି କରାଯାଇଛି। ଏହି ଅଞ୍ଚଳରେ ଉପକୂଳବର୍ତ୍ତୀ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଆ।।ମେରିକାର କାଲିଫର୍ଣ୍ଣିଆ ଏବଂ ଓରେଗନ୍ ଉପକୂଳରେ ସୁନାମୀ ସତର୍କତା ରହିଛି। ଏଠାରେ ଦୁଇରୁ ତିନି ମିଟର ପର୍ଯ୍ୟନ୍ତ ସମୁଦ୍ର ଜୁଆର ମାଡ଼ି ଆସିବାର ସମ୍ଭାବନା ରହିଛି। ସମୁଦ୍ରକୂଳକୁ ନଯିବା ଲାଗି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ବିଶେଷକରି ତଳିଆ ଅଞ୍ଚଳରେ ସମୁଦ୍ର ଜୁଆର ମାଡ଼ିଆସିପାରେ ବୋଲି କୁହାଯାଉଛି। ଇତିମଧ୍ୟରେ ରୁଷ ଉପକୂଳରୁ ସୁନାମୀ ସତର୍କତା ହଟାଇ ଦିଆଯାଇଥିବା ବେଳେ ଆମେରିକା,କଲମ୍ବିଆ, ଜାପାନ, ନ୍ୟୁଜିଲାଣ୍ଡ, ଫ୍ରାନ୍ସ ଓ ଚିଲିରେ ସୁନାମୀ ଆଲର୍ଟ ବଳବତ୍ତର ରହିଛି। ଲକ୍ଷାଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ଯିବାଲାଗି ପରାମର୍ଶ ଦିଆଯାଇଛି। କେବଳ ଜାପାନରେ ୨୦ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

### ୯୭ ମିନିଟ୍‌ରେ...

୧.୫ ବିଲିଅନ ଡଲାର ଅର୍ଥାତ ୧୨, ୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଇସ୍ରୋ ଓ ନାସାର ନାମକୁ ମିଶାଇ ଏହି ଉପଗ୍ରହର ନାମ ନିସାର ରଖାଯାଇଛି। ନାସା- ଇସ୍ରୋ ସିନ୍ଥେଟିକ ଆପେରଚର ରାଡାର (ନିସାର) ଉପଗ୍ରହର ସ୍ୱତନ୍ତ୍ର କ୍ଷମତା ରହିଛି। ଏହି ଉପଗ୍ରହ ଘଞ୍ଚ ଜଙ୍ଗଲ୍ ଓ ଅନ୍ଧାରରେ ମଧ୍ୟ ଦେଖିପାରିବ। ଓଏହା ୯୭ ମିନିଟ୍‌ରେ ପୃଥିବୀର ପରିକ୍ରମଣ କରିବ। ଏହା ୯୮.୪ ଡିଗ୍ରୀ ନଇଁ କରି ରହିବ। ଲଞ୍ଚ୍ ହେବାର ୧୮ ମ୍ନିଟ୍ ପରେ ନିସାକୁ କକ୍ଷପଥରେ ଅବସ୍ଥାପିତ ହୋଇଛି। ନିସାର ୭୪୭ କିମି ଉପରେ ପୋଲର ଅର୍ବିଟ୍‌ରେ ପୃଥିବୀ ଚାରିପେଟ ଘୂରିବ। ଅର୍ଥାତ୍ ନିସାର ଧ୍ରୁବତାରା ଅର୍ଥାତ ନର୍ଥପୋଲ ଦେଇ ପରିକ୍ରମା କରିବ। ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ। ୧୨ ଦିନରେ ନିସାର ପୃଥିବୀକୁ ୧, ୧୭୩ ଥର ପରିକ୍ରମା କରିବ। ଘନ ବାଦଲ, ଘଞ୍ଚ ଜଙ୍ଗଲ, ଧୁଆଁ ଏପରିକ ଘନ ଅନ୍ଧାରରେ ମଧ୍ୟ ନିସାର ଦେଖିପାରିବ। ପୃଥିବୀ ହେବାକୁ ଥିବା ସବୁଠାରୁ ଛୋଟ ପରବର୍ତ୍ତନକୁ ମଧ୍ୟ ନିସାର ରେକର୍ଡ କରିପାରିବ। ଭୂମି ଓ ବରଫର ପରିବର୍ତ୍ତନ ଓ ଜଙ୍ଗଲ, ଚାଷଜମି ଏବ ପ୍ରାକୃତିକ ସ୍ଥାନକୁ ଏହା ମିନିଟରେ ଚିହ୍ନଟ କରିବ। ଏହା ଦ୍ୱାରା ପରିବେଶ କିପରି ରହିଛି ତାହା ଜାଣିବାକୁ ପ୍ରୟାସ କରିବ। ସେହିପରି ସମୁଦ୍ର ଲହଡି ଓ ଏହାର ପରିବର୍ତ୍ତନ ସମେତ ସାମୁଦ୍ରିକ ପରିବେଶକୁ ଏହା ଟ୍ରାକ କରିବ। ଏହା ପୃଥିବୀର ହାଇ କ୍ୱାଲିଟି ଫଟୋ ଉଠାଇପାରିବ। ସଫଳ ଉତ୍କ୍ଷେପଣ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଇସ୍ରୋ ଓ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିସାର ଆଗାମୀ ଦିନରେ ପାଣିପାଗ, ଉଚ୍ଚକ୍ଷମତା ସମ୍ପନ୍ନ ତଥ୍ୟ ପ୍ରଦାନ କରିବ, ଯାହାକି ବିପର୍ଯ୍ୟୟ ପରିଚାଳନା, କୃଷି ଓ ଜଳବାୟୁ ନିରୀକ୍ଷଣ କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

### ଭାରତ ଉପରେ...

ସମୟ ପରେ ତାହାକୁ ଶୁଳ୍କକୁ ସ୍ଥଗିତ ରଖାଯାଇଥିଲା। ତେବେ ବଡ଼ କଥା ହେଉଛି, ଟ୍ରମ୍ପ ଯେପରି ଅନ୍ୟ ଦେଶଗୁଡ଼ିକ ପାଇଁ ନୂଆ ଟାରିଫର ଆନୁଷ୍ଠାନିକ ପତ୍ର ଜାରି କରୁଛନ୍ତି, ସେମିତି ଭାରତ ପାଇଁ ଏ ପର୍ଯ୍ୟନ୍ତ ଜାରି କରିନାହାନ୍ତି। କିନ୍ତୁ ଯଦି ଆମେରିକା ସହିତ କୌଣସି ବାଣିଜ୍ୟ ଚୁକ୍ତି ନହେଲା ତେବେ ହୁଏତ ଟ୍ରମ୍ପ ଭାରତକୁ ବି ନୋଟିସ୍ ଜାରି କରିପାରନ୍ତି। ଇତିମଧ୍ୟରେ ଭାରତ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତ ସରକାର କହିଛନ୍ତି ଯେ ଟ୍ରମ୍ପ ଯେଉଁ ୨୫ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରିଛନ୍ତି ତାହାର ପ୍ରଭାବ କେମିତି ପଡ଼ିବ, ତାହା ଉପରେ ଅନୁଧାନ କରାଯାଉଛି। ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ହୋଇଥିଲା। କିନ୍ତୁ କୌଣସି ପରିସ୍ଥିତିରେ ଜାତୀୟ ସ୍ୱାର୍ଥକୁ ଅବହେଳା କରାଯାଇ ପାରିବ ନାହିଁ।

### କ୍ଷୟକ୍ଷତି ରିପୋର୍ଟ...

ଏବଂ ଯାଜପୁର ଜିଲ୍ଲାର ଯାଜପୁର ଓ ଦଶରଥପୁର ବ୍ଲକ୍ ପ୍ରଭାବିତ ହୋଇଛି। ବନ୍ୟାଦ୍ୱାରା ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୫୮୬୯ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ବିଭିନ୍ନ ନଦୀରେ ଜଳସ୍ତର କମୁଛି। ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀରେ ପାଣି କମିବାରେ ଲାଗିଛି। ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। ତେବେ ଏବେ ବି ବିଭିନ୍ନ ତଳିଆ ଅଞ୍ଚଳରେ ପାଣି ରହିଛି। ଏହି ଅଞ୍ଚଳରୁ ସମ୍ପୂର୍ଣ୍ଣ ପାଣି ଛାଡ଼ିବା ପାଇଁ ଆହୁରି ଦୁଇ ଦିନ ସମୟ ଲାଗିପାରେ। କେନ୍ଦୁଝର ଏବଂ ଅନ୍ୟ କିଛି ଜିଲ୍ଲାରେ ବନ୍ୟା ହୋଇଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ନାହିଁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଏବଂ ଆବଶ୍ୟକସ୍ଥଳେ ଗରମ ରନ୍ଧାଖାଦ୍ୟ ଦିଆଯାଉଛି। ଏଥିପାଇଁ ବାଲେଶ୍ୱରରେ ୧୬ଟି, ଭଦ୍ରକରେ ୧୦ଟି ଓ ଯାଜପୁରରେ ୩ଟି ଫ୍ରି କିଚେନ୍‌ର ବ୍ୟବସ୍ଥା କରାଯାଇଛି। ସମୁଦାୟ ପ୍ରାୟ ୧୦ ହଜାର ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ଏବଂ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହଛନ୍ତି।

ବନ୍ୟା ଅଞ୍ଚଳର କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ, କ୍ଷୟକ୍ଷତିର ତୁରନ୍ତ ଆକଳନ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଆଯିବ। ଘର ଭଙ୍ଗା ଏବଂ ଗୋ-ସମ୍ପଦର କ୍ଷୟକ୍ଷତି ରିପୋର୍ଟ ମଗାଯିବା ସହିତ ଯେଉଁ ଗାଁ ଗୁଡ଼ିକରେ ରାସ୍ତା ଖରାପ ହୋଇଯାଇଛି, ସେଗୁଡିକ ତୁରନ୍ତ ମରାମତି କରି ଯୋଗାଯୋଗ ବ୍ୟବସ୍ଥା ପୁନଃସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ପଶୁଖାଦ୍ୟ ଯୋଗାଇ ଦେବା ପାଇଁ ପରାମର୍ଶ ଦିଆଯାଇଛି। 'ଜିରୋ କାଜୁଆଲିଟି' ଉପରେ ଗୁରୁତ୍ୱଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ ୧୭ଟି ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଭଦ୍ରକ ଜିଲ୍ଲାରେ ଗୋଟିଏ ଏନ୍‌ଡିଆର୍‌ଏଫ୍, ଗୋଟିଏ ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ ଓ ୧୪ଟି ଅଗ୍ନିଶମ ସେବା ଟିମ୍ ମୁତୟନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ବନ୍ୟା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ଦେଖାଦିଏ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶେଷକରି ଡାଇରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗର ନିୟନ୍ତ୍ରଣ ପାଇଁ ଜଳ ଉତ୍ସଗୁଡିକର ବିଶୋଧନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାକୁ ଜାରି ରଖିବା ପାଇଁ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପରିସ୍ଥିତିରେ ଯେପରି ଡାଇରିଆ ରୋଗର ପ୍ରଭାବ ଦେଖା ନ ଯିବ, ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

### ବଦଳି ଉପରେ...

ଗତ ମେ୧୩ ତାରିଖରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦିଆଯାଇଥିଲା। ବଦଳି ସୁପାରିସ ଜିଲ୍ଲାସ୍ତରୀୟ ବଦଳି କମିଟି(ଡିଏଲଟିସି)କୁ ମେ୧୫ରୁ ଜୁନ୧୫ ମଧ୍ୟରେ ପଠାଯିବା ପରେ କମିଟି କାର୍ଯ୍ୟକାରୀ କରିବ ବୋଲି ଉଲ୍ଲେଖ ଥିଲା। ଆବେଦନକାରୀ କଳାହାଣ୍ଡି ଜିଲ୍ଲାର ଶିକ୍ଷକଙ୍କୁ ମଧ୍ୟ ଅନୁରୁପ ଭାବ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ସୁପାରିସ କ୍ରମେ ବଦଳି କରାଯାଇଥିଲା। ଏପରିକି ଆବେଦନକାରୀଙ୍କୁ ୧୦୦କିଲୋମିଟର ଦୂରକୁ ବଦଳି ପାଇଁ ଆଦେଶ ଜାରି ହୋଇଥିଲା। ଏଭଳି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବଦଳି ନିଷ୍ପତ୍ତି ପାଇଁ କୋ÷ଣସି କ୍ଷମତା କିମ୍ବା ଯଥାର୍ଥତା ନ ଥିବା ବେଳେ ବଦଳି ଆଦେଶକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଚାରି ସପ୍ତାହ ପରେ ହେବ ବୋଲି ଅଦାଲତ ଧାର୍ଯ୍ୟ କରିଛନ୍ତି।

### ୪ ଶିକ୍ଷକ ସମେତ...

ଟଙ୍କା ଆଦାୟ କରିଥିବା ବେଳେ ଏହି ରାକେଟ ବିଭିନ୍ନ ଜିଲ୍ଲାକୁ ଲମ୍ବିଛି। ଅଭିଯୁକ୍ତଙ୍କଠାରୁ ବିଭିନ୍ନ ଦସ୍ତାବିଜ, ମୋବାଇଲ୍ ଫୋନ୍ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ ଓ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଜବତ କରିଛି କ୍ରାଇମବ୍ରାଞ୍ଚ। ସମସ୍ତଙ୍କୁ କଟକର ଜେଏମଏଫସି-୩ ଅଦାଲତ ଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କ ଲିଙ୍କ୍ ଖୋଜିବା ଏବଂ ଏହି ମାମଲାରେ ସେମାନଙ୍କ ସମ୍ପୃକ୍ତି ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି। ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ବୁଧବାର କ୍ରାଇମବ୍ରାଞ୍ଚ କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କୁ ପରବର୍ତ୍ତୀ ସମୟରେ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି କୁହାଯାଇଛି। ଅଭିଯୁକ୍ତମାନେ ହେଲେ ମାଷ୍ଟରମାଇଣ୍ଡ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା କଛାପଡା ଅଞ୍ଚଳର ମୂଳବାସିନ୍ଦା ତଥା ବର୍ତ୍ତମାନ କଟକ ସଦର ଥାନା ଗୋପାଳପୁର ଦେହୁରିସାହି ରହୁଥିବା ଜିତନ ମହାରଣା। ଗିରଫ ହୋଇଥିବା ୪ ଜଣ ଶିକ୍ଷକ ହେଲେ ରାୟଗଡା ଜିଲ୍ଲା ଆମ୍ବୋଦଲା ଥାନା କୋମାସାହି ନିବାସୀ ବିଜୟ ମିଶ୍ର (୫୩), କୋରାପୁଟ ଜିଲ୍ଲା କୁନ୍ଦ୍ରା ସାଗରଗୁଡାର ସନାତନ ବିଷୋୟୀ (୫୧), ଗଞ୍ଜାମ ବୈଦନାଥପୁର ଥାନା ଲିଙ୍ଗିପାଲି କେଶବନଗର ଅଞ୍ଚଳର ଅଜୟ ସାହୁ (୪୩) ଓ ବାଲେଶ୍ୱର ରୁପସା ଥାନା ଜୁକାନନ୍ଦି ଅଞ୍ଚଳର ଜୟନ୍ତ ରାଉତ (୪୪)। ଅନ୍ୟ ଜଣେ ଅଭିଯୁକ୍ତ ହେଉଛି ଦଲାଲ ବାଦାମବାଡି ଥାନା ନାରାୟଣ ଲେନର ରାମଜୀ ପ୍ରସାଦ ଗୁପ୍ତା (୫୧)।

ଅଭିଯୁକ୍ତ ଜିତନ୍ ମହାରଣା କଟକସ୍ଥିତ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବରେ କାର୍ଯ୍ୟ କରୁଛନ୍ତି, ଯିଏ ବେଆଇନ ଭାବରେ କୌଶଳକ୍ରମେ ବୋର୍ଡ ଉପସଭାପତିଙ୍କ ଲାପଟପରୁ ପରୀକ୍ଷା ପୂର୍ବରୁ ପେନଡ୍ରାଇଭରେ ପ୍ରଶ୍ନପତ୍ର ହାସଲ କରିଥିଲେ। ପରେ ସେ ଏହି ପ୍ରଶ୍ନପତ୍ରକୁ ରାଜ୍ୟ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ ମିଶ୍ର ଏବଂ କୋରାପୁଟ ଜିଲ୍ଲାର ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ସଭାପତି ସନାତନ ବିଷୋଇଙ୍କୁ ପ୍ରଦାନ କରିଥିଲେ। ସେମାନେ ଗତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାରେ ବିଫଳ ହୋଇଥିବା ଶିକ୍ଷକଙ୍କୁ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଦାନ ପାଇଁ ପ୍ରଲୋଭିତ କରିଥିଲେ। କିଛି ଦଲାଲ ତଥା ଅଭିଯୁକ୍ତ ରାମଜୀ ପ୍ରସାଦ ଗୁପ୍ତା, ଅଜୟ ସାହୁ ଏବଂ ଜୟନ୍ତ ରାଉତଙ୍କୁ ଏହି ପ୍ରଶ୍ନପତ୍ର ସେମାନେ ବିକ୍ରି କରିଥିଲେ ବୋଲି ପଚରାଉଚୁରା ପରେ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଏପରିକି ଏଥିପାଇଁ ଉଭୟ ନଗଦ ଓ ଅନଲାଇନ ଟଙ୍କା କାରବାର ହୋଇଥିଲା। ପ୍ରଶ୍ନପତ୍ର ଲିକ ଘଟଣାର ମାଷ୍ଟରମାଇଣ୍ଡ ଜିତନର ଆକାଉଣ୍ଟକୁ ଫୋନ-ପେ ଜରିଆରେ ୨ଲକ୍ଷ ୫୦ହଜାର ଟଙ୍କା ସ୍ଥାନାନ୍ତର ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପ୍ରକାଶଥାଉକି ଗତ ଜୁଲାଇ ୨୦ରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ହେବା ପୂର୍ବ ଦିନ ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଲିକ ହୋଇଥିଲା। ଘଟଣାର ସତ୍ୟତା ଜଣାପଡ଼ିବା ପରେ ପରୀକ୍ଷାକୁ ଗତ ଜୁଲାଇ ୧୯ ତାରିଖ ରାତିରେ ବାତିଲ କରି ଦିଆଯାଇଥିଲା। ପ୍ରଶ୍ନପତ୍ର ଲିକ ସଂକ୍ରାନ୍ତରେ ବୋର୍ଡର ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ବୁଲବୁଲ ବେହେରା କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଡିଆଇଜି ବି.ଗଙ୍ଗାଧରଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଦଳ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି।

### ଆରଆଇ ଅମିନ...

କହିଛନ୍ତି। ଏହାପରେ ୧୪ ଦିନ ଭିତରେ ସାନି ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ମଧ୍ୟ ମେନ୍ ପରୀକ୍ଷାକୁ ବାତିଲ୍ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ପରୀକ୍ଷା ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ସାରା ରାଜ୍ୟରେ ମେନ୍ ପରୀକ୍ଷା ଆଉ ମାତ୍ର ୨ଦିନ ପରେ ଅର୍ଥାତ୍ ଅଗଷ୍ଟ ୧ତାରିଖରୁ ଆରମ୍ଭ ହୋଇଥାନ୍ତା। ଆଡ୍‌ମିଟ୍ କାର୍ଡ ଜାରି ହେବା ସହ ପରୀକ୍ଷା ଦେବାକୁ ପିଲାମାନେ ମାନସିକ ସ୍ତରରେ ପ୍ରସ୍ତୁତ ହେଉଥିଲେ। ହେଲେ ପରୀକ୍ଷା ବାତିଲ୍ ହେବା ଆଶାୟୀଙ୍କୁ ପୁଣିଥରେ ନିରାଶ କରିଛି। ଅପରପକ୍ଷରେ ପ୍ରିଲିମ୍‌ନାରୀ ଓ ମେନ୍ ପରୀକ୍ଷା ବଦଳରେ ଗୋଟିଏ ପରୀକ୍ଷା କରି ୫ଗୁଣା ପିଲାଙ୍କୁ ଦକ୍ଷତା ପରୀକ୍ଷା (ସ୍କିଲ୍ ଟେଷ୍ଟ) ପାଇଁ ଚୟନ କରିବାକୁ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି। ପୂର୍ବରୁ ଏପରି ବ୍ୟବସ୍ଥା ଥିଲା ଏବଂ ଏହାଦ୍ୱାରା ଖୁବ୍ ଶୀଘ୍ର ନିଯୁକ୍ତି ପ୍ରକ୍ରିୟା ସରିପାରିବ ବୋଲି ପରୀକ୍ଷାର୍ଥୀ ସୁନୀଲ୍ କୁମାର ମିଶ୍ର କହିଛନ୍ତି। ସେହିପରି ମୂଳରୁ ପରୀକ୍ଷା ବାତିଲ୍ କରିବା ଦାବିରେ ଆନ୍ଦୋଳନ କରୁଥିବା ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ଆବାହକ ବିଭୂତି ଭୂଷଣ କହିଛନ୍ତି ଯେ, ପରୀକ୍ଷାରେ ଅନିୟମିତତା ହୋଇଥିବା ସରକାର ମଧ୍ୟ ସ୍ୱୀକାର କରିଥିଲ। ତେଣୁ ସେତେବେଳେ ପରୀକ୍ଷାକୁ ବତିଲ୍ କରିଥିଲେ ପୁନଃ ପରୀକ୍ଷା ସହ ନିଯୁକ୍ତି ମଧ୍ୟ ପାଇ ସାରିଥାନ୍ତେ ପରୀକ୍ଷାର୍ଥୀ। ଆଶାୟୀଙ୍କ ଦାବିକୁ ବିଚାର ନକରି ପଦକ୍ଷେପ ନେବାଦ୍ୱାରା ରାଜ୍ୟର ଲକ୍ଷଲକ୍ଷ ମେଧାବୀ ମାନସିକ ଯନ୍ତ୍ରଣା ପାଉଥିବା ସେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଏହି ପରୀକ୍ଷା ଆରମ୍ଭରୁ ବିବାଦୀୟ ହୋଇଥିଲା। କମ୍ପ୍ୟୁଟର ସେଣ୍ଟରରେ ମାଉସ୍ ଆପେଆପେ ଚାଲିବା, ସବୁଠି ପରୀକ୍ଷା ସରିବା ପରେ କିଛି ପରୀକ୍ଷା କେନ୍ଦ୍ରରେ ଆରମ୍ଭ ହେବା, ପରୀକ୍ଷା କେନ୍ଦ୍ରରୁ ନକଲି ମାଲିକ ଗିରଫ ହେବା, କଳା ତାଲିକାଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା ଘଟଣା ଅନ୍‌ଲାଇନ୍ ପରୀକ୍ଷାର ବିଶ୍ୱସନୀୟତା ପ୍ରତି ସନ୍ଦେହ ବଢ଼ାଇଥିଲା। ରାଜ୍ୟସାରା ଆନ୍ଦୋଳନ ତୀବ୍ର ହେବାପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମୁଖ୍ୟ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜବୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜବୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।


**AFFIDAVIT**

By virtue of an affidavit No.2844, Dtd.28.07.2025 sworn before the Executive Magistrate, Bhogarai I, Jyotshnarani Mohanty, W/o. Nimai Charan Mohanty, At Chowki, Po. Kumbharmuli, Ps. Bhogarai, Dist. Balasore, Odisha, declare that unfortunately my daughter name spelling as Kruti Gagruti Mohanty instead of correct spelling Kruti Jagruti Mohanty in her Adhar card vide no. 622064060225. Henceforth, she will be known as **Kruti Jagruti Mohanty** for all purposes.

**AFFIDAVIT**

ମୁଁ ପୁଷ୍ପଲତା ସାହୁ, ବୟସ(୧୯), ପିତା/ସହଦେବ ସାହୁ, ଗ୍ରାମ-ଅଲିନଗର, ଥାନା -ଧାମନଗର, ଜିଲ୍ଲା-ଭଦ୍ରକ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛିକି ମୋର ନାମ ଏଲ୍‌ଆଇସି ବଣ୍ଡରେ ପୁଷ୍ପାଞ୍ଜଳି ସାହୁ ଉଲ୍ଲେଖ ଥାଇ ଏଲ୍‌ଆଇସି ପଲିସର ବଣ୍ଡ ନଂ-୫୮୬୫୩୪୬୨୬ ରେ ମୋର ନାମ ପୁଷ୍ପଲତା ସାହୁ ପରିବର୍ତ୍ତେ ପୁଷ୍ପାଞ୍ଜଳି ସାହୁ ବୋଲି ଉଲ୍ଲେଖ ଅଛି, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଆଫିଡେଫିଟ ନଂ- ୭୨୪ ତା- ୨୮/୧/୨୦୨୫ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ର ପୁଷ୍ପଲତା ସାହୁ ନାମରେ ପରିଚିତ କଲି, ଯାହା ଆବଶ୍ୟକ ସ୍ଥଳେ କାର୍ଯ୍ୟରେ ଆସିବ। (ପୁଷ୍ପଲତା ସାହୁ ଏବଂ ପୁଷ୍ପାଞ୍ଜଳି ସାହୁ ଜଣେଅଟନ୍ତି)

ସ୍ୱା/-ପୁଷ୍ପଲତା ସାହୁ

**AFFIDAVIT**

By virtue of an affidavit Sl. No. 557, dtd. 10.07.2025 before the Notary, Bhubaneswar, I Papunu Naik Resident of At-Ranapalli, Po-Merikoti, Ps-Badagada, Dist-Ganjam, Pin-761109,Odisha I have changed my name from Papun Naik to Papunu Naik for all purposes.

**Sd/- Papunu Naik**

**AFFIDAVIT**

By virtue of an affidavit before the Executive Magistrate, Dharakote, Ganjam on dtd.18.07.2025 , I am Smt. Rina Guru, D/o - Bijaya Swain , residing at Jahada ,P.S Dharakote, Dist- Ganjam-761107 hereby declare that my actual name is Rina Guru, D/o- Bijaya Swain mentioned in Adhaar card and in my voter card my name is mentioned as Rina Guru, W/o- Prafulla Guru but in my son's BSE 10th certificate my name is mentioned as Runa Guru. That **Rina Guru and Runa Guru** is same and one person. It is for all purpose.

**AFFIDAVIT**

By virtue of an affidavit No-5091 before the Magistrate, Chandbali, dtd- 18/07/2025. I, Rajib Lochan Barik, Age-39years, S/O- Ranka Barik, Vill- Nayahat, PO-Gopalpur, PS- Chandbali, Dist- Bhadrak, Odisha, declare that I have changed my daughter's name from **Pratiasa Barik to Adyasha Barik**, Henceforth, she will be known as **ADYASHA BARIK** for all purpose.

**AFFIDAVIT**

By virtue of an affidavit Sl. No. 605, dtd. 28.07.2025 before the Notary, Bhubaneswar,I Sashirekha Behera Resident of At-Sankarpur,Po-Arunodaya Market,Ps-Badambadi, Dist-Cuttack,Pin-753012,Odisha I have changed my name from Sashi Behera to Saahirekha Behera for all purposes.

**Sd/- Sashirekha Behera**

**AFFIDAVIT**

I, Vinod Kumar Vishvakarma, aged about 43 years, S/o- Rajdev Vishwakarma, resident of Plot No. N4/298 F, Nayapalli, IRC Village, Bhubaneswar, Dist- Khordha, PIN-751015 Odisha declared by this affidavit No. 610, dtd-28/07/2025 that now onwards I shall be known as **VINOD RAJDEV VISHWAKARMA** for all future purposes.

**AFFIDAVIT**

By virtue of an affidavit before Executive Magistrate, Umerkote, bearing affidavit no.5067 dtd.24.07.2025, I Chandni Sen, W/o- Arun Sen rsident of Vill: Dargaguda, U.V.4, Po.- Chikalpadar, Ps.- Umerkote, Dist.- Nabarangpur, Odisha state that, before my marriage my name has been mentioned as **Chandni Byapari** in my UCO Bank Passbook as per my father's surname. After marriage my name has been mentioned as **Chandni Sen** in my Aadhaar & PAN card as per my husband's surname. I want to rectify my name in my UCO Bank passbook from **Chandni Byapari** to **Chandni Sen**.

**AFFIDAVIT**

By virtue of an affidavit sworn before The Notary Public, Padampur, on dated-27/07/2025. I, **Malati Pathy,** W/o- Late Nabin Kishor Pathy, permanent & current resident of At- Darlipali, Po- Bharsuja, Ps- Loisingha, Dist- Balangir, PIN- 767061, Odisha declare that I have changed my name from **Manati Pathy** (old name) To **Malati Pathy** (new name). Henceforth, I shall be known as **Malati Pathy** (new name) for all future purposes.

**Malati Pathy**

**AFFIDAVIT**

I, Devi Prasad Rath, aged about 52 years, S/o- Late Gobinda Chandra Rath, resident of Plot No. 35/12, Unit-4, Madhusudan Nagar, Bhubaneswar, Dist-Khordha, PIN-751001 Odisha declared by this affidavit No. 612, dtd-30/07/2025 that now onwards I shall be known as **DEBI PRASAD RATH** for all future purposes.

**CHANGE OF NAME**

By virtue of an affidavit before Executive Magistrate, Nabarangpur, bearing affidavit no/901 dtd.29.07.2025, I Narasingh Bhatra, S/o- Late Achyut Bhatra resident of Vill./Po.- Sindhigaon, Ps./Dist.- Nabarangpur, Odisha, Pin-764063 state that, I have changed my minor son's name from **Rupash Bhatra** (Old Name) to **Manash Bhatra** (New Name). Hereafter he will be known as **Manash Bhatra** (New Name) for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 29/07/2025. I, **Hira Mahalinga** (new name) formerly called as **Hira Chandra Mahalinga** (old name), Son of Pandaru Mahalinga, Permanent resident of AT/PO- Ghunsar, PS- Saintala, Dist- Balangir, (Odisha), PIN- 767032, now residing at the same place affirm that I have changed my name from **Hira Chandra Mahalinga** (old name) to **Hira Mahalinga** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Hira Mahalinga** (new name).

**Hira Mahalinga**

**Gour Mohan Sathua Higher Secondary School**
Kostha, Mayurbhanj
No. 877 / Date. 30.07.2025

**ADVERTISEMENT FOR GUEST FACULTY**

WALK-IN-INTERVIEW for selection of Guest Faculties for Pol. Science, Computer Teacher & Physical Education (sports) will be conducted for the Session 2025-26 on **Dtd. 01.08.2025 at 11 A.M.** Essential Qualification PG in Concerned subject with 50% Marks (Except Computer Teacher & Physical Education) No TA/DA is admissible.

Sd/- Principal
G.M.S.H.S.School, Kostha, Mayurbhanj

**R. S. MAHAVIDYALAYA**
ODAGAON, DIST- NAYAGARH

**WALK-IN-INTERVIEW**

Candidates securing 55% marks or above at the P.G. level may appear the interview for the post of Lecturer in Logic & Philosophy on Guest Basis to be conducted at **11.30 AM on dt. 07/08/2025** in the Office of the Sub-Collector, Nayagarh with supporting documents and biodata.

**Sd/-Principal-Cum-Secretary**
**R.S. Mahavidyalaya, Odagaon**

### ବାଲିପୁଟ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ

# ଶ୍ରେଣୀଗୃହ ଅଭାବରୁ ବାରଣ୍ଡାରେ ଛାତ୍ରଛାତ୍ରୀ

**ନରସିଂହପୁର,୩୦।୭ (ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିପୁଟ ଠାରେ ୧୯୮୬ ମସିହାରେ ସ୍ଥାପିତ ହୋଇଥିବା ବାଲିପୁଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୬ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେମାନଙ୍କ ପାଇଁ



**ଆଜି ପର୍ଯ୍ୟନ୍ତ ହୋଇପାରିଲାନି ବିଦ୍ୟୁତ ସଂଯୋଗ**

ଦୁଇଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି, କିନ୍ତୁ ବିଦ୍ୟାଳୟରେ ଆବଶ୍ୟକୀୟ ଶ୍ରେଣୀଗୃହ ନାହିଁ। ଯାହା ଫଳରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ବାରଣ୍ଡାରେ ବିପଦସଂକୁଳ ଅବସ୍ଥାରେ ପାଠ ପଢୁଛନ୍ତି। ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀ ଗୋଟିଏ ଶ୍ରେଣୀ ଗୃହରେ ପଢୁଛନ୍ତି ଗୋଟିଏ ଗୃହରେ ପାଠ ପଢା ସହିତ ଅଫିସ୍ ଓ ଷ୍ଟୋର ରୁମ ମଧ୍ୟ ଚାଲିଛି। ସେହିପରି ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ସ୍କୁଲ ବାରଣ୍ଡାରେ ପଢୁଛନ୍ତି। ସ୍କୁଲ ବାରଣ୍ଡାରେ ସ୍କୁଲ ଛାତ୍ର ଛାତ୍ରୀଙ୍କ ସହିତ ଅଙ୍ଗନବାଡି ଶିଶୁ ମଧ୍ୟ ପଢୁଛନ୍ତି। ଅଙ୍ଗନବାଡି ଛୁଟି ହେବା ପରେ ସ୍କୁଲରେ ଆରମ୍ଭ ହେଉଛି ପାଠପଢା। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ମଧ୍ୟ ହୋଇପାରିଲା ନାହିଁ। ଯାହା ଫଳରେ ବିଦ୍ୟୁତ ଆଲୋକ ସହିତ ସୁଦ୍ଧ ପାନୀୟ ଜଳ ପାଇବାରୁ ଛାତ୍ରଛାତ୍ରୀମାନେ ବଞ୍ଚିତ ହେଉଛନ୍ତି। ଭାଙ୍ଗିରୁଜି ହୋଇ ବିପଦ ସଂକୁଳ ଅବସ୍ଥାରେ ପଡ଼ିଥିବା ବିଦ୍ୟାଳୟ ବିଭିନ୍ନ ସମସ୍ୟାରେ ଜର୍ଜରିତ ଏହି ବିଦ୍ୟାଳୟର ଆବଶ୍ୟକୀୟ ଶ୍ରେଣୀଗୃହ, ବିଦ୍ୟୁତ ସଂଯୋଗ ସହିତ ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ସ୍ଥାୟୀ ସମାଧାନ କରିବା ପାଇଁ ଅଞ୍ଚଳବାସୀ ଓ ଅଭିଭାବକ ଦାବି କରିଛନ୍ତି।

## ଅର୍ଥ ହେର୍‌ଫେର ଅଭିଯୋଗର ତଦନ୍ତ ଆରମ୍ଭ

**ଚୌଦ୍ୱାର,୩୦।୭ (ସମିସ):** ଚୌଦ୍ୱାର ପୌରପାଳିକାରେ ପୂର୍ବରୁ ମୁକ୍ତା ଯୋଜନାରେ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ବ୍ୟାପକ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ଉପରେ ସରକାରୀସ୍ତରରେ ତଦନ୍ତ ଆରମ୍ଭ ହୋଇଛି। ବିଭିନ୍ନ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ସୂଚନା ଅଧିକାର କର୍ମୀ ମନୋରଞ୍ଜନ ସାହୁ ଅଭିଯୋଗ କରିଥିଲେ। ବିଶେଷ କରି ପୌରପାଳିକା ୨ନଂ ୱାର୍ଡରେ ୧୨ଲକ୍ଷ ବ୍ୟୟରେ ଜଗିଂ ଟ୍ରାକ, ୧୦ଲକ୍ଷ ୫୦ହଜାର ଟଙ୍କାରେ ଗାନ୍ଧିଛକ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ନିର୍ମିତ ପେଭର ବ୍ଲକ ରାସ୍ତା ଓ ୧୭ନଂ ୱାର୍ଡରେ ୨୨ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ଜଗିଙ୍ଗ ଟ୍ରାକ ଓ ମିନିପାର୍କ ଆଦିରେ ବ୍ୟାପକ ଅର୍ଥ ହେରଫେର ହୋଇଥିବା ଶ୍ରୀ ସାହୁ ଅଭିଯୋଗ କରି ଏହାର ବିଦ୍ଧିବଦ୍ଧ ତଦନ୍ତ ପାଇଁ ପୌରନିର୍ବାହୀ ଅଧିକାରୀ, କଟକ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଆଦିଙ୍କୁ ଆବେଦନ କରିଥିଲେ। କଟକ ଜିଲ୍ଲା ସହାରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା) ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ ପୌର ନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ବାଙ୍କୀ ପୌରନିର୍ବାହୀ ଅଧିକାରୀ ପ୍ରଫୁଲ କୁମାର ବିଶ୍ୱାଳ, ବାଙ୍କୀ ପୌରଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀ ଓ ହିସାବରକ୍ଷକ ସୁଶାନ୍ତ ବେହେରା, ଚୌଦ୍ୱାର ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ସଞ୍ଜୟ ସାମଲ ପ୍ରମୁଖଙ୍କୁ ନେଇ ଗଠିତ ଏକ ଟିମ ବୁଧବାର ଦିନ ଉପରୋକ୍ତ ୩ଟି ୱାର୍ଡକୁ ଯାଇ ପ୍ରକଳ୍ପ ଗୁଡିକୁ ବୁଲି ଦେଖିବା ସହିତ ଏଥିରେ ହୋଇଥିବା ଖର୍ଚ୍ଚର ଆକଳନ କରିଥିବା ଜଣାପଡିଛି। ଟିମ୍‌ର ସଦସ୍ୟମାନେ ଚୌଦ୍ୱାର ପୌର କାର୍ଯ୍ୟାଳୟରେ ଅଧିକ ତଦନ୍ତ ଜାରି ରଖିଛନ୍ତି। ଘଟଣାର ସତ୍ୟାସତ୍ୟ ତଦନ୍ତ ପରେ ଜଣାପଡିବ ବୋଲି ଚୌଦ୍ୱାର ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର କହିଛନ୍ତି।

## ଡାକ୍ତରଖାନାରୁ ଲକ୍ଷାଧିକ ଟଙ୍କାର ଅକ୍ସିପ୍ଲାଣ୍ଟ ପାଇପ୍ ଚୋରି

**ନରସିଂହପୁର,୩୦।୭ (ସମିସ):** ନରସିଂହପୁରରେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଦୁର୍ବୃତ୍ତ। ନରସିଂହପୁର ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା ଢିଲା, ସିସିଟିଭି ଅଚଳ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି ଲକ୍ଷାଧିକ ଟଙ୍କାର ଅକ୍ସିଜେନ କପର ପାଇପ୍ ଲାଇନ।



ସୂଚନାରୁ ପ୍ରକାଶ ଯେ ନରସିଂହପୁର ଡାକ୍ତରଖାନାରେ ବିଶେଷ କରି କିଡ଼ନୀ ରୋଗୀ ଓ ଗୁରୁତର ରୋଗୀଙ୍କୁ ମାଗଣାରେ ଅକ୍ସିଜେନ ଯୋଗାଇଦେବା ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ୧୨ ଲକ୍ଷ ଟଙ୍କା ବ୍ୟୟରେ ଡିଜି ମେସିନ ସହିତ ପ୍ରାୟ ୩୬ଲକ୍ଷ ଟଙ୍କାରୁ ଅଧିକ ଯନ୍ତ୍ରାଂଶ ବାହାରେ ପଡ଼ି ଖତ ଖାଉଛି। ଅକ୍ସିପ୍ଲାଣ୍ଟଠାରୁ ମେଡିକାଲ ରୋଗୀ ୱାର୍ଡ ଓ କିଡ଼ନୀ ଡାଇଲିସିସ କେନ୍ଦ୍ର ପର୍ଯ୍ୟନ୍ତ ଦୁଇ ଲାଇନରେ ଯାଇଥିବା ପ୍ରାୟ ୨୦୦ମିଟର ଲକ୍ଷାଧିକ ଟଙ୍କାର କପର ଅକ୍ସିଜେନ ପାଇପ୍ ଲାଇନ୍ ଦୁର୍ବୃତ୍ତମାନେ ସୋମବାର ବିଳମ୍ବିତ ରାତିରେ ଚୋରି କରି ନେଇଥିବା ନେଇ ନରସିଂହପୁର ଥାନାରେ ଅଭିଯୋଗ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ଯେ, ନରସିଂହପୁର ମେଡିକାଲରେ ସିସିଟିଭି କ୍ୟାମେରା ଲାଗିବା ସହ ସୁରକ୍ଷା କର୍ମୀ ମଧ୍ୟ ଅଛନ୍ତି। ଅକ୍ସିପ୍ଲାଣ୍ଟ ପାଚେରୀକୁ ଲାଗି ନରସିଂହପୁର ଥାନା ରହିଛି। ମେଡିକାଲ ରେ ଗହଳ ଚହଳ ରହୁଥିବା ବେଳେ କିପରି ଏତେ ସବୁ ସୁରକ୍ଷା ବଳୟକୁ ଭେଦ କରି ଡାକ୍ତରଖାନା ପରିସରରୁ ଚୋରି ହେଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଏନେଇ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପ୍ରକାଶ କୁମାର ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି ଯେ ଏନେଇ ନରସିଂହପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି।

## ଟାଙ୍ଗୀ ବଡ଼ବଜାର ପୂଜା କମିଟି ପକ୍ଷରୁ ସେବାକାର୍ଯ୍ୟ

**ଟାଙ୍ଗୀ,୩୦।୭ (ସମିସ):** ଢେଙ୍କାନାଳ ଜିଲ୍ଲା କପିଳାସ ପୀଠକୁ ପାଣି ଢ଼ାଳିବା ନିମନ୍ତେ ଟାଙ୍ଗୀ ହରିପୁର ରାସ୍ତାରେ କାଉଡ଼ିଆ ମାନଙ୍କ ଗହଳି ଦେଖିବାକୁ ମିଳୁଛି। ହଜାର ହଜାର କାଉଡ଼ିଆ ଭକ୍ତ ବିଭିନ୍ନ ସ୍ଥାନରୁ ପାଣି ଉଠାଇ ହରିପୁର ଗ୍ରାମସ୍ଥ ରାଜସ୍ୱ ଡାକବଙ୍ଗଳା ନିକଟରେ ରାତ୍ରୀଯାପନ କରନ୍ତି। କାଉଡ଼ିଆଙ୍କ ସେବା ନିମନ୍ତେ ଟାଙ୍ଗୀ ବଡ଼ ବଜାର ପୂଜା କମିଟି ତରଫରୁ ଆଶ୍ରୟସ୍ଥଳୀ, ଜଳଖିଆ ସହ ରାତ୍ରୀଭୋଜନ ଏବଂ ଔଷଧ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂଜା କମିଟିର ରମେଶ ଚନ୍ଦ୍ର ଷଡ଼ଙ୍ଗୀ, ଧିରେନ୍ଦ୍ର ମହାରଣା, ନାରାୟଣ ସ୍ୱାଇଁ, ସନ୍ତୋଷ



ମହାରଣା ଓ ରାମଚନ୍ଦ୍ର ନାଥଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଉକ୍ତ ମହତ କାର୍ଯ୍ୟ ପାଇଁ ଅଞ୍ଚଳବାସୀଙ୍କ ତରଫରୁ କମିଟିକୁ ଧନ୍ୟବାଦ ଦିଆଯାଇଥିଲା।

## ବାଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ପରଲୋକ

**ତିଗିରିଆ,୩୦।୭ (ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତ ଅଧୀନ ଗୋଡିସାହିର ଜୈନିକ ଯୁବକଙ୍କ ମଙ୍ଗଳବାର ବାଙ୍ଗାଲୁରୁଠାରେ ହୃଦଘାତରେ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକ ସୂଚନା ଦେଇଛନ୍ତି। ଖବର ଅନୁଯାୟୀ ଗୋଡିସାହିର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ୩୪ ବର୍ଷ ବୟସ୍କ ପୁଅ ମନୋଜ କୁମାର ବେହେରା ବାଙ୍ଗାଲୋର ସହରରେ ଶୋଭା ନାମକ ଏକ ଘରୋଇ କମ୍ପାନୀରେ ଦିନ ମଜୁରିଆ ଭାବେ ଗତ ବର୍ଷେ ହେବ କାମ କରନ୍ତି। ମଙ୍ଗଳବାର ଅପରାହ୍ନରେ ସେ ତାଙ୍କ ମା' ମଞ୍ଜୁଲତା ବେହେରାଙ୍କ ସହିତ କଥା ହେବା ବେଳେ ଛାତିରେ କଷ୍ଟ ହେଉଛି



ବୋଲି କହି ନିକଟସ୍ଥ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ। ପରୀକ୍ଷା ପରେ ହୃଦଘାତ ସମସ୍ୟା ଥିବା ଡାକ୍ତର କହିବାରୁ ତାଙ୍କୁ ଅପେରସନ ପାଇଁ ଅସ୍ତ୍ରୋପଚାର ଗୃହକୁ ନେଇଥିଲେ। ଅପେରସନ ଚାଲିଥିବା ସମୟରେ ମନୋଜଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ମନୋଜଙ୍କ ମୃତଦେହ ଆମ୍ବୁଲାନ୍ସ ଯୋଗେ ଗାଁ କୁ ଆସୁଥିବା ତାଙ୍କ ବିଧବା ମା କହିଛନ୍ତି। ମନୋଜଙ୍କ ବିଧବା ପତ୍ନୀ, ୯ ବର୍ଷର ଝିଅ ଓ ୬ ବର୍ଷର ଗୋଟିଏ ପୁଅ ଅଛି। ବାପାଙ୍କ ମୃତ୍ୟୁପରେ ରୋଜଗାରିଆ ପୁଅର ମୃତ୍ୟୁକୁ ନେଇ ବିଧବା ମା, ପତ୍ନୀ ଓ ଦୁଇ ସନ୍ତାନ କିପରି ଚଳିବେ ବୋଲି ପଡୋଶୀ ଲୋକ କହୁଛନ୍ତି।

## ବିଦ୍ୟାଳୟରେ ନୂତନ ପାଚିକା ନିଯୁକ୍ତିରେ ଅନିୟମିତତା

**ତିଗିରିଆ,୩୦।୭ (ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତ ଅଧୀନ ଦୀନବନ୍ଧୁ ଦାସ ଉଚ୍ଚ ବିଦ୍ୟାଳୟରେ ଗତ ୨୦୧୦ ମସିହାରୁ ପାଚିକା ଭାବେ କାର୍ଯ୍ୟ କରି ଆସୁଥିବା ଗଭା ଦେଇଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ସହିତ ସରକାରୀ ନିୟମର ଅବମାନନା କରାଯାଇ ତାଙ୍କ ସ୍ଥାନରେ ଅନ୍ୟ ୨ଜଣ ପାଚିକାଙ୍କୁ ବିଦ୍ୟାଳୟରେ ନୂତନ ଭାବେ ନିଯୁକ୍ତି ଦିଆଯାଇଛି। ଏଥିନେଇ ଅଭାବୀ ଗଭା ଘଟଣାର ବିରୋଧ କରିବା ସହ ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଗଭା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନିଜର ରୋଗୀଣା ସ୍ୱାମୀ ଓ ଭିନ୍ନକ୍ଷମ ପୁତ୍ରକୁ ଏହି ପାଚିକା ଭାବେ କାର୍ଯ୍ୟ ସମ୍ପାଦନ କରୁଥିବା ଗଭାଙ୍କ ପରିବାର ଚାକିରୀ ଯିବାପରେ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଛନ୍ତି। ଯଥାଶୀଘ୍ର ବ୍ଲକ ଶିକ୍ଷା ପ୍ରଶାସନ ପକ୍ଷରୁ ଗଭାଙ୍କୁ ତୁରନ୍ତ ପୁନଃ ନିଯୁକ୍ତି ଦେବା ପାଇଁ ଦାବି କରାଯାଇଛି। ପ୍ରକାଶ ଯେ ତିଗିରିଆ ବ୍ଲକ ଭିରୁଡ଼ା ପଞ୍ଚାୟତ ସ୍ଥିତ ଦୀନବନ୍ଧୁ ଦାସ ଉଚ୍ଚ ବିଦ୍ୟାଳୟରେ ୨୦୧୦ ମସିହାରୁ ଗଭା ଦେଇ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ପ୍ରାଥମିକ ଶିକ୍ଷା ବିଭାଗକୁ ଚାଲିଯିବା ପରେ ପାଚିକା ଭାବେ କାର୍ଯ୍ୟରତ ଗଭାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। କିନ୍ତୁ



ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତବର୍ଷଠାରୁ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଫଳରେ ଉକ୍ତ ଦୀନବନ୍ଧୁ ଦାସ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ନୂତନ ପାଚିକା ନିଯୁକ୍ତି କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଦୀର୍ଘଦିନ ଧରି ଉକ୍ତ ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ଗଭା ପୁନଶ୍ଚ ଉକ୍ତ ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରିବା ପାଇଁ ଦରଖାସ୍ତ କରିଥିଲେ। ସରକାରଙ୍କ ନିୟମ ଅନୁସାରେ ମଧ୍ୟ ତାଙ୍କୁ ପ୍ରଥମେ ସୁଯୋଗ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ବିଦ୍ୟାଳୟ ପକ୍ଷରୁ ସମସ୍ତ ନିୟମକୁ ଅମାନ୍ୟ କରି ଅନ୍ୟ ୨ଜଣ ନୂତନ ପାଚିକାଙ୍କୁ ନିଯୁକ୍ତି ଦିଆଯାଇଛି। ଫଳରେ ଗଭା ଦେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ତାଙ୍କୁ ପାଚିକା କାର୍ଯ୍ୟରୁ ବାହାର କରାଯାଇଥିବା ନେଇ

**ପାଚିକାଙ୍କୁ ପୁନଃନିଯୁକ୍ତି ଦାବି**

ସରକାରୀସ୍ତରରେ କୌଣସି ସୂଚନା ଦିଆ ନ ଯାଇ ନୂତନ ପାଚିକା ନିଯୁକ୍ତି ସରିଛି। ଏ ନେଇ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏ ସମ୍ପର୍କରେ ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣାଙ୍କୁ ପଚାରିବାରୁ ସେ ଏହି ଘଟଣା ସମ୍ପର୍କରେ ଅବଗତ ଥିବା ପ୍ରକାଶ କରିଛନ୍ତି। ଏଥିସହିତ ସରକାରୀ ନିୟମ ଅନୁଯାୟୀ ପାଚିକା ନିଯୁକ୍ତି ଦେବା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଫୋନ ଯୋଗେ କହିଥିବା ସୂଚନା ଦେଇଛନ୍ତି। ବର୍ତ୍ତମାନ ଏହି ଘଟଣାର ସଠିକ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶିକ୍ଷାଧିକାରୀ ଶ୍ରୀ ମହାରଣା ସୂଚନା ଦେଇଛନ୍ତି।

## ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ବିଇଓ କାର୍ଯ୍ୟାଳୟ ପରିଦର୍ଶନ

**ନିଶ୍ଚିନ୍ତକୋଇଲି,୩୦।୭ (ସମିସ):** କଟକ ଜିଲ୍ଲାର ଅତିରିକ୍ତ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ ଓ ଅନ୍ତର୍ନିବେଶୀ ଜିଲ୍ଲା ସଂଯୋଜକ ଚିତ୍ତରଞ୍ଜନ ପଣ୍ଡା ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଉଭୟ



ପଦାଧିକାରୀଙ୍କୁ କାର୍ଯ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହା ପରେ ଦୁଇ ଅଧିକାରୀ ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ବିଦ୍ୟାଳୟ ପରିସରରେ ପିଏମଶ୍ରୀ ଯୋଜନାରେ ସରକାରଙ୍କ ତରଫରୁ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ ରିସୋର୍ସ ରୁମ ସ୍ଥାପନ କରାଯିବ ବୋଲି ଶ୍ରୀ ବାରିକ ପ୍ରକାଶ କରିବା ସହ ସ୍ଥାନ ଚିହ୍ନଟ କରିଥିଲେ। ଏହି ଅବସରରେ ଉକ୍ତ ବିଦ୍ୟାଳୟର ଅସ୍ୱାସ୍ଥ୍ୟକର ପରିବେଶକୁ ଦେଖି ଉଭୟ ପଦାଧିକାରୀ ଘୋର ଉଦବେଗ ପ୍ରକାଶ କରିଥିଲେ। ଏହି ବିଦ୍ୟାଳୟର ଖାଲି ପଡିଥିବା ପଦ ଗୁଡିକ ଖୁବଶୀଘ୍ର ପୂରଣ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏଠାରେ ସୂଚନା ଥାଉକି ଏହି ବିଦ୍ୟାଳୟ ପରିସର ମଧ୍ୟ ଦେଇ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗର ଏକ କେନାଲ ଯାଇଛି। ଏହି କେନାଲରେ ସ୍ଥାନୀୟ ହାଟ ବଜାରର ପଚାସଢା ଦ୍ରବ୍ୟ, ଅଳିଆ ଆବର୍ଜନା ତଥା ନର୍ଦ୍ଦମା ପାଣି ଜମି ରହୁଥିବା କାରଣରୁ ଦୁର୍ଗନ୍ଧ ହେବା ସହ ପୋକଜୋକ ସାଲୁବାଲୁ ହେଉଛନ୍ତି। ଏହି ନର୍ଦ୍ଦମା କେନାଲ ପାଖରେ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନଭୋଜନ ଖାଦ୍ୟ ପ୍ରସ୍ତୁତି ଓ ପରିବେଷଣ କରାଯାଉଥିବା କାରଣରୁ ଛାତ୍ରଛାତ୍ରୀଙ୍କୁ ସଂକ୍ରାମକ ରୋଗ ଆକ୍ରାନ୍ତ କରିବା ଆଶଙ୍କା ରହିଛି। ବିଦ୍ୟାଳୟର ପରିବେଶ କିଭଳି ସଫାସୁତୁରା ରହିବ ସେ ନେଇ ପଦକ୍ଷେପ ନେବାକୁ ପ୍ରଧାନଶିକ୍ଷକଙ୍କୁ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଦୁଇ ଅଧିକାରୀଙ୍କ ସହିତ ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।

## ଜୈବ ବର୍ଜ୍ୟବସ୍ତୁ ଗୃହ ଉଦ୍‌ଘାଟିତ




**ନେମାଳ,୩୦।୭ (ସମିସ):** ନେମାଳ ଥାନା ଅନ୍ତର୍ଗତ ଜନଆରୋଗ୍ୟ ସମିତି ସାନ୍ତପୁର ପକ୍ଷରୁ ଜନ ଆରୋଗ୍ୟ ସମିତିର ସଭାପତି ଜିଲ୍ଲାପରିଷଦ ସଭ୍ୟ ଇଂ ବିଳାସ କୁମାର ଭୋଇଙ୍କ ସଭାପତିତ୍ୱରେ ମେଡିକାଲ ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିଶ୍ଚିନ୍ତକୋଇଲି ମୁଖ୍ୟ ଚିକିତ୍ସା ଅଧିକାରୀ ଅମିତ ଜେନା, ସରପଞ୍ଚ ଅନନ୍ତ କର, ସାନ୍ତପୁର ମୁଖ୍ୟ ଚିକିତ୍ସାଧିକାରୀ ପ୍ରିୟରଞ୍ଜନ ପତି ଯଏକ ଜୈବ ବର୍ଜ୍ୟବସ୍ତୁ ଗୃହର ଉଦଘାଟନ କରିବା ସହ ଚିକିତ୍ସାକେନ୍ଦ୍ରର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ ଆଗାମୀ ଦିନରେ ଜନସାଧାରଣଙ୍କୁ କିପରି ସୁବିଧା ଯୋଗାଇ ଦିଆଯିବ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନସ ରଞ୍ଜନ ଷଡ଼ଙ୍ଗୀ, ସୌମ୍ୟରଞ୍ଜନ ପାତ୍ର, ତପନ ଜେନା, ଉମାକାନ୍ତ ସାହୁ, ଜୟପ୍ରଦା, ସବିତା ମହାନ୍ତି, ଅଶୋକ ମହାନ୍ତି, ବବିତା ମଲ୍ଲିକ, ପ୍ରଦୀପ ପରିଡା, ଶେଷରେ ଚିକିତ୍ସାକେନ୍ଦ୍ରର ଆୟୁଷ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଅମୃତ ଅନ୍ନ ଯୋଜନାରେ କ୍ଷେତ୍ର ପରିଦର୍ଶନ କଲେ ସଚିବ

**ନିଆଳି, ୩୦।୭ (ସମିସ):** ଓଡିଶା ସରକାରଙ୍କ କୃଷି ବିଭାଗ ମୁଖ୍ୟ ସଚିବ ତଥା ଶ୍ରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ନିଆଳିସ୍ଥିତ ଲୋକ ସମବାୟ ପ୍ରତିଷ୍ଠାନରେ ପହଞ୍ଚି ଅମୃତ ଅନ୍ନ ଯୋଜନାରେ ଚାଷ ହୋଇଥିବା ଧନିଚା ଓ ଗୋବିନ୍ଦ ଭୋଗ ତଳି କିଆରି ବୁଲି ଦେଖିଥିଲେ। ତାଙ୍କ ସହିତ ଖୋର୍ଦ୍ଧା ଜିଲ୍ଲା କୃଷି ମୁଖ୍ୟ ଅଧିକାରୀ ରବି ନାରାୟଣ ସେନାପତି, କଟକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରାଜଶ୍ରୀ ବେହେରା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଜାମୀସୂର୍ଯ୍ୟ ରାଓ, ଷ୍ଟେଟ୍ ବାୟୋକେମେଷ୍ଟ୍ରିର ମୁଖ୍ୟ ଅଧିକାରୀ ମାର୍କଣ୍ଡ ପ୍ରଧାନ, ବାଲିପାଟଣା ବ୍ଲକ କୃଷି ଅଧିକାରୀ ସୁବାଷ ଚନ୍ଦ୍ର ବାରିକ, ଭିଏଡବ୍ଲ୍ୟୁ ସୁଭସ୍ମିତ ପାତ୍ର, ନିଆଳି ବ୍ଲକ କୃଷି ବିଭାଗ ଅଧିକାରୀ ଶୁଭଶ୍ରୀ ନନ୍ଦ, ବିଟିଏମ୍ ଜ୍ୟୋତିରଞ୍ଜନ ସ୍ୱାଇଁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ କୃଷି ସଚିବ କ୍ଷେତ୍ର ପରିଦର୍ଶନ ପରେ ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ର ସଭାଗୃହରେ ଉପସ୍ଥିତ ରହି ଚାଷୀ କୃଷି ଅଧିକାରୀଙ୍କୁ ଏହି ଯୋଜନାର ଉଦ୍ଦେଶ୍ୟ ସଂପର୍କରେ ବୁଝାଇଥିଲେ। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ କୋଠ ଭୋଗରେ ଗୋବିନ୍ଦ ଭୋଗ ଚାଉଳ ମହାପ୍ରସାଦ ପ୍ରସ୍ତୁତ ହେବ ଏହା ନିଆଳି ବାଲିପାଟଣା ବ୍ଲକ ଚାଷୀଙ୍କ ପାଇଁ ଗର୍ବ ଓ ଗୌରବର କଥା ହେବ ବୋଲି ସଚିବ କହିଥିଲେ। ଜଗନ୍ନାଥ ମନ୍ଦିର ମହାସୁଆର ନିଯୋଗର ସଭାପତି ପଦ୍ମନାଭ ମହାସୁଆର, ସଂପାଦକ ନାରାୟଣ ମହାସୁଆରଙ୍କ ସମେତ ଅନ୍ୟ ସେବକମାନେ ଯୋଗଦେଇ ଚାଷୀଙ୍କୁ ଜଗନ୍ନାଥଙ୍କ ଉତ୍ତରୀୟ ଦେଇ ଖଜା ଭୋଗ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ନଟବର ଷଡଙ୍ଗୀ ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ପରିଚାଳକ ଯୁବରାଜ ସ୍ୱାଇଁ ଓ ସୁବାଷ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମୁଖ୍ୟ ପ୍ରଶାସକ ସୁଆର, ନିଯୋଗ, ଚାଷୀ ଓ କୃଷି ଅଧିକାରୀମାନେ ନରିଶୋ ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା ସ୍ଥିତ କୃଷି ସଂଗ୍ରାହାଳୟ ଓ ନିକଟସ୍ଥ ନିର୍ମାଣଧୀନ ବିହନ ବ୍ୟାଙ୍କ ପରିଦର୍ଶନ କରିଥିଲେ।

## ଶିକ୍ଷକ ବଦଳିକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ

**ତିଗିରିଆ,୩୦।୭ (ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ହାଟମାଳ ପଞ୍ଚାୟତସ୍ଥିତ ବିଷ୍ଣୁପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ନେଇ ଆଜି ବିଦ୍ୟାଳୟରେ ଚାଲିଥିବା ଶିକ୍ଷକ ଅଭିଭାବକ ବୈଠକରେ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ

**ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ଅଭିଭାବକ**

କରିଛନ୍ତି। ଏଥିସହିତ ଗତ ସପ୍ତାହରେ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇ ତାଙ୍କ ସ୍ଥାନରେ ଜଣେ ରୋଗଗ୍ରସ୍ତ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିବାର ପ୍ରତିବାଦରେ ଆଜି ଅଭିଭାବକମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ବସିଥିଲେ। କିଛି ଅଭିଭାବକ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଶିକ୍ଷାଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା



ପରେ ଏକ ମାସ ମଧ୍ୟରେ ବିଦ୍ୟାଳୟକୁ ଆଉ ଜଣେ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ଶିକ୍ଷାଧିକାରୀ ଅମର ମହାରଣା ପ୍ରତିଶ୍ରୁତି ପରେ ଅଭିଭାବକମାନେ ଫାଟକ ସମ୍ମୁଖରୁ ଉଠିଥିବା ଜଣାପଡିଛି।

ବିଷ୍ଣୁପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ଆଠଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ପ୍ରଧାନଶିକ୍ଷକଙ୍କୁ ମିଶାଇ ମାତ୍ର ୫ ଜଣ ଶିକ୍ଷକ ରହିଛନ୍ତି। ପ୍ରଧାନଶିକ୍ଷକ ସର୍ବଦା ବିଦ୍ୟାଳୟର କାଗଜପତ୍ର ସହ ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ପାଠ ପଢ଼ାଇବା ପାଇଁ ସମର୍ଥ ହେଉନାହାନ୍ତି। ଏଥିସହିତ ପ୍ରତ୍ୟହ ବିଦ୍ୟାଳୟର ଜଣେ ଶିକ୍ଷକ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ରହୁଥିବାରୁ ସେ ମଧ୍ୟ ପାଠ ପଢ଼ାଇବା ସମ୍ଭବ ହେଉନାହିଁ। ତେଣୁ ମାତ୍ର ୩ ଜଣ ଶିକ୍ଷକରେ ୮ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠ କିଭଳି ପଢ଼ାଯିବ ତାକୁ ନେଇ ସ୍ଥାନୀୟ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲା। ଶିକ୍ଷକ ଅଭାବରୁ ଚଳିତ ଶିକ୍ଷାବର୍ଷରେ ଅନେକ ଅଭିଭାବକ ନିଜ ପିଲାର ସାର୍ଟିଫିକେଟ ନେଇ ଅନ୍ୟତ୍ର ପଢ଼ାଇବା ଉଚିତ ମଣିଥିଲେ। ଫଳରେ ବିଦ୍ୟାଳୟରେ ଦିନକୁ ଦିନ ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ହ୍ରାସ ଦେଖା ଦେଇଥିଲା। ଏଭଳି ସ୍ଥିତିରେ ଗତ ସପ୍ତାହରେ ବିଦ୍ୟାଳୟର ଜଣେ ସକ୍ରିୟ ଶିକ୍ଷକଙ୍କୁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଅନ୍ୟତ୍ର ବଦଳି କରାଯାଇ ତାଙ୍କ ସ୍ଥାନରେ ଜଣେ ଶିକ୍ଷୟିତ୍ରୀ ଯିଏକି କିଡନି ରୋଗରେ ଆକ୍ରାନ୍ତ ତାଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। ଉକ୍ତ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଶନିବାର ଦିନ ଯୋଗଦେଇ ଉକ୍ତ ଦିନଠାରୁ ଛୁଟିରେ ରହିଛନ୍ତି। ଫଳରେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡିଛି। ଯାହାକୁ ନେଇ ସ୍ଥାନୀୟ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେଣୁ ଯଥାଶୀଘ୍ର ବିଦ୍ୟାଳୟରୁ ବଦଳି ହୋଇଥିବା ଉକ୍ତ ଶିକ୍ଷକଙ୍କ ସହ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଏହି ବିଦ୍ୟାଳୟରେ ନିଯୁକ୍ତି ଦେବାକୁ ଦାବି କରାଯାଇଛି।

## କୁଟୀର ଉଦ୍ୟୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**ଟାଙ୍ଗୀ,୩୦।୭ (ସମିସ):** ଓଡ଼ିଶା ଜୀବିକା ମିଶନ ଓ ନାବାର୍ଡର ମିଳିତ ଆନୁକୂଲ୍ୟରେ ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ପନ୍ଦରଦିନିଆ କୁଟୀର ଉଦ୍ୟୋଗ ପ୍ରଶିକ୍ଷଣ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ବିଡିଓ ଏନ୍‌ଏନ୍ ରାଜଲକ୍ଷ୍ମୀ ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାବାର୍ଡର ଡିଡିଏମ ପ୍ରତିମା ପରିଡ଼ା, ସମ୍ମାନିତ ଅତିଥି ଭାବେ ଡିପିଏମ ସଞ୍ଜୟ ବାରିକ, ବିଏଲସି ପଙ୍କଜ ବେହେରା, ବିପିଏମ ପ୍ରମୋଦିନୀ ବେହେରା ଓ ଜିପିଏଫ ସଭାପତି ମମତା ଭୂୟାଁ ପ୍ରମୁଖ ଯୋଗଦେଇ ଉକ୍ତ ପ୍ରଶିକ୍ଷଣ ଉଦ୍‌ଘାଟନ ସହ ଗ୍ରାମୀଣ ମହିଳାଙ୍କ ସ୍ୱାବଲମ୍ବୀ ନିମନ୍ତେ ପ୍ରଶିକ୍ଷଣର ମୂଳ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ ପ୍ରଶିକ୍ଷଣରେ ଖଲିପତ୍ର ତିଆରି, ବଜାରୀକରଣ, ବିଭିନ୍ନ ଉତ୍ସବରେ ଷ୍ଟଲ ନିମନ୍ତେ ପ୍ରଶିକ୍ଷଣ ଦିଆଯିବ। ଏଥିରେ ସ୍ଥାନୀୟ ପଞ୍ଚାୟତର ବିଭିନ୍ନ ଏସ୍‌ଏଚ୍‌ଜିର ମହିଳା ଅଂଶଗ୍ରହଣ କରିବେ ବୋଲି ବିଏଲସି ପଙ୍କଜ କୁମାର ବେହେରା ସୂଚନା ଦେଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୨ • ପାଉଣ୍ଡ ୧୧୬.୯
- ୟୁରୋ ୧୦୧.୬୨ • ୟେନ୍ ୦.୫୮

**ସୁନା, ରୂପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୧୦୦ (ନୂଆଦିଲ୍ଲୀ)
- ରୂପା : ୧,୧୫,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନସେକ୍ସ ୮୧,୪୮୧.୦୦
- ନିଫ୍ଟି ୨୪,୮୫୫.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୮ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ରୂପା ଆଧୁନିକ ଯୁଗର ନୂତନ 'ସୁନା'

ନୂଆଦିଲ୍ଲୀ,୩୦।୭ (ଏଜେନ୍ସି): ବର୍ତ୍ତମାନର ଆଧୁନିକ ଯୁଗରେ ରୁପାର ଗୁରୁତ୍ୱ ବହୁତ ବୃଦ୍ଧି ପାଇଛି। ବିଶ୍ୱବ୍ୟାପୀ, ରୁପାର ଚାହିଦାରେ ଏକ ବିରାଟ ବୃଦ୍ଧି ଘଟିଛି। କିନ୍ତୁ ଯୋଗାଣ ଚାହିଦା ତୁଳନାରେ ପ୍ରାୟ ୧୫ ପ୍ରତିଶତ କମ୍। ଚଳିତ ବର୍ଷ ରୁପା ନିବେଶକମାନଙ୍କୁ ସୁନା ଅପେକ୍ଷା ଅଧିକ ରିଟର୍ଣ୍ଣ ଦେଇଛି। ଯେତେବେଳେ




## କ୍ଲାଏଣ୍ଟ ଆସୋସିଏଟ୍ସ ରିପୋର୍ଟ

ସୁନା ନିବେଶକମାନଙ୍କୁ ପ୍ରାୟ ୩୦ ପ୍ରତିଶତ ରିଟର୍ଣ୍ଣ ପ୍ରଦାନ କରିଛି। ଅନ୍ୟପକ୍ଷରେ, ରୁପା ନିବେଶକମାନଙ୍କୁ ୩୩ ପ୍ରତିଶତରୁ ଅଧିକ ରିଟର୍ଣ୍ଣ ଦେଇଛି। ଏହାର କାରଣ ହେଉଛି ଶିଳ୍ପରେ ରୁପାର ଚାହିଦାରେ ବୃଦ୍ଧି। ବର୍ତ୍ତମାନ, ସୌରଶକ୍ତି, ଇଲେକ୍ଟ୍ରୋନିକ୍ସ ଏବଂ ବୈଦ୍ୟୁତିକ ଯାନରେ ରୁପାର ଚାହିଦା ବୃଦ୍ଧି ପାଉଛି। ଅନ୍ୟପକ୍ଷରେ, ଯୋଗାଣ ଚାହିଦା ଅନୁଯାୟୀ ନାହିଁ। ଏହା ସ୍ପଷ୍ଟ ଯେ ଏହି ଆଧୁନିକ ଯୁଗରେ ରୁପା ନୂତନ 'ସୁନା' ହୋଇଯାଇଛି। ସମ୍ପତ୍ତି ପରାମର୍ଶଦାତା ସଂସ୍ଥା କ୍ଲାଏଣ୍ଟ ଆସୋସିଏଟ୍ସ ଦ୍ୱାରା ପ୍ରକାଶିତ ଏକ ନୂତନ ରିପୋର୍ଟରେ ଏହା କୁହାଯାଇଛି। ଏହି ରିପୋର୍ଟରେ, ରୁପାକୁ ଏକ ରଣନୈତିକ, ଦ୍ୱୈତ-ଭୂମିକା ନିବେଶ ସମ୍ପତ୍ତି ଭାବରେ ଦୃଢ଼ ଭାବରେ ଉପସ୍ଥାପନ କରାଯାଇଛି। ଯାହା ଆଗାମୀ ୧୨-୨୪ ମାସରେ ୧୫-୨୦ ପ୍ରତିଶତ ରିଟର୍ଣ୍ଣ ଦେଇପାରିବ।

ରୁପାର ଆର୍ଥିକ ମୂଲ୍ୟ ଶିଳ୍ପ ଚାହିଦା ସହିତ ଜଡିତ। ରିପୋର୍ଟ ଅନୁଯାୟୀ, ରୁପାର ଚାହିଦାରେ ସୌର ଶକ୍ତି ଏବଂ ସବୁଜ ଭିତ୍ତିଭୂମି, ବୈଦ୍ୟୁତିକ ଯାନବାହନ, ଅର୍ଦ୍ଧପରିବାହୀ ଯୋଗାଣ ଏବଂ ୫ଜି ଭଳି ଉଚ୍ଚ ଅଭିବୃଦ୍ଧି କ୍ଷେତ୍ର ଅନ୍ତର୍ଭୁକ୍ତ। ଏହାସହିତ, ଖଣି ଏବଂ ପୁନଃଚକ୍ରିତ ଯୋଗାଣ ସୀମିତ ରହିଛି, ଯାହା ଲଗାତାର ଚତୁର୍ଥ ବର୍ଷ ପାଇଁ ବିଶ୍ୱ ଯୋଗାଣ ନିଅଣ୍ଟକୁ ନେଇଛି। ବିଶେଷ କଥା ହେଉଛି କେବଳ ୨୦୨୪ରେ ଏହି ନିଅଣ୍ଟ ୧୪୯ ନିୟୁତ ଆଉନ୍ସରେ ପହଞ୍ଚିଛି। ୨୦୨୪ରେ ବିଶ୍ୱରେ ରୁପା ଯୋଗାଣ ବର୍ଷାନୁଭିତ୍ତିକ ୧.୭ ପ୍ରତିଶତ ବୃଦ୍ଧି ପାଇ ୧୦୧୫.୧ ନିୟୁତ ଆଉନ୍ସରେ ପହଞ୍ଚିଥିବା ଦେଖାଯାଇଥିଲା। କିନ୍ତୁ ଚାହିଦା ୧୧୬୦.୧ ନିୟୁତ ଆଉନ୍ସ ରହିଥିଲା। ଏଥିଯୋଗୁ ଯୋଗାଣ ଚାହିଦା ତୁଳନାରେ ୧୪୯ ନିୟୁତ ଆଉନ୍ସ କମ୍ ଥିଲା। ଏହା କ୍ରମାଗତ ଭାବେ ଚତୁର୍ଥ ବର୍ଷ ଥିଲା, ଯେତେବେଳେ ରୁପା ଯୋଗାଣର ଅଭାବ ଥିଲା। ଏହାଯୋଗୁ ରୁପା ମୂଲ୍ୟ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ, ସୌରଶକ୍ତି , ଇଭି ଏବଂ ଇଲେକ୍ଟ୍ରୋନିକ୍ସ ଭଳି ନୂତନ କ୍ଷେତ୍ରରୁ ବର୍ଦ୍ଧିତ ଚାହିଦା ମୂଲ୍ୟକୁ ଆହୁରି ବୃଦ୍ଧି କରୁଛି।

### ଟ୍ରମ୍ପଙ୍କ ୨୫% ଶୁଳ୍କ ଉପରେ ଭାରତର ପ୍ରତିକ୍ରିୟା

# ଜାତୀୟ ସ୍ୱାର୍ଥ ପାଇଁ ଦୃଢ଼ ପଦକ୍ଷେପ ନେବୁ

ନୂଆଦିଲ୍ଲୀ,୩୦।୭ (ଏଜେନ୍ସି): ଆମେରିକା ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିବାର କିଛି ସମୟ ପରେ ଭାରତ ତାର ପ୍ରତିକ୍ରିୟା ରଖିଛି। ବାଣିଜ୍ୟ ଚୁକ୍ତି ନେଇ ଆଲୋଚନାବେଳେ ଭାରତ ଚାଷୀ, ଉଦ୍ୟୋଗୀ ଏବଂ ଏମଏସଏମଇଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିବ ବୋଲି କେନ୍ଦ୍ର ସରକାର କହିଛନ୍ତି। ମଙ୍ଗଳବାର ବାଣିଜ୍ୟ ଏବଂ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ଟ୍ରମ୍ପଙ୍କ ଶୁଳ୍କ ଘୋଷଣାର କ'ଣ ପ୍ରଭାବ ପଡ଼ିବ ସେ ନେଇ ଅଧ୍ୟୟନ କରୁଛୁ। ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ। ତେବେ ଟ୍ରମ୍ପ୍ ଦେଇଥିବା ଅତିରିକ୍ତ ଜୋରିମାନା ଲାଗୁ ଧମକ ପ୍ରସଙ୍ଗରେ ଭାରତ ସରକାରଙ୍କ ସିଧାସଳଖ କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି।

ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ବିବୃତ୍ତିରେ କୁହାଯାଇଛି, ଭାରତ ଏବଂ ଆମେରିକା ଗତ କିଛି ମାସ ଧରି ଏକ ନିରପେକ୍ଷ, ସନ୍ତୁଳିତ ଏବଂ ପାରସ୍ପରିକ ଲାଭଦାୟକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା କରିବା ପାଇଁ ଆଲୋଚନାରେ ବ୍ୟସ୍ତ। ଆମେ ସେହି ଉଦ୍ଦେଶ୍ୟ ପ୍ରତି ପ୍ରତିବଦ୍ଧ। ନିକଟରେ ୟୁକେ ସହିତ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଉଦାହରଣ ଦେଇ ଭାରତ କହିଛି ଯେ, ବିଦେଶୀ କମ୍ପାନୀଙ୍କ ପାଇଁ ଏହାର ବଜାର ଖୋଲିବା ସହିତ, ଏହା ଘରୋଇ କମ୍ପାନୀଙ୍କ ସ୍ୱାର୍ଥର ସୁରକ୍ଷା ପ୍ରତି ସମ୍ବେଦନଶୀଳ। ଜାରି ହୋଇଥିବା ବିବୃତ୍ତିରେ କୁହାଯାଇଛି ସରକାର ଚାଷୀ, ଉଦ୍ୟୋଗୀ ଏବଂ ଏମଏସଏମଇମାନଙ୍କର କଲ୍ୟାଣକୁ ସୁରକ୍ଷା ଏବଂ ପ୍ରୋତ୍ସାହିତ କରିବା ପାଇଁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସରକାର ଆମର ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ପଦକ୍ଷେପ ନେବେ, ଯେପରି ୟୁକେ ସହିତ ସର୍ବଶେଷ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମା ସମେତ ଅନ୍ୟାନ୍ୟ ବାଣିଜ୍ୟ ଚୁକ୍ତିନାମାରେ ହୋଇଛି। ଅପରପକ୍ଷେ ଟ୍ରମ୍ପ୍ ଜାରି କରିଥିବା ୨୫% ନୂଆ ଶୁଳ୍କ ଭାରତର ଅଟୋମୋବାଇଲ, ଅଟୋ ପାର୍ଟସ, ଷ୍ଟିଲ, ଅଲୁମିନିୟମ, ସ୍ମାର୍ଟଫୋନ୍, ସୋଲାର ମଡ୍ୟୁଲ, ରତ୍ନପଥର, ଅଳଙ୍କାର ଏବଂ ନିର୍ଦ୍ଦିଷ୍ଟ ପ୍ୟାକେଟ ଫୁଡ ଏବଂ କୃଷିଜାତ ଦ୍ରବ୍ୟ ଆଦି ସମସ୍ତ ସାମଗ୍ରୀ ଉପରେ ଲାଗୁ ହେବ। ତେବେ ଏହି ଶୁଳ୍କରୁ ଫାର୍ମାସ୍ୟୁଟିକାଲ, ସେମିକଣ୍ଡକ୍ଟର ଏବଂ କ୍ରିଟିକାଲ ମିନେରାଲ୍ସକୁ ବାଦ୍ ଦିଆଯାଇଛି।

# କୋଟାକ୍ ଆକ୍ଟିଭ ମୋମେଣ୍ଟମ୍ ଫଣ୍ଡ

ମୁମ୍ବାଇ,୩୦।୭: କୋଟାକ୍ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ (କେଏମ୍ଏଏମ୍ସି / କୋଟାକ୍ ମ୍ୟୁଚୁଆଲ ଫଣ୍ଡ) ଗତିଶୀଳତା ବିଷୟକୁ ଅନୁସରଣ କରି ଏକ ଓପନ୍-ଏଣ୍ଡେଡ ଇକ୍ୱିଟି ସ୍କିମ୍ କୋଟକ ଆକ୍ଟିଭ ମୋମେଣ୍ଟମ୍ ଫଣ୍ଡ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହି ଫଣ୍ଡ ଆଭ୍ୟନ୍ତରୀଣ ନିଜସ୍ୱ ମଡେଲରେ ପ୍ରସ୍ତୁତ ଆୟ ଗତିଶୀଳତା ରହିଥିବା ଷ୍ଟକ୍‌ଗୁଡିକୁ ଚିହ୍ନଟ କରି ସୁଯୋଗଗୁଡିକୁ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି। ସ୍କିମ୍ ଜନସାଧାରଣଙ୍କ ସବ୍‌ସ୍କ୍ରିପ୍‌ସନ ନିମନ୍ତେ ୨୦୨୫ ଜୁଲାଇ ୨୯ରୁ ୨୦୨୫ ଅଗଷ୍ଟ ୧୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ଗତିଶୀଳତା ଆଧାରିତ ପାଣ୍ଠି ନିବେଶ ସାଧାରଣତଃ ମୂଲ୍ୟ ବୃଦ୍ଧି ଘଟୁଥିବା ଷ୍ଟକଗୁଡିକ କ୍ରୟ ଭିତ୍ତିକ ହୋଇଥାଏ, ଯେଉଁଥିରେ ଏହି ଧାରା ଜାରି ରହିବା ଆଶା କରାଯାଏ। ତେବେ ଗତିଶୀଳତା କେବଳ ମୂଲ୍ୟ କ୍ଷେତ୍ରରେ ସୀମିତ ନୁହେଁ। ଆୟକାରୀ ଗତିଶୀଳତା ଉର୍ଦ୍ଧ୍ୱମୁଖୀ ହେଉଥିବା ଏବଂ ଅନୁକୂଳ ଆନାଲିଷ୍ଟ ରେଟିଂ ପ୍ରାପ୍ତ ହେଉଥିବା ଏବଂ ମଜଭୁତ ମୂଳଦୁଆ ସମର୍ଥନ ରହୁଥିବା ଷ୍ଟକଗୁଡିକ ଉପରେ ଦୃଷ୍ଟିନିବଦ୍ଧ କରିଥାଏ। କୋଟାକ୍ ଆକ୍ଟିଭ ମୋମେଣ୍ଟମ୍ ଫଣ୍ଡ ଆନାଲିଷ୍ଟମାନଙ୍କର ତାଜା ତଥ୍ୟ ଅଥବା ସକାରାତ୍ମକ ଚକିତ କରିବା ଭଳି ଆୟ ଆଧାରରେ ସେୟାର ପିଛା ବର୍ଦ୍ଧିତ ଆୟ (ଇପିଏସ୍) କରୁଥିବା କମ୍ପାନୀଗୁଡିକୁ ଲକ୍ଷ୍ୟ ରଖୁଛି।

# ଏମିରେଟ୍ସ ଏନ୍‌ବିଡି ସହ ଜୟଆଲୁକ୍କାସ୍‌ର ଚୁକ୍ତି ସ୍ୱାକ୍ଷରିତ

ଦୁବାଇ, ୩୦।୭: ବୃହତ ଅଳଙ୍କାର ଖୁଚୁରା କମ୍ପାନୀ ଜୟଆଲୁକ୍କାସ୍ ମିନତ୍ ଅଞ୍ଚଳର ଏକ ଅଗ୍ରଣୀ ବ୍ୟାଙ୍କିଙ୍ଗ ଗ୍ରୁପ ଏମିରେଟ୍ସ ଏନ୍‌ବିଡି ମାଧ୍ୟମରେ ଏକ ଐତିହାସିକ ୫୦୦ ନିୟୁତ ଏଇଡିର ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ଗ୍ରହଣ ସୁବିଧା ବ୍ୟବସ୍ଥା ଘୋଷଣା କରିଛି। ଏହି ଚୁକ୍ତି ୟୁକେ, ଆମରେିକା,କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ୟୁଏଇ ପରି ପ୍ରମୁଖ ଅନ୍ତର୍ଜାତୀୟ ବଜାରରେ ଜୟଆଲୁକ୍କାସ୍‌ର ଦୀର୍ଘକାଳୀନ ସମ୍ପ୍ରସାରଣ ଯୋଜନାକୁ ସମର୍ଥନ କରେ। ଜୟଆଲୁକ୍କାସ୍‌କୁ ପୁଞ୍ଜି ଗ୍ରହଣ ପାଇଁ ସୁଗମତା ଏବଂ ନମନୀୟତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ ଏହି ଚୁକ୍ତି ବିଶ୍ୱ ରେ ଖୁଚୁରା ବିକ୍ରିର ଅଭିବୃଦ୍ଧି ପାଇଁ ଏହି ଖୁଚୁରା ବ୍ୟବସାୟୀଙ୍କ ଅଗ୍ରଣୀ ଆଭିମୁଖ୍ୟକୁ ପ୍ରତିପାଦିତ କରୁଛି। ଯେହେତୁ ଜୟଆଲୁକ୍କାସ୍ ସାରା ବିଶ୍ୱରେ ଏହାର ପାଦଚିହ୍ନକୁ ମଜବୁତ କରିବାର ଉପକ୍ରମ ଜାରି ରଖିଛି, ଏହି ୫୦୦ ନିୟୁତ ଏଇଡି ସୁବିଧା ଶୀର୍ଷ ବାଣିଜ୍ୟ ଅବଧି ଏବଂ ଯୋଗାଣକାରୀ ପ୍ରତିଶ୍ରୁତିକୁ ସମର୍ଥନ କରିବା




ପାଇଁ ଇନଭେଣ୍ଟରୀ ଆର୍ଥିକ ଏବଂ ଆଦାନପ୍ରଦାନର ସୁବିଧା ପାଇଁ ସମୟାନୁସାରେ ପ୍ରବେଶ ସୁନିଶ୍ଚିତ କରେ। ଏହି ଚୁକ୍ତି ଏମିରେଟ୍ ଏନ୍‌ବିଡିର ଉନ୍ନତ ଡିଜିଟାଲ୍ ଏବଂ ବାଣିଜ୍ୟ ପ୍ଲାଟଫର୍ମ ସହିତ ସମ୍ପୂର୍ଣ୍ଣ ଭାବରେ ସମନ୍ୱିତ, ଯାହା ଜୟଆଲୁକ୍କାସ୍‌ର ଆର୍ଥିକ କାର୍ଯ୍ୟଗୁଡ଼ିକରେ ପ୍ରକୃତ-ସମୟ ଦୃଶ୍ୟମାନତା ଏବଂ ସୁବିଧା ପ୍ରଦାନ କରୁଛି। ଏହି ଚୁକ୍ତିପତ୍ର ଜୟଆଲୁକ୍କାସ୍ ଏବଂ ଏମିରେଟ୍ ଏନ୍‌ବିଡି ମଧ୍ୟରେ ବିଶ୍ୱାସ ଏବଂ ରଣନୈତିକ ସମନ୍ୱୟର ଗଭୀରତାକୁ ମଧ୍ୟ ସୂଚିତ କରେ। ଏହା ଉପରେ ପ୍ରତିକ୍ରିୟା ରଖି ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଜୟ ଆଲୁକ୍କାସ୍ କହିଛନ୍ତି ଯେ, ଏହି ସୁବିଧା ଜୟଆଲୁକାସ୍‌କୁ ୟୁକେ, ଆମେରିକା, କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ପ୍ରମୁଖ ଅନ୍ତର୍ଜାତୀୟ ବଜାରରେ ବିସ୍ତାର କରିବା ପାଇଁ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରେ। ଏହି ଚୁକ୍ତି ଅଳଙ୍କାର ଶିଳ୍ପରେ ଏକ ନୂତନ ମାନଦଣ୍ଡ ପ୍ରତିଷ୍ଠା କରୁଛି।

## ଦେଶର ପ୍ରଥମ ଏଆଇ କ୍ଲାଉଡ୍ କମ୍ପ୍ୟୁଟର

ମୁମ୍ବାଇ,୩୦।୭ (ଏଜେନ୍ସି): କମ୍ପ୍ୟୁଟର ବ୍ୟବହାରକାରୀଙ୍କ ପାଇଁ ଭଲ ଖବର। ଦେଶକୁ ଆସିଛି ପ୍ରଥମ ଏଆଇ କ୍ଲାଉଡ୍ କମ୍ପ୍ୟୁଟର 'ଜିଓ-ପିସି'। ଜିଓ-ପିସି ଏକ ଅଭିନବ କ୍ଲାଉଡ୍-ଆଧାରିତ ଭର୍ଚୁଆଲ୍ ଡେସ୍କଟପ୍ ପ୍ଲାଟଫର୍ମ ଯାହା ଘରରେ ଥିବା ଟିଭି ସ୍କ୍ରିନ୍‌କୁ ଗୋଟିଏ ମୁହୂର୍ତ୍ତରେ ଏକ ପର୍ସନାଲ୍ କମ୍ପ୍ୟୁଟର ବା ପିସିରେ ପରିଣତ କରିପାରିବ। ରିଲାଏନ୍ସ ଜିଓ ପକ୍ଷରୁ 'ଜିଓ-ପିସି'ର ଶୁଭାରମ୍ଭ କରାଯାଇଛି। ଏହା କ୍ଲାଉଡ୍ କମ୍ପ୍ୟୁଟିଂରେ ଦେଶର ପ୍ରଥମ 'ପେ-ଆଜ୍-ୟୁ-ଗୋ ମଡେଲ୍', ଅର୍ଥାତ୍ ଆପଣ ଯେତେ ବ୍ୟବହାର କରନ୍ତି ସେତିକି ପାଇଁ ଦେୟ ଦିଅନ୍ତୁ। ଏହି ସେବା ପାଇଁ କମ୍ପାନୀ କୌଣସି ଲକ୍-ଇନ୍ ଅବଧି ରଖିନାହିଁ। ଗ୍ରାହକଙ୍କୁ ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ ବହନ କରିବାକୁ ପଡ଼ିବନାହିଁ। କୌଣସି ମହଙ୍ଗା ହାର୍ଡୱେର୍ କିମ୍ବା ସଫ୍ଟୱେରର ଅପଗ୍ରେଡ୍ ପଡ଼ିବନାହିଁ।

# ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କ ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଭିଯାନ




ଭୁବନେଶ୍ୱର, ୩୦।୭ (ସମିସ): ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କ ପକ୍ଷରୁ ବେଣ୍ଟପୁର ପଞ୍ଚାୟତରେ ଏକ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅନ୍ତୃପ୍ତି ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦୦ ଗ୍ରାହକ ଉପସ୍ଥିତ ଥିଲେ। ଅଭିଯାନରେ ବ୍ୟାଙ୍କର ଏପିଜିଏମ ଏବଂ ଫିଲ୍ଡ ଜେନେରାଲ୍ ମ୍ୟାନେଜର ବିନୋଦ କୁମାର ପାଣ୍ଡେ, ଜୋନାଲ୍ ମ୍ୟାନେଜର ଡି. କେ. ଖଣ୍ଡେଲୱାଲ୍, ଏଜିଏମ ନିର୍ମାଣ କୁମାର ସାମଲ, ବେଣ୍ଟାପୁର ବ୍ରାଞ୍ଚ ମ୍ୟାନେଜର ଦୀପିକା କୁମାୱତ ଏବଂ ସରପଞ୍ଚ ଗୀତାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତି ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଦ୍ୱାରା ୬ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ମୋଟ ୩୦ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଏହାଦ୍ୱାରା ମହିଳା ଶକ୍ତିକରଣ ଓ ଗ୍ରାମୀଣ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ।

# ଏସ୍‌ବିଆଇ ଲାଇଫ୍ ପକ୍ଷରୁ ଆଇଡିଏସନଏକ୍ସ ୨.୦ର ଦ୍ୱିତୀୟ ସଂସ୍କରଣ

ମୁମ୍ବାଇ,୩୦।୭: ଏସବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ପ୍ରମୁଖ ନବସୃଜନ ଅଭିଯାନ "ଆଇଡିଏସନଏକ୍ସ ୨.୦"ର ଦ୍ୱିତୀୟ ସଂସ୍କରଣ ଆରମ୍ଭ କରାଯାଇଛି। ଏସବିଆଇ ଲାଇଫ୍‌ର ଆଇଡିଏସନ୍‌ଏକ୍ସ ହେଉଛି ଜୀବନ ବୀମା ଶିଳ୍ପରେ ବାସ୍ତବ ଦୁନିଆ ଆହ୍ୱାନ ପାଇଁ ନବସୃଜନ ଓ ସମାନ ମିଳିତ ଭାବ ପ୍ରସ୍ତୁତ କରିବାରେ ଯୁବ ପ୍ରତିଭାମାନଙ୍କୁ ସଶକ୍ତ କରୁଥିବା ଏକ ପ୍ଲାଟଫର୍ମ। ଦ୍ୱିତୀୟ ସଂସ୍କରଣରେ ଆଇଡିଏସନ୍‌ଏକ୍ସ ୨.୦ ଭାରତର ଶ୍ରେଷ୍ଠ ୧୦୦ ବି-ସ୍କୁଲ୍‌ର ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ "୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମାର ଜାତୀୟ ମିସନ ପ୍ରତି ଅର୍ଥପୂର୍ଣ୍ଣ ସମର୍ଥନ ପ୍ରଦାନ କରିବାକୁ ଉତ୍ସାହିତ କରୁଛି। ଆଇଡିଏସନ୍‌ଏକ୍ସକୁ ସ୍ୱତନ୍ତ୍ର ପ୍ରୟାସ ଭାବେ ବି-ସ୍କୁଲଗୁଡ଼ିକ ପାଇଁ ଆରମ୍ଭ କରାଯାଇଥିଲା ଯାହାର ଲକ୍ଷ୍ୟ ହେଉଛି ଶିଳ୍ପ ଏବଂ ଦେଶର ଭବିଷ୍ୟତ ବ୍ୟବସାୟିକ ଲିଡରଙ୍କ ମଧ୍ୟରେ ସହଯୋଗିତା ବୃଦ୍ଧି କରିବା। ଦ୍ୱିତୀୟ ସଂସ୍କରଣରେ ଭାରତର ଶୀର୍ଷ ୧୦୦ ବି-ସ୍କୁଲକୁ ସାମିଲ କରି ୨୫,୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରୟାସ କେବଳ ଦେଶର ନୂଆ ଯୁବପିଢ଼ିଙ୍କୁ ଉତ୍ସାହିତ କରିବାର ଏକ ପ୍ଲାଟଫର୍ମ ପ୍ରଦାନ କରୁନାହିଁ, ବରଂ ଜୀବନ ବୀମା କ୍ଷେତ୍ରର ଅଭିବୃଦ୍ଧି ପାଇଁ ଅବଦାନ ଦେବାର ଏକ ବଡ଼ ସୁଯୋଗ ମଧ୍ୟ ପ୍ରଦାନ କରୁଛି।

### ବଦଳିବ ବିଶ୍ୱ ଧନୀ ତାଲିକା; ଶେଷ ହେବ ଏଲନ୍ ମସ୍କଙ୍କ ରାଜୁତି

# ୩୦୦ ବିଲିୟନ୍ ଡଲାର କ୍ଲବ୍‌ରେ ଲ୍ୟାରୀ ଏଲିସନ୍

ୱାଶିଂଟନ୍,୩୦।୭ (ଏଜେନ୍ସି): ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ଏକମାତ୍ର ବ୍ୟକ୍ତି ଯାହାଙ୍କ ସମ୍ପତ୍ତି ୩୦୦ ବିଲିୟନ ଡଲାରରୁ ଅଧିକ। କିନ୍ତୁ ଖୁବ୍ ଶୀଘ୍ର ଏହି ଏଲିଟ୍ କ୍ଲବରେ ତାଙ୍କର ରାଜୁତି ଶେଷ ହେବାକୁ ଯାଉଛି। ଓରାକଲ୍ ପ୍ରତିଷ୍ଠାତା ଲ୍ୟାରୀ ଏଲିସନ୍‌ଙ୍କ ସମ୍ପତ୍ତି ୩୦୦ ବିଲିୟନ ଡଲାର ଟପିଯାଇଛି। ଯାହାଫଳରେ ଏଲିସନ୍ ୩୦୦ ବିଲିୟନ ଡଲାରର ସମ୍ପତ୍ତି କ୍ଲବରେ ସାମିଲ ହୋଇଛନ୍ତି। ଚଳିତବର୍ଷ ଏଲିସନ୍‌ଙ୍କ ସମ୍ପତ୍ତି ସର୍ବାଧିକ ୧୦୯ ବିଲିୟନ ଡଲାର ବୃଦ୍ଧି ପାଇଛି, ଯେତେବେଳେ କି ଟେସଲା, ସ୍ପେସଏକ୍ସ ଏବଂ ଷ୍ଟାରଲିଙ୍କ ଭଳି କମ୍ପାନୀ ପରିଚାଳନା କରୁଥିବା ମସ୍କଙ୍କ ସମ୍ପତ୍ତିରେ ୬୭.୨ ବିଲିୟନ ଡଲାରର ସବୁଠାରୁ ବଡ଼ ହ୍ରାସ ଘଟିଛି।

ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁଯାୟୀ, ମସ୍କ ୩୬୫ ବିଲିୟନ ଡଲାରର ସମ୍ପତ୍ତି ସହିତ ବିଶ୍ୱ ଧନୀ ତାଲିକାରେ ପ୍ରଥମ ସ୍ଥାନରେ ଅଛନ୍ତି। ମାତ୍ର ଦିନକରେ ତାଙ୍କ ସମ୍ପତ୍ତିରେ ୩.୧୪ ବିଲିୟନ ଡଲାର ହ୍ରାସ ଘଟିଛି। ଏହି ତାଲିକାରେ ଆମାଜନ୍‌ର ସହ-ପ୍ରତିଷ୍ଠାତା ଜେଫ୍ ବେଜୋସ୍ ( ୨୫୨ବିଲିୟନ ଡଲାର) ତୃତୀୟ , ଫେସ୍‌ବୁକ୍ ର ମାର୍କ ଜୁକରବର୍ଗ (୨୪୬ ବିଲିୟନ ଡଲାର) ଚତୁର୍ଥ, ମାଇକ୍ରୋସଫ୍ଟର ଷ୍ଟିଭ୍ ବଲମର (୧୭୬ ବିଲିୟନ ଡଲାର) ପଞ୍ଚମ, ଗୁଗୁଲ୍‌ର ଲ୍ୟାରୀ ପେଜ୍ (୧୭୩ ବିଲିୟନ ଡଲାର) ଷଷ୍ଠ, ସର୍ଗୀ ବ୍ରିନ୍ (୧୬୨ ବିଲିୟନ ଡଲାର) ୭ମ, ଫ୍ରାନ୍ସର ବର୍ଣ୍ଣାର୍ଡ ଆର୍ଣ୍ଣୋଲ୍ଟ (୧୬୦ ବିଲିୟନ ଡଲାର) ୮ମ, ଏନ୍‌ଭିଡିଆର ପ୍ରତିଷ୍ଠାତା ଜେନସେନ୍ ହୁଆଙ୍ଗ (୧୫୪ ବିଲିୟନ ଡଲାର) ନବମ ଏବଂ କିମ୍ବଦନ୍ତୀ ନିବେଶକ ୱାରେନ୍ ବଫେ (୧୪୫ ବିଲିୟନ ଡଲାର) ୧୦ମ ସ୍ଥାନରେ ଅଛନ୍ତି।

ଅପରପକ୍ଷେ ଭାରତ ଏବଂ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ ଏହି ତାଲିକାରେ ୧୦୦ ବିଲିୟନ ଡଲାରର ସମ୍ପତ୍ତି ସହ ୧୮ ତମ ସ୍ଥାନରେ ଅଛନ୍ତି। ସୋମବାର ଅମ୍ବାନୀଙ୍କ ସମ୍ପତ୍ତି ୫୫.୯ ନିୟୁତ ଡଲାର ହ୍ରାସ ପାଇଛି। ଚଳିତବର୍ଷ ତାଙ୍କର ସମ୍ପତ୍ତି ୯.୪୮ ବିଲିୟନ ଡଲାର ବୃଦ୍ଧି ପାଇଛି।

# ପାୱାର ଗ୍ରୀଡ୍ ଟ୍ରାନ୍ସମିସନ୍ ସିଷ୍ଟମର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩୦।୭: ତାମିଲନାଡୁର ଥୁଥୁକୁଡିଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ 'ମହାରତ୍ନ' ପାୱାର ଗ୍ରୀଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ନିର୍ମିତ ଟ୍ରାନ୍ସମିସନ୍ ସିଷ୍ଟମର ଶିଳାନ୍ୟାସ କରିଛନ୍ତି। ଆନ୍ତଃରାଜ୍ୟ ଟ୍ରାନ୍ସମିସନ୍ ସିଷ୍ଟମ ପ୍ରକଳ୍ପ ଅଧୀନରେ ପାୱାରଗ୍ରୀଡ୍ କୁଡାନକୁଡି ଟ୍ରାନ୍ସମିସନ୍ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ୪୦୦ କେଭି ଡି/ସି (କ୍ୱାଡ୍) କୁଡାନକୁଡି-୨ ଜିଆଇଏଓ୍ପିଏସ୍ ଟ୍ରାନ୍ସମିସନ୍ ଲାଇନ ଏବଂ ଥୁଥୁକୁଡି-୨ ଜିଆଇଏସ୍‌ରେ ଦୁଇଟି ୪୦୦ କେଭି ଜିଆଇଏସ୍ ଲାଇନ ଟର୍ମିନାଲ ଉପକରଣ ନିର୍ମାଣ ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମରେ ତାମିଲନାଡୁର ରାଜ୍ୟପାଳ ଆର.ଏନ୍. ରବି, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ, ସୂଚନା ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍ ମୁରୁଗାନ୍ , ତାମିଲନାଡୁର କୃଷି ମନ୍ତ୍ରୀ ଥାଙ୍ଗମ୍ ଥେନାରାସୁ, ସମାଜ କଲ୍ୟାଣ ଏବଂ ମହିଳା ସଶକ୍ତିକରଣ ମନ୍ତ୍ରୀ ଡ ଏଲ୍ ପି ଗୀତା ଜୀବନ, ସାଂସଦ କାନିମୋଝୀ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ସରକାରୀ କାର୍ଯ୍ୟକ୍ରମରେ ଅବହେଳା**

### ବଲାଙ୍ଗିର ଶିକ୍ଷା ବିଭାଗରେ ବଡ କାର୍ଯ୍ୟାନୁଷ୍ଠାନ

# ୧୧ ବିଇଓଙ୍କ ଦରମା ବନ୍ଦ୍

ବଲାଙ୍ଗିର, ୩୦।୭ (ସମିସ): ବଲାଙ୍ଗିର ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସରକାରୀ କାର୍ଯ୍ୟକ୍ରମକୁ ଅବହେଳା ଓ ଟାର୍ଗେଟ ପୂରଣରେ ବିଫଳତା ଯୋଗୁଁ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲ୍ଲାର ୧୪ ବ୍ଲକ୍‌ରେ କାର୍ଯ୍ୟରତ ଥିବା ୧୧ ଜଣ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଜୁଲାଇ ମାସର ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ। 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମରେ ଦିଆଯାଇଥିବା ଟାର୍ଗେଟ ପୂରଣ ହୋଇନଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

**ଦରମା ବନ୍ଦ ପାଇଁ ଟ୍ରେଜେରୀ ଅଧିକାରୀଙ୍କୁ ଜଣାଇଲେ ଡିଇଓ**

ପରିବେଶ ପ୍ରଦୂଷଣ ରୋକିବା, ସବୁଜ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା 'ଏକ ପେଡ୍ ମା କେ ନାମ' କାର୍ଯ୍ୟକ୍ରମକୁ ଜିଲ୍ଲା ତଥା ରାଜ୍ୟର ସମସ୍ତ ସ୍କୁଲରେ ଆୟୋଜନ କରିବା ସହ ଲୋକଙ୍କୁ ବୃକ୍ଷରୋପଣ କରିବାକୁ ସଚେତନ କରିବା, ସ୍କୁଲମାନଙ୍କରେ ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବଲାଙ୍ଗିର ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଠିକ ଭାବେ ଆୟୋଜନ କରାଯାଇ ନ ଥିବାରୁ ଏହା ବିଫଳ ହୋଇଥିବା ଜଣାପଡିଛି। ଯେଉଁ ଟାର୍ଗେଟ ଜିଲ୍ଲା ଶିକ୍ଷା ବିଭାଗ ବିଇଓମାନଙ୍କ ପାଇଁ ଧାର୍ଯ୍ୟ କରିଥିଲା ତାହା ପୂରଣ ହୋଇପାରିନଥିବା ଜଣାପଡିଛି। ଯାହାକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ବିଇଓମାନଙ୍କ ବିରୋଧରେ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ସହମତି ଭିତ୍ତିକ ଶିକ୍ଷକ ବଦଳିରେ ବିଳମ୍ବ

### ମନ୍ତ୍ରୀଙ୍କ ବାସଭବନ ଘେରିବାକୁ ଏନ୍‌ପିଏସ୍ ସଂଘର ଚେତାବନୀ

ଭୁବନେଶ୍ୱର, ୩୦।୭ (ସମିସ): ଅନ୍‌ଲାଇନ୍ ଶିକ୍ଷକ ବଦଳିରେ ଚଳତବର୍ଷ ଅହେତୁକ ବିଳମ୍ବ ହୋଇଛି। ସହମତି ଭିତ୍ତିକ ବଦଳି ପାଇଁ ରାଜ୍ୟ ସ୍ତରୀୟ ବଦଳି କମିଟି (ଏସ୍‌ଏଲ୍‌ଟିସି) ବୈଠକ ବସିବାର ୧୫ ଦିନ ବିତିଥିଲେ ମଧ୍ୟ ବଦଳି ନିର୍ଦ୍ଦେଶନାମା ବାହାରି ନାହିଁ। ପୂର୍ବରୁ ଏସ୍‌ଏଲ୍‌ଟିସି ବୈଠକ ବସିବା ଦିନ ହିଁ ସହମତି ଭିତ୍ତିକ ବଦଳି ନିର୍ଦ୍ଦେଶନାମା ବାହାରୁଥିବା ବେଳେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। କାହିଁକି ଏହାକୁ ବିଭାଗୀୟ ଅଧିକାରୀ ବା ମନ୍ତ୍ରୀ ଚାପି ରଖିଛନ୍ତି ବୋଲି ଶିକ୍ଷକମାନେ ପ୍ରଶ୍ନ କରିବା ସହ ଅସନ୍ତୋଷ ଦେଖାଦେଇଛି।

ଅପରପକ୍ଷରେ ବଦଳି କ୍ୟାଲେଣ୍ଡର ଅନୁସାରେ ଜୁଲାଇ ୧ରୁ ୭ ତାରିଖ ମଧ୍ୟରେ ବଦଳି ପ୍ରକ୍ରିୟା ସରିବା ସହ ନୂତନ ବିଦ୍ୟାଳୟରେ ଯୋଗ ଦେବାକୁ କୁହାଯାଇଥିଲା। ଏହାକୁ ମାସେ ବିତିଥିଲେ ମଧ୍ୟ ନିଜେ ସରକାର ବିଜ୍ଞପ୍ତିକୁ କିପରି ଅବମାନନା କରୁଛନ୍ତି ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ପ୍ରଶ୍ନ କରିଛି। ବାରମ୍ବାର ଏ ବାବଦରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅବଗତ କଲେ ମଧ୍ୟ ସୁଫଳ ମିଳୁ ନ ଥିବା ସଂଘ ଅଭିଯୋଗ କରିଛି। ସହମତି ଭିତ୍ତିରେ ବଦଳି ଯଦି ଏମିତି ବିଳମ୍ବ ହେବ, ତେବେ ଅନ୍ୟ ଗ୍ରାଉଣ୍ଡରେ ବଦଳି କେବେ ହେବ ବୋଲି ଶିକ୍ଷକ/ଶିକ୍ଷୟିତ୍ରୀମାନେ ପ୍ରଶ୍ନ କରିଛନ୍ତି। ତୁରନ୍ତ ଚଳିତ ସପ୍ତାହରେ ବଦଳି ପ୍ରକ୍ରିୟା ଶେଷ କରା ନ ଗଲେ, ଆସନ୍ତା ସପ୍ତାହରେ ସଙ୍ଘ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରଉ କରିବ ବୋଲି ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ନାବାଳିକା ଦୁଷ୍କର୍ମ ମାମଲାରେ ଟିଉସନ ଶିକ୍ଷକଙ୍କୁ ଜେଲ୍

ଭଦ୍ରକ, ୩୦।୭ (ସମିସ): ଜଣେ ୫ମ ଶ୍ରେଣୀରେ ପଢୁଥିବା ନାବାଳିକା ଛାତ୍ରୀକୁ ଦୁଷ୍କର୍ମ କରି ଜେଲ ଗଲେ ଟିଉସନ ଶିକ୍ଷକ। ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧିନ ଭାଟପଡା ପଞ୍ଚାୟତରେ। ଅଭିଯୋଗ ମୁତାବକ, ଉକ୍ତ ଗାଁର ଅଜିତ ଭୋଇ ଛୋଟ ଛୋଟ ପିଲାମାନଙ୍କୁ ଟିଉସନ କରନ୍ତି। ଗତକାଲି ସନ୍ଧ୍ୟାରେ ଲଘୁଚାପ ପ୍ରଭାବରେ ଜୋର ବର୍ଷା ହେଉଥିବାରୁ ଜଣେ ୫ମ ଶ୍ରେଣୀ ଛାତ୍ରୀକୁ ଛାଡି ଅନ୍ୟ କୌଣସି ପିଲା ଟିଉସନ ଆସି ନ ଥିଲେ। ଏହାର ସୁଯୋଗ ନେଇ ଶିକ୍ଷକ ଜଣକ ଉକ୍ତ ଛାତ୍ରୀଙ୍କ ସହ ଦୁଷ୍କର୍ମ କରିଥିଲେ। ଏକଥା ଛାତ୍ରୀ ଜଣଙ୍କଟି କାନ୍ଦି କାନ୍ଦି ଯାଇ ନିଜ ମାଆ ପାଖରେ କହିଥିଲା। ପରେ ପରିବାର ଲୋକେ ଚାନ୍ଦବାଲି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇବା ପରେ ଘଟଣାକୁ ଗୁରୁତର ସହ ନେବା ସହ ଅଭିଯୁକ୍ତ ଟିଉସନ ଶିକ୍ଷକ ଅଜିତ ଭୋଇକୁ ଗିରଫ କରିଥିଲା। ଅଭିଯୁକ୍ତ ସମ୍ପୃକ୍ତ ଟିଉସନ ଶିକ୍ଷକକୁ ବୁଧବାର କୋର୍ଟ ଚାଲାଣ କରିଛି ଚାନ୍ଦବାଲି ପୁଲିସ।

## ପ୍ରକୃତିର ପ୍ରକୋପ

# ସୁନାମୀ



**ବର୍ଷା, ବନ୍ୟା, ଝଡ଼ତୋଫାନ, ବାତ୍ୟା, ବଜ୍ରପାତ, ଭୂସ୍ଖଳନ, ଆଗ୍ନେୟଗିରି ଉଦ୍‌ଗୀରଣ ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରତିବର୍ଷ ବିଶ୍ୱବ୍ୟାପୀ ହଜାର ହଜାର ଲୋକଙ୍କ ଜୀବନ ନେଉଛି ଏବଂ ଧନସମ୍ପତ୍ତିର ମଧ୍ୟ ବ୍ୟାପକ କ୍ଷତି ଘଟାଉଛି । ତେବେ ଏହିସବୁ ବିପର୍ଯ୍ୟୟର ଆଗୁଆ ସୂଚନା ମିଳୁଥିବାରୁ ଜୀବନ ହାନୀ ଓ କ୍ଷୟକ୍ଷତି ପରିମାଣ କମିକମି ଯାଉଛି । କିନ୍ତୁ ଭୂମିକମ୍ପ କେଉଁଠି ଏବଂ କେବେ ହେବ, ତାହାର ଆଗୁଆ ସୂଚନା ପାଇବା ଲାଗି ବର୍ତ୍ତମାନ ସୁଦ୍ଧା କୌଣସି ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ହୋଇପାରି ନାହିଁ । ତେଣୁ ଭୂମିକମ୍ପ ଏବଂ ଏହି କାରଣରୁ ସମୁଦ୍ର ଉପକୂଳରେ ଆସୁଥିବା ସୁନାମୀ ଯୋଗୁଁ ଧନଜୀବନ କ୍ଷତି ବଢ଼ିବାରେ ଲାଗିଛି । ପ୍ରକୃତିର ଏହି ପ୍ରକୋପ ସଂପର୍କରେ ସ୍ୱତନ୍ତ୍ର ବିଶ୍ଳେଷଣ ।**

### ଜାପାନୀ ଶବ୍ଦ ସୁନାମୀ

ସୁନାମୀ ହେଉଛି ବିଶ୍ୱର ଅନ୍ୟତମ ବିଧ୍ୱଂସକାରୀ ପ୍ରାକୃତିକ ବିପର୍ଯ୍ୟୟ । ଏହା ଏକ ଜାପାନୀ ଶବ୍ଦ । ଏହା ସମୁଦ୍ର ତଥା ମହାସାଗରରେ ଦେଖିବାକୁ ମିଳିଥାଏ । ଅତ୍ୟଧିକ ଦୀର୍ଘ ତଥା ଲମ୍ବା ସାମୁଦ୍ରିକ ତରଙ୍ଗର ଶୃଙ୍ଖଳାକୁ ସୁନାମୀ କୁହାଯାଇଥାଏ । ଭୂକମ୍ପ କିମ୍ବା ଆଗ୍ନେୟଗିରି ତଥା ଜ୍ୱାଳାମୁଖୀ ବିସ୍ଫୋରଣରେ ମହାସାଗରରେ ବୃହତ୍ ଓ ଅଚାନକ ବିସ୍ଥାପନ ଯୋଗୁଁ ଜଳର ଦୀର୍ଘ ତରଙ୍ଗ ସୃଷ୍ଟି ହୋଇଥାଏ । ଏହାକୁ ଭୂକମ୍ପଜନିତ ସମୁଦ୍ର ଲହଡି ମଧ୍ୟ କୁହାଯାଇଥାଏ । ସୁନାମୀକୁ ସବୁଠାରୁ ଭୟଙ୍କର, ଶକ୍ତିଶାଳୀ ତଥା ବିନାଶକାରୀ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଗଣିତ ହୋଇଥାଏ ।

ମହାସାଗର ଭିତରେ ଭୂକମ୍ପ ଯୋଗୁଁ ବହୁ ପରିମାଣରେ ଜଳ ବିସ୍ଥାପନ ହେବାରୁ ସୁନାମୀ ହୋଇଥାଏ । ଭୂକମ୍ପକୁ ବାଦ୍ ଦେଲେ ଆଗ୍ନେୟଗିରି ବିସ୍ଫୋରଣ, ଭୂସ୍ଖଳନ ଏବଂ ପୃଥିବୀ ଉପରେ ଗ୍ରହାଣୁ ତଥା ଧୂମକେତୁ ମାଡ଼ ହେବା ଫଳରେ ମଧ୍ୟ ସୁନାମୀ ସୃଷ୍ଟି ହୋଇଥାଏ । ସୁନାମୀର ମୁଖ୍ୟ କାରଣଗୁଡିକ ବିଷୟରେ ନିମ୍ନରେ ସମ୍ୟକ ସୂଚନା ପ୍ରଦାନ କରାଗଲା..

#### ଭୂକମ୍ପ

ଭୂକମ୍ପ ଯୋଗୁଁ ଅଧିକାଂଶ ସୁନାମୀ ଆସିଥାଏ । ପୃଥିବୀର ଟେକ୍ଟୋନିକ ପ୍ଲେଟ ବାଉଣ୍ଡାରୀରେ ସଂଘର୍ଷ ଯୋଗୁଁ ହିଁ ଭୂକମ୍ପ ସୃଷ୍ଟି ହୋଇଥାଏ । ଏହା ଯୋଗୁଁ ହେଉଥିବା ଭୂକମ୍ପଗୁଡିକ ୭.୦ ତୀବ୍ରତାଠାରୁ ଅଧିକ । ଏହାଦ୍ୱାର ସମୁଦ୍ର ତଳେ ଜଳ ସ୍ତର ଉପରକୁ ସିଧା ଉଠି ଆସିଥାଏ । ଏହା ଦ୍ୱାରା ବହୁ ପରିମାଣରେ ଜଳ ବିସ୍ଥାପନ ହୋଇଥାଏ । ଫଳରେ ଦୀର୍ଘ ଓ ଉଚ୍ଚ ଲହଡି ସୃଷ୍ଟି ହୋଇଥାଏ । ତେବେ ସବୁ ଭୂକମ୍ପ ସୁନାମୀ ସୃଷ୍ଟି କରି ନଥାଏ । କେବଳ ସମୁଦ୍ର ତଳରେ ୭.୦ କିମ୍ବା ତା'ଠାରୁ ଅଧିକ ତୀବ୍ର ଭୂକମ୍ପ ହେଲେ ସୁନାମୀ ଆସିଥାଏ ।

#### ଆଗ୍ନେୟଗିରି ବିସ୍ଫୋରଣ

ଆଗ୍ନେୟଗିରି ବିସ୍ଫୋରଣ ତଥା ଆଗ୍ନେୟ ଉଦ୍‌ଗିରଣ ଯୋଗୁଁ ମଧ୍ୟ ସୁନାମୀ ସୃଷ୍ଟି ହୋଇଥାଏ । ତେବେ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଆଗ୍ନେୟ ଉଦ୍‌ଗିରଣ ହେଲେ ବହୁ ପରିମାଣରେ ଜଳ ବିସ୍ଥାପିତ ହୋଇଥାଏ । କାରଣ ଆଗ୍ନେୟ ଉଦ୍‌ଗିରଣ କାରଣରୁ ବହୁ ପରିମାଣରେ ପଥର ଓ ପାଉଁଶ ସମୁଦ୍ରରେ ପଡ଼ିବା ଫଳରେ ଜଳ ବିସ୍ଥାପନ ହୋଇ ସୁନାମୀ ସୃଷ୍ଟି ହୋଇଥାଏ । ଉଦାହରଣ ସ୍ୱରୂପ ୧୯୮୮ରେ ପାପୁଆ ନ୍ୟୁଗିନିରେ ଆଗ୍ନେୟ ଉଦ୍‌ଗିରଣ ଯୋଗୁଁ ସୁନାମୀ ଆସିଥିଲା ଓ ଏଥିରେ ବହୁ ଧନଜୀବନ ହାନି ହୋଇଥିଲା ।

### କାହିଁକି ହୁଏ ସୁନାମୀ

#### ଭୂସ୍ଖଳନ

ଉପକୂଳବର୍ତ୍ତୀ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ମଧ୍ୟ ସମୁଦ୍ରରେ ବହୁ ପରିମାଣରେ ଜଳ ବିସ୍ଥାପିତ ହେବା ଫଳରେ ସୁନାମୀ ଆସିଥାଏ । ଅବଶ୍ୟ ଏହି ଭୂସ୍ଖଳନ ଭୂକମ୍ପ କିମ୍ବା ଭୂଗର୍ଭୀୟ ଗତିବିଧି କାରଣରୁ ସୃଷ୍ଟି ହୋଇଥାଏ । ଭୂସ୍ଖଳନ ଯୋଗୁଁ ବହୁ ପରିମାଣରେ ମାଟି କିମ୍ବା ପଥର ସମୁଦ୍ରରେ ପଡ଼ିବା ଯୋଗୁଁ ଏପରି ହୋଇଥାଏ ।

#### ଅନ୍ୟ ସମ୍ଭାବ୍ୟ କାରଣ

ଅନ୍ୟ କାରଣ ଯୋଗୁଁ ମଧ୍ୟ ସୁନାମୀ ହୋଇଥାଏ । ସମୁଦ୍ରରେ ଉଲ୍‌କା ପିଣ୍ଡ କିମ୍ବା ଗ୍ରହାଣୁ ପୁଞ୍ଜ ମାଡ ହେଲେ ମଧ୍ୟ ବହୁ ପରିମାଣରେ ଜଳ ବିସ୍ଥାପନ ହୋଇ ସୁନାମୀ ଆସିଥାଏ । ସେହିପରି ସମୁଦ୍ର ଉପକୂଳରେ ବିସ୍ଫାରଣ ଜନିତ ପରୀକ୍ଷା ମଧ୍ୟ ସୁନାମୀ ସୃଷ୍ଟି କରିଥାଏ । ଉଦାହରଣ ସ୍ୱରୂପ ସମୁଦ୍ରରେ ଆଣବିକ ପରୀକ୍ଷଣ କରାଗଲେ ମଧ୍ୟ ସୁନାମୀ ଆସିବାର ଆଶଙ୍କା ରହିଥାଏ । ସେହିପରି ହିମସ୍ଖଳନ କାରଣରୁ ବଡ଼ ବଡ଼ ବରଫ ଖଣ୍ଡ ସମୁଦ୍ରରେ ପଡ଼ିଲେ ସୁନାମୀ ଭଳି ବିପର୍ଯ୍ୟୟ ସୃଷ୍ଟି ହୋଇଥାଏ ।

#### ଭାରତରେ ଅତିକମ୍‌ରେ ୮ ସୁନାମୀ ଆସିଛି

୧୭୬୨ ପରେ ଭାରତ ଅତିକମ୍‌ରେ ୮ଥର ସୁନାମୀ ଆସିଛି । ୧୭୬୨ରେ ଆଣ୍ଡାମାନ ନିକୋବର ଦୀପପୁଞ୍ଜ ଓ ବଙ୍ଗୋପ ସାଗରେରେ ଭୂମକମ୍ପ କାରଣରୁ ଭାରତରେ ସୁନାମୀ ଆସିଥିଲା । ତେବେ ୨୦୦୪ରେ ଆସିଥିବା ସୁନାମୀ ସବୁଠାରୁ ବୃହତ୍ ତଥା ବିଧ୍ୱଂସକାରୀ ଥିଲା । ଆଣ୍ଡାମାନ ନିକୋବର ଦୀପପୁଞ୍ଜ ସମେତ ଦକ୍ଷିଣ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ଏହା ଦ୍ୱାରା ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା । ଏଥିରେ ୧୦, ୭୪୯ ଲୋକ ପ୍ରାଣ ହରାଇଥିଲେ ଓ ୫, ୬୪୦ ନିଖୋଜ ହୋଇଥିଲେ । ଏହାପୂର୍ବରୁ ୧୮୮୧ ଓ ୧୯୪୧ରେ ବଙ୍ଗୋପସାଗରେ ଭୂକମ୍ପ କାରଣରୁ ମଧ୍ୟ ଭାରତରେ ସୁନାମୀ ପରିଲକ୍ଷିତ ହୋଇଥିଲା । ସେହିପରି ୧୯୪୧ରେ ଆଣ୍ଡାମାନ ଦୀପପୁଞ୍ଜରେ ଭୂକମ୍ପ କାରଣରୁ ମଧ୍ୟ ସୁନାମୀ ଆସିଥିଲା ।

## ବିଶ୍ୱର ସବୁଠାରୁ ବୃହତ୍ ତଥା ବିଧ୍ୱଂସକାରୀ ୫ ସୁନାମୀ

**ଭାରତୀୟ ମହାସାଗରରେ ଭୂକମ୍ପ ଓ ସୁନାମୀ**
ତାରିଖ: ୧୬ ଡିସେମ୍ବର ୨୦୦୪
ତୀବ୍ରତା: ୯.୧ - ସମୁଦ୍ର ଢେଉ ଉଚ୍ଚତା ୧୫୦ ଫୁଟ୍
୧୩ ଦେଶ କ୍ଷତିଗ୍ରସ୍ତ , ମୃତ୍ୟୁସଂଖ୍ୟା ୨ ଲକ୍ଷ ୩୦ ହଜାର




**ୟୁରୋପର ଲିସ୍‌ବନ ଭୂକମ୍ପ ଓ ସୁନାମୀ**
ତାରିଖ: ୧ ନଭେମ୍ବର ୧୭୫୫
ତୀବ୍ରତା: ୮.୫ - ସମୁଦ୍ର ଢେଉ ଉଚ୍ଚତା ୫୦ ଫୁଟ୍
ମୃତ୍ୟୁସଂଖ୍ୟା: ୬୦ ହଜାରରୁ ଏକ ଲକ୍ଷ

**ଇଣ୍ଡୋନେସିଆର କ୍ରକାତାଉ ଆଗ୍ନୟଗିରି ବିସ୍ଫୋରଣ ଓ ସୁନାମୀ**
ତାରିଖ: ୨୭ ଅଗଷ୍ଟ ୧୮୮୩
ସମୁଦ୍ର ଢେଉ ଉଚ୍ଚତା ୧୦୦ ଫୁଟ୍
ମୃତ୍ୟୁସଂଖ୍ୟା: ୩୬ ହଜାର



**ଆଫ୍ରିକା ଭୂକମ୍ପ ଓ ସୁନାମୀ**
ତାରିଖ: ୧୩ ଅଗଷ୍ଟ ୧୮୬୮
ତୀବ୍ରତା: ୮.୫ - ସମୁଦ୍ର ଢେଉ ଉଚ୍ଚତା ୯୦ ଫୁଟ୍
ମୃତ୍ୟୁସଂଖ୍ୟା: ୨୫ ହଜାର

**ଜାପାନର ତୋହୋକୁ ଭୂକମ୍ପ ଓ ସୁନାମୀ**
ତାରିଖ : ୧୧ ମାର୍ଚ୍ଚ ୨୦୧୧
ତୀବ୍ରତା: ୯.୧ - ସମୁଦ୍ର ଢେଉ ଉଚ୍ଚତା ୧୩୦ ଫୁଟ୍
ମୃତ୍ୟୁସଂଖ୍ୟା: ୧୫ ହଜାର ୫୫୦

## ବିଶ୍ୱର ୭ ବିଧ୍ୱଂସକ ଭୂକମ୍ପ

**୧୯୬୦ ମେ' ୨୨ (ଚିଲି):** ବିଶ୍ୱର ସବୁଠୁ ଭୟଙ୍କର ଭୂକମ୍ପ ଚିଲିରେ ହୋଇଥିଲା । ଏହି ଦିନ ୯.୫ ତୀବ୍ରତାରେ ଚିଲି ଦୋହଲି ଯାଇଥିଲା । ଏହାକୁ 'ଗ୍ରେଟ୍ ଚିଲିଆନ' କିମ୍ବା ଭାଲଡିଭିଆ ଭୂକମ୍ପ କୁହାଯାଏ । ଏହି ପ୍ରଳୟଙ୍କାରୀ ଭୂକମ୍ପ ୧୬୫୫ ଜଣଙ୍କ ଜୀବନ ନେଇଥିଲା । ୨ ନିୟୁତ ଲୋକଙ୍କୁ ବାସଚ୍ୟୁତ କରିଦେଇଥିଲା । ଏହା ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିଥିଲା । ଏହା ଚିଲି ଏବଂ ଜାପାନରେ ସୁନାମୀ ଆଣିଥିଲା ।

**୧୯୬୪ ମାର୍ଚ୍ଚ ୨୭(ଆଲାସ୍କା):** ଆମେରିକାର ଆଲାସ୍କାରେ ଏହି ଦିନ ଦ୍ୱିତୀୟ ବୃହତ୍ତମ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା । ୯.୨ ତୀବ୍ରତାର ଏହି ଭୂକମ୍ପକୁ 'ଗୁଡ୍ ଫ୍ରାଇଡେ' କିମ୍ବା ୱିଲିୟମ ସାଉଣ୍ଡ ଆର୍ଥକ୍ୱେକ କୁହାଯାଇଥିଲା । ଏହା ୧୩୧ ଜଣଙ୍କ ଜୀବନ ନେଇଥିଲା । ବିପର୍ଯ୍ୟୟ ସୃଷ୍ଟି କରି ଭୂସ୍ଖଳନ ଆଣିଥିଲା । ୨୦୦ ଫୁଟ ଉଚ୍ଚତାର ସୁନାମୀ ଆସିଥିଲା । ଏଥିଯୋଗୁଁ ୨.୩ ବିଲିୟନ ଡଲାରର ସମ୍ପତ୍ତି କ୍ଷୟକ୍ଷତି ହୋଇଥିଲା ।

**୨୦୦୪ ଡିସେମ୍ବର ୨୬(ସୁମାତ୍ରା):** ଇଣ୍ଡୋନେସିଆର ସବୁଠୁ ବଡ଼ ଭୂକମ୍ପ ଏହି ଦିନ ଆସିଥିଲା । ୯.୧ ତୀବ୍ରତାର ଏହି ପ୍ରାକୃତିକ ବିପର୍ଯ୍ୟୟ ୧୪ ଦେଶରେ ୨ ଲକ୍ଷ ୩୦ ହଜାର ଲୋକଙ୍କ ଜୀବନ ନେଇଥିଲା । ଏହି ଭୂକମ୍ପ ଯୋଗୁଁ ଆସିଥିବା ବିରାଟ ସୁନାମୀ ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆର ଉପକୂଳକୁ ଧ୍ୱଂସ କରିଦେଇଥିଲା ।

**୨୦୧୧ ମାର୍ଚ୍ଚ ୧୧(ଜାପାନ):** ଏହି ମସିହାରେ ଜାପାନ ସମୁଦ୍ର ଭିତରେ ସୃଷ୍ଟି ୯.୧ ତୀବ୍ରତାର ଭୂକମ୍ପ ୨୦ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା । ଏଥିଯୋଗୁଁ ଭୟଙ୍କର ସୁନାମୀ ଆସିଥିଲା । ଏହା ଫୁକୁସିମା ପରମାଣୁ କେନ୍ଦ୍ରକୁ ଧ୍ୱଂସସ୍ତୁପରେ ପରିଣତ କରି ଦେଇଥିଲା । ୧୩୦ ଫୁଟର ସୁନାମୀ ୬ ମାଇଲ ଭିତରକୁ ମାଡ଼ି ଆସିଥିଲା । ୨୩୫ ବିଲିୟନ ଡଲାରର କ୍ଷୟକ୍ଷତି ଘଟାଇ ଥିବା ଏହି ଭୂକମ୍ପ ଜାପାନର ବିପର୍ଯ୍ୟୟ ପ୍ରତିକ୍ରିୟା ବ୍ୟବସ୍ଥାକୁ ନୂଆ ରୂପ ଦେଇଥିଲା ।

**୧୯୫୨ ନଭେମ୍ବର ୪ (ରୁଷ୍):** ଏହି ବର୍ଷ ରୁଷିଆର କାମଚଟ୍‌କା ପ୍ରାୟଦ୍ୱୀପରେ ୯.୦ ତୀବ୍ରତାର ଭୂକମ୍ପ ଆସିଥିଲା । ତେବେ ଏହି ଅଞ୍ଚଳରେ ବହୁତ କମ୍ ଲୋକ ରହୁଥିବାରୁ ସେତେ କ୍ଷୟକ୍ଷତି ହୋଇ ନ ଥିଲା । ଏହାର ପ୍ରଭାବରେ ୫୦ ଫୁଟର ସୁନାମୀ ଆସିଥିଲା । ଏହା ଚିଲି, ନ୍ୟୁଜିଲାଣ୍ଡ ଏବଂ ଜାପାନକୁ ପ୍ରଭାବିତ କରିଥିଲା ।

**୨୦୧୦ ଫେବୃଆରୀ ୨୭ (ଚିଲି):** ଏହି ଦିନ ଆସିଥିବା ୮.୮ ତୀବ୍ରତାର ଭୂକମ୍ପରେ ଚିଲିର ୮୦ ପ୍ରତିଶତ ଲୋକ ପ୍ରଭାବିତ ହୋଇଥିଲେ । ଏହି ଭୂକମ୍ପ ୫୨୩ ଜଣଙ୍କ ଜୀବନ ନେଇଥିଲା । ୩ ଲକ୍ଷ ୭୦ ହଜାର ଘରକୁ ଧ୍ୱଂସ କରିଦେଇଥିଲା । ଏଥିଯୋଗୁଁ ଆସିଥିବା ସୁନାମୀ ଦ୍ୱାରା ରାଜଧାନୀ ୨୮ ସେମି ପଛକୁ ପଳାଇ ଥିଲା ବୋଲି ଗବେଷକମାନେ କହିଥିଲେ ।

**୧୯୦୬ ଜାନୁଆରୀ ୩୧ (ଇକ୍ୱେଡର):** ଏହି ଦିନ ଆସିଥିବା ୮.୮ ତୀବ୍ରତାର ଭୂକମ୍ପକୁ ଇକ୍ୱେଡର-କଲମ୍ବିଆ ଆର୍ଥକ୍ୱେକ କୁହାଯାଏ । ଏହାର ପ୍ରଭାବରେ ସୃଷ୍ଟି ହୋଇଥିବା ସୁନାମୀ ଯୋଗୁଁ ୧୫୦୦ ଜଣଙ୍କ ଜୀବନ ଯାଇଥିଲା । ଏହା ଆମେରିକାର ସାନ୍ ଫ୍ରାନ୍ସିସ୍‌କୁ ବ୍ୟାପି ଯାଇ ଅଶେଷ କ୍ଷୟକ୍ଷତି ଘଟାଇଥିଲା ।

## ଭାରତୀୟ ମହାସାଗରରେ ସବୁଠୁ ଭୟଙ୍କର ଭୂକମ୍ପ ଓ ସୁନାମୀ

ଡିସେମ୍ବର ୨୬, ୨୦୦୪ । ଏହି ଦିନ ବିଶ୍ୱର ସବୁଠାରୁ ଭୟଙ୍କର ଭୂମିକମ୍ପ ଏବଂ ସୁନାମୀର ତାଣ୍ଡବ ଭାରତ ସମେତ ୧୩ଟି ଦେଶରେ ଦେଖିବାକୁ ମିଳିଥିଲା । ଭାରତ ସମେତ ଇଣ୍ଡୋନେସିଆ, ଶ୍ରୀଲଙ୍କା ଓ ଥାଇଲାଣ୍ଡ ସବୁଠାରୁ ବେଶୀ ପ୍ରଭାବିତ ହୋଇଥିଲା । ସେହିପରି ମାଳଦୀପ, ମ୍ୟାଁନମାର, ମାଲେସିଆ, ସୋମାଲିଆ, ସିଚେଲେସ୍, ବାଂଲାଦେଶ, ସିଙ୍ଗାପୁରୁ, କେନିଆ, ତାଞ୍ଜାନିଆ ଓ ମାଡାଗାସ୍କର ଭଳି ଦେଶ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିଲା । ଇଣ୍ଡୋନେସିଆ ଓ ସୁମାତ୍ରା ଉପକୂଳରେ ଏକ ବଡ଼ଧରଣର ଭୂକମ୍ପ (୯.୧ ତ୍ରୀବ୍ରତା) ଆସିବା ଫଳରେ ସାରା ଭାରତୀୟ ମହାସାଗରରେ ଏହି ଭୟଙ୍କର ସୁନାମୀ ସୃଷ୍ଟି ହୋଇଥିଲା । ୮୦୦ ମାଇଲ ଲମ୍ବର ସୁନାମୀ ପ୍ରାୟ ସବୁ ଦିଗକୁ ପରିବ୍ୟାପ୍ତ ହୋଇଥିଲା । ଏହା ଦ୍ୱାରା ଅସମ୍ଭବ କ୍ଷୟକ୍ଷତି ହୋଇଥିଲା । ଦୁଇ ଲକ୍ଷ ୨୭ ହଜାର ଲୋକ ମୃତ୍ୟୁବରଣ କରିଥିଲେ ଏବଂ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ବାସସ୍ଥାନ ହରାଇଥିଲେ ।

### ପ୍ରଭାବିତ ଦେଶ

**ଇଣ୍ଡୋନେସିଆ:** ଏହି ଦେଶର ଆସେହ ରାଜ୍ୟ ସବୁଠାରୁ କ୍ଷତିଗ୍ରସ୍ତ ହୋଇଥିଲା ଓ ଏଠାରେ ସର୍ବାଧିକ ସଂଖ୍ୟକ(୨ ଲକ୍ଷରୁ ଉର୍ଦ୍ଧ୍ୱ) ଲୋକ ମୃତାହତ ହୋଇଥିଲେ । ବହୁ କୋଠା ମଧ୍ୟ ଧ୍ୱଂସସ୍ତୁପରେ ପରିଣତ ହୋଇଥିଲା ।

**ଶ୍ରୀଲଙ୍କା:** ୧୦ ହଜାର ଲୋକ ପ୍ରାଣ ହରାଇଥିଲେ ଓ ଦେଶର ଭିତ୍ତିଭୂମି ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଥିଲା ।

**ଭାରତ:** ଭାରତର ଆଣ୍ଡାମାନ ନିକୋବର ଦୀପପୁଞ୍ଜ ଏବଂ ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ ଉପକୂଳ ଏହି ସୁନାମୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା । ଭାରତରେ ୧୧ ହଜାର ଲୋକ ପ୍ରାଣ ହରାଇଥିବା ବେଳେ ୫ ହଜାରରୁ ଅଧିକ ଲୋକ ନିଖୋଜ ହୋଇଥିଲେ ।

**ଥାଇଲାଣ୍ଡ:** ଉପକୂଳବର୍ତ୍ତୀ ଅଞ୍ଚଳ ଖାସ୍ କରି ଦକ୍ଷିଣ ଥାଇଲାଣ୍ଡରେ ଏହାର ଅଧିକ ପ୍ରଭାବ ଥିଲା ଓ ବହୁ ସଂଖ୍ୟାରେ ଲୋକ ମୃତାହତ ହେବା ସହ ପ୍ରଭୁତ କ୍ଷୟକ୍ଷତି ଦେଖିବାକୁ ମିଳିଥିଲା ।

**ମାଳଦୀପ:** ମାଳଦୀପ ସମୁଦ୍ର ପତ୍ତନଠାରୁ ମାତ୍ର ଅଳ୍ପ କେତେ ଫୁଟ୍ ଉଚ୍ଚରେ ଅବସ୍ଥିତ । ତେଣୁ ଏଠାରେ ଶହଶହ ଲୋକ ମୃତ୍ୟୁବରଣ କରିଥିବା ବେଳେ ବହୁତ କ୍ଷୟକ୍ଷତି ମଧ୍ୟ ହୋଇଥିଲା ।

**ମିଆଁମାର:** ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ସର୍ବାଧିକ ପ୍ରଭାବିତ ହୋଇଥିଲା ।

**ମାଲେସିଆ:** ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମୀର ପ୍ରଭାବ ଦେଖିବାକୁ ମିଳିଥିଲା ।

**ସୋମାଲିଆ:** ଆଫ୍ରିକାର ଏହି ପୂର୍ବ ଉପକୂଳବର୍ତ୍ତୀ ଦେଶ ମଧ୍ୟ ସୁନାମୀ ଦ୍ୱାରା ପ୍ରଭାବିତ ହୋଇଥିଲା ।

**ସେଚେଲେସ:** ଏହି ଦୀପରେ ସୁନାମୀର ହାଲକା ପ୍ରଭାବ ଦେଖିବାକୁ ମିଳିଥିଲା ।

**ବାଂଲାଦେଶ:** ବାଂଲାଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଥିଲା ।

**ସିଙ୍ଗାପୁର:** ଏହି ଦୀପଦେଶରେ ସୁନାମୀ କାରଣରୁ ଆଂଶିକ କ୍ଷତି ଦେଖିବାକୁ ମିଳିଥିଲା ।

**କେନିଆ:** ଏହି ପୂର୍ବ ଆଫ୍ରିକୀୟ ଦେଶ ମଧ୍ୟ ସୁନାମୀ ଦ୍ୱାରା ପ୍ରଭାବିତ ହୋଇଥିଲା ।

**ତାଞ୍ଜାନିଆ:** ପୂର୍ବ ଆଫ୍ରିକୀୟ ଦେଶ ତାଞ୍ଜାନିଆରେ ମଧ୍ୟ ସାମାନ୍ୟ କ୍ଷୟକ୍ଷତି ଦେଖିବାକୁ ମିଳିଥିଲା ।

**ମାଡାଗାସ୍କାର:** ଆଫ୍ରିକା ମହାଦେଶର ପୂର୍ବ ଉପକୂଳରେ ଅବସ୍ଥିତ ଏହି ଦେଶରେ ସୁନାମୀର ହାଲ୍‌କା ପ୍ରଭାବ ଦେଖିବାକୁ ମିଳିଥିଲା ।

## କାଗଜକଲମରେ ମାଇକ୍ରୋ ଜୋନ୍ ସର୍ଭେ | ଓଡ଼ିଶା ପାଇଁ ବଢୁଛି ବିପଦ

ଭୁବନେଶ୍ୱର,୩୦।୭ (ପ୍ରଦୀପ ଭାରତୀ):

ଋଷରେ କାମଚଟ୍‌କା ଉପଦ୍ୱୀପରେ ଶକ୍ତିଶାଳୀ ଭୂକମ୍ପ ପରେ ଜାପାନ ଓ ଋଷରେ ଜାରି ହୋଇଛି ସୁନାମୀ ଆଲର୍ଟ । ଏହି ଦୁଇ ଦେଶ ସମେତ ପ୍ରଶାନ୍ତ ମହାସାଗର କୂଳରେ ଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଭୟଭୀତ ଅବସ୍ଥାରେ ରହିଛନ୍ତି । ନିୟମିତ ବ୍ୟବଧାନରେ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଭୂକମ୍ପ ଓ ସୁନାମୀ ଦ୍ୱାରା ଗୁରୁତର କ୍ଷତିଗ୍ରସ୍ତ ହେଉଥିବା ବେଳେ ଓଡ଼ିଶାବାସୀଙ୍କ ମନରେ ଏବେ ଭୟ ବଢ଼ିବାରେ ଲାଗିଛି । ବଙ୍ଗୋପସାଗର କୂଳରେ ଥିବା ଓଡ଼ିଶାର ଏକାଧିକ ଜିଲ୍ଲା ଭୂକମ୍ପ ପ୍ରବଣ ବୋଲି ପୂର୍ବରୁ ରିପୋର୍ଟ ଆସିଛି । ନିକଟ ଅତୀତରେ ଓଡ଼ିଶା ବଡ଼ ଭୂକମ୍ପର ସମ୍ମୁଖୀନ ହୋଇନାହିଁ, ତଥାପି ଗଲା କିଛି ବର୍ଷ ହେବ ନିୟମିତ ଭାବେ ରାଜ୍ୟରେ ଭୂକମ୍ପ ଝଟ୍‌କା ଅନୁଭୂତ ହେଉଛି । ବେଳେ ବେଳେ ଭୂକମ୍ପର କେନ୍ଦ୍ରସ୍ଥଳ ବଙ୍ଗୋପସାଗର ରହୁଥିବାରୁ ସୁନାମୀ ଭଳି ଆଶଙ୍କା ମଧ୍ୟ ବହୁ ଗୁଣାରେ ବଢ଼ିଯାଉଛି । ଗତ ଫେବ୍ରୁଆରୀ ବଙ୍ଗୋପସାଗର ମଧ୍ୟରେ ୫.୧ ତୀବ୍ରତା ବିଶିଷ୍ଟ ଏକ ଭୂକମ୍ପ ଅନୁଭୂତ ହୋଇଥିଲା । ଏଥିପାଇଁ ପୁରୀ, ଭୁବନେଶ୍ୱର, ପାରାଦୀପ, ଜଗତସିଂହପୁର, କେନ୍ଦ୍ରାପଡ଼ା, ବାରିପଦା, ବାଲେଶ୍ୱର ସମେତ ପଶ୍ଚିମବଙ୍ଗର ମଧ୍ୟ ଏକାଧିକ ସହରରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା । ପୁରୀଠାରୁ ୨୮୬ କିଲୋମିଟର ପୂର୍ବ, ଭୁବନେଶ୍ୱରର ୨୯୭ କିମି ପୂର୍ବ-ଦକ୍ଷିଣ ପୂର୍ବରେ ଓ ବ୍ରହ୍ମପୁରର ପୂର୍ବରେ ୩୯୪ କିମି ଦୂରରେ ସମୁଦ୍ର ଭିତରେ ଭୂମିକମ୍ପର ଉତ୍ପତ୍ତି ସ୍ଥଳ ରହିଥିଲା । ବଙ୍ଗୋପସାଗରରେ ୯୧ କିମି ଗଭୀରତା ମଧ୍ୟରେ ଏହା ଅନୁଭୂତ ହୋଇଥିବା ବେଳେ ଯଦି ଗଭୀରତା କମ୍ ହୋଇଥାନ୍ତା, ତେବେ ନିଶ୍ଚିତ କ୍ଷୟକ୍ଷତି ଘଟାଇବାର ଆଶଙ୍କା ଥିଲା । ସମାନ ଭାବେ ୨୦୧୪ ମେ' ୨୧ ତାରିଖରେ କୋଣାର୍କଠାରୁ ୨୭୬ କିମି ଦୂରରେ ବଙ୍ଗୋପସାଗର ମଧ୍ୟରେ ୬.୧ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ଏହି ଭୂକମ୍ପର କେନ୍ଦ୍ରସ୍ଥଳ ମାତ୍ର ୪୭ କିମି ଗଭୀର ରହିଥିବାରୁ ସେତେବେଳେ ରାଜ୍ୟର ବହୁ ସ୍ଥାନରେ ବଡ଼ ଧରଣର ଝଟ୍‌କା ଅନୁଭୂତ ହୋଇଥିଲା । ବଙ୍ଗୋପସାଗରରେ ୧୦ ବର୍ଷ ମଧ୍ୟରେ ୨ ଥର ଭୂକମ୍ପ ଅନୁଭୂତ ହୋଇଥିବାରୁ ଏହାକୁ ବିଶେଷଜ୍ଞମାନେ ସମାନ୍ୟ ବୋଲି ଗ୍ରହଣ କରୁ ନାହାନ୍ତି ।

୨୦୧୪ ଭୂକମ୍ପ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀ-କୋଣାର୍କ ପାଇଁ ଭୂତତ୍ତ୍ୱଭିତ୍ତିକ ମାଇକ୍ରୋ ଜୋନ୍ ସର୍ଭେ କରିବାକୁ ନିଷ୍ପତ୍ତି ନେଇଥିଲେ । ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାମ କେତେବାଟ ଆଗେଇଛି, ସେନେଇ କୌଣସି ସୂଚନା ନାହିଁ । ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ହେବାକୁ ଥିବା ଏହି ମାଇକ୍ରୋଜୋନ୍ ସର୍ଭେ ପାଇଁ ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ (ଜିଏସଆଇ) ପକ୍ଷରୁ ସହଯୋଗ କରାଯିବାର ଥିଲା । ଏଥିରେ ପୁରୀ-କୋଣାର୍କରେ ମାଟି ତଳେ କେଉଁ ସ୍ଥାନରେ କେଉଁ ସ୍ଥିତି ଅଛି, କେଉଁଠାରେ ମାଟିତଳ ଦୁର୍ବଳ ଅବସ୍ଥାରେ ରହିଛି, ଫାଟ ରହିଛି ତାହା ଚିହ୍ନଟ ହୋଇଥାନ୍ତା । ମାତ୍ର ଏ ସବୁ କାଗଜ କଲମରେ ସୀମିତ ରହି ଯାଇଛି ।

ଅନ୍ୟପଟେ ପୁରୀ ନିକଟବର୍ତ୍ତୀ ବଙ୍ଗୋପସାଗରରେ ବହୁ ପ୍ରାଚୀନ ଦୁଇଟି ଫାଟ ରହିଛି । ବାରମ୍ବାର ଏଠାରେ ଭୂକମ୍ପ ସୃଷ୍ଟି ହେବା ଓ ଏହାର ତୀବ୍ରତା ବୃଦ୍ଧି ପାଉଥିବାରୁ ତୁରନ୍ତ ଏହା ଉପରେ ଗବେଷଣାର ଆବଶ୍ୟକତା ରହିଥିବା ନେଇ ଭୂତତ୍ତ୍ୱବିତ୍‌ମାନେ ଦାବି କରିଛନ୍ତି । ଭୂତତ୍ତ୍ୱବିତ ତଥା ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ, ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ନୁହେଁ; ଉପକୂଳ ଅଞ୍ଚଳ ଗୁଡ଼ିକ ଅନ୍ୟ ଅଞ୍ଚଳ ଚାପ ଓ ପ୍ଲେଟ୍ ଗତି ଦ୍ୱାରା ପ୍ରଭାବିତ ହୋଇପାରେ । ସେଥିପାଇଁ ଅଗ୍ରୀମ ପ୍ରସ୍ତୁତି, ନୀତିଗତ ଉପାୟ, ଓ ସାଧାରଣ ଲୋକଙ୍କ ସଚେତନତା ଅତ୍ୟାବଶ୍ୟକତା ବଢ଼ିଯାଇଛି । ଏହାକୁ ଗୁରୁତର ସହ ନେବା ଉଚିତ ବୋଲି ପ୍ରଫେସର ମିଶ୍ର କହିଛନ୍ତି ।



# ଭୂତ ପାଇଁ ଗୀତ

ଫିଲ୍ମ 'ରକ୍ତ ଗୋଲାପ' ହେଉ କି 'ରଜନୀଗନ୍ଧା' ଏଥିରେ ସ୍ଥାନିତ ହୋଇଥିବା ଭୂତ ଗୀତ ଦର୍ଶକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଥିଲା। ଦୀର୍ଘ ଦିନ ପରେ ପୁଣି ସେମିତି ଏକ ଗୀତ ଦେଖିବାକୁ ମିଳିବ 'ମିଡ୍ ନାଇଟ୍' ଚଳଚ୍ଚିତ୍ରରେ। ୩.୫ ମିନିଟ୍ ଅବଧି ବିଶିଷ୍ଟ ଏହି ଗୀତଟି ଅଭିନେତା ମନୁ ଦ୍ୱିବେଦୀ, ଅଭିନେତ୍ରୀ ପ୍ରିୟଙ୍କା ପାଣିଗ୍ରାହୀ, ଡାଏନା, ପ୍ରିୟା ଓ ଆଲିୟାଙ୍କ ଉପରେ ଦୃଶ୍ୟାୟିତ ହୋଇଛି। 'ମାୟାବିନୀ ଏ ଅନ୍ଧାର ରାତି...' ଶୀର୍ଷକ ଏହି ଗୀତଟିକୁ ରଚନା କରିଛନ୍ତି ଡ. ନିର୍ମଳ ନାୟକ। ଏଥିରେ କଣ୍ଠଦାନ କରିଛନ୍ତି ଲୋକପ୍ରିୟ ଗାୟିକା ଅସୀମା ପଣ୍ଡା। ଗୀତର ପୃଷ୍ଠଭୂମି ଯେପରି ଭୟାନକ, ସ୍ୱର ସଂଯୋଜନା ବି ସେପରି ଲୋମହର୍ଷଣକାରୀ। ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ ଏଥିରେ ଏପରି ଏକ ସିଗ୍ନେଚର୍ ଗୀଟାର ପିସ୍ ବ୍ୟବହାର କରିଛନ୍ତି, ଯାହା ଦର୍ଶକଙ୍କ ମନକୁ ବାରମ୍ବାର ଆନ୍ଦୋଳିତ କରିବ। ରୋଚକ କଥାଟି ହେଉଛି, ଗୋଟିଏ ଅଶରୀରୀ ଆତ୍ମା ଏହି ଗୀତ ଜରିଆରେ ନିଜର ହତ୍ୟା ସମ୍ପର୍କରେ ସୂଚନା ଦେବାକୁ ଚାହୁଁଛି। 'ମନୁ ଦ୍ୱିବେଦୀ ଫିଲ୍ମସ୍' ନିବେଦିତ ହରର ସିନେମା 'ମିଡ୍ ନାଇଟ୍'ର ନିର୍ଦ୍ଦେଶନାରେ ଅଛନ୍ତି ନିଜେ ମନୁ ଦ୍ୱିବେଦୀ। କେବଳ ସେତିକି ନୁହେଁ, ସେ ଏଥିରେ ନାୟକ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହୋଇଛନ୍ତି। ଅନୁପ ଦ୍ୱିବେଦୀ କାହାଣୀ ରଚନା କରିଥିବା ବେଳେ ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ଡ.ରଜନୀ ରଞ୍ଜନ । ସହକାରୀ ନିର୍ଦ୍ଦେଶନାରେ ଅଛନ୍ତି ସୁରେଶ ଦାଶ। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ବବି ଇସଲାମ। ମନୁଙ୍କ ବ୍ୟତୀତ ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଅକ୍ଷୟ ବସ୍ତିଆ, ବିରେନ ମିଶ୍ର, ଡାଏନା, ଆଲିଆ, ପ୍ରିୟା, ସସ୍ମିତା ଓ ସୁଧାଂଶୁବାଳା ଅନ୍ୟାନ୍ୟ ଭୂମିକାରେ ଅଭିନୟ କରିଛନ୍ତି। 'ମିଡ୍ ନାଇଟ୍' ଶୀଘ୍ର ପ୍ରେକ୍ଷାଳୟକୁ ଆସିବ।



# ଦଶହରାରେ 'ଚ୍ୟାଲେଞ୍ଜ'

ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ଚର୍ଚ୍ଚିତ ନାଁ ଅଭିନେତା ଅର୍ଦ୍ଧେନ୍ଦୁ ସାହୁ। ଅଭିନୟ ସହିତ ପ୍ରଯୋଜନା କ୍ଷେତ୍ରରେ ପାଦ ରଖି ଓଡ଼ିଆ ଚଳଚ୍ଚିତ୍ର ଜଗତର ଗରିମାକୁ ସେ ବଢ଼େଇବାରେ ସହାୟକ ହୋଇଛନ୍ତି। ପୂର୍ବରୁ 'ବ୍ଲାକମେଲ୍',' ଅ ଆ ହର୍ଷଇ' ସହିତ 'ଭିଲେନ୍' ଭଳି ଆକ୍ସନ୍ ଚଳଚ୍ଚିତ୍ର ନିର୍ମାଣ କରି ଦର୍ଶକଙ୍କ ଖୁବ୍ ମନୋରଞ୍ଜନ କରିଛନ୍ତି। ଇତିମଧ୍ୟରେ ଅର୍ଦ୍ଧେନ୍ଦୁଙ୍କର ଆଗାମୀ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ର ଫାଷ୍ଟ ଲୁକ୍ ମୁକ୍ତିଲାଭ କରିଛି । ଚ୍ୟାଲେଞ୍ଜ ଚଳଚ୍ଚିତ୍ରରେ ଆକ୍ସନ ସହିତ ଫ୍ୟାମିଲି ଡ୍ରାମା ମଧ୍ୟ ଭରି ରହିଛି। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍‌ରେ ଏହା ହେଉଛି ଷଷ୍ଠ ଅବଦାନ। ସବୁବେଳେ କିଛି ନୂଆ କରିବା ପାଇଁ ଚେଷ୍ଟା କରଥାନ୍ତି ଅର୍ଦ୍ଧେନ୍ଦୁ। ଏଥିରେ ପୁନିତ ଇସାର ଓରଫ୍ ଦୁର୍ଯ୍ୟୋଧନଙ୍କୁ ଏକ ବଳିଷ୍ଠ ଚରିତ୍ରରେ ଦେଖିବାକୁ ମିଳିବ । ଚୁଲବୁଲି ନାୟିକା ଏଲିନା ସାମନ୍ତରାୟଙ୍କୁ ଦର୍ଶକେ ଚ୍ୟାଲଞ୍ଜରେ ଦେଖିବାକୁ ପାଇବେ। ନୂଆ କଥା ମ୍ୟୁଜିକ୍ ଭିଡିଓ ଜାଇଫୁଲର ସଫଳ ଯୋଡ଼ି ଲିପି ଓ ପୁପିନ୍ଦର ସିଂହଙ୍କୁ ଏକ ବିଶେଷ ଭୂମିକାରେ ଦେଖିବାକୁ ମିଳିବ। ଯୁବ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ନେଇଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ୍ ନାୟକ। ଏହି ଚଳଚ୍ଚିତ୍ରଟି ଆସନ୍ତା ଦଶହରାରେ ସାରା ଓଡ଼ିଶାରେ ପ୍ରକାଶ ଫିଲ୍ମସ ଡିଷ୍ଟ୍ରିବ୍ୟୁସନ୍ ବ୍ୟାନରରେ ମୁକ୍ତିଲାଭ କରିବ।



## ଅପରାଧ ଓ ରହସ୍ୟଭରା କାହାଣୀ

# 'ଡେଲିଭରି ବୟ-୨'

ଓଡ଼ିଆ ଫିଲ୍ମ ଜଗତରେ 'ଡେଲିଭରି ବୟ'ର ସଫଳତା ପରେ ଆଉ ଏକ ଅନନ୍ୟ ରୋମାଞ୍ଚକ କାହାଣୀ ନେଇ ଆସୁଛି 'ଡେଲିଭରି ବୟ ୨'। ଏହା ହେଉଛି ଏକ ଥ୍ରିଲର ଫିଲ୍ମ, ଯାହା ଅନ୍ୟାୟ, ମିଡିଆ ହେରଫେର୍ ଓ ଗଭୀର ରହସ୍ୟ ସହ ଦର୍ଶକଙ୍କ ମନ ଜିତିବା ଆଶା କରାଯାଉଛି। ପାର୍ଥ ଜଣେ ଡେଲିଭରି ବୟ, ଯିଏ ନିଜର ଜୀବିକା ପାଇଁ କାମ କରନ୍ତି। ତାଙ୍କ ବାପା ଜଣେ ପୋଲିସ କନଷ୍ଟେବଳ। ପାର୍ଥଙ୍କ ପ୍ରେମିକା ଏକ ନ୍ୟୁଜ୍ ଚ୍ୟାନେଲରେ ରିପୋର୍ଟର ଭାବେ ଯୋଗ ଦେଇଛନ୍ତି, କିନ୍ତୁ ତାଙ୍କ ଉପରେ ଭାଇରାଲ୍ ନ୍ୟୁଜ ଦେବା ପାଇଁ ଅଧିକାରୀଙ୍କ ଚାପ ଥାଏ। ଏକ ଦୁଷ୍ଟ ଓ ମୂର୍ଖ ରିପୋର୍ଟର ତାଙ୍କ ସହଯୋଗୀ। ଭ୍ରମାତ୍ମକ ଖବର ଦେଇ ଲୋକପ୍ରିୟତା ହାସଲ କରେ । ଏପଟେ ପାର୍ଥଙ୍କ ଏକ ଡେଲିଭରି ସ୍ଥାନରେ ହତ୍ୟା ଘଟେ। ସମାନ ଦୁଇଟି ଅନ୍ୟ ହତ୍ୟା ପରେ ଏକ ସ୍ପେସିଆଲ୍ ଅଫିସର ଏହି ସିରିଏଲ୍ କିଲିଂର ତଦନ୍ତ ଆରମ୍ଭ କରନ୍ତି। ପାର୍ଥଙ୍କ ପରିବାର ଓ ଘଟଣାସ୍ଥଳ ସହିତ ତାଙ୍କ ସଂଯୋଗ ଦେଖି ସନ୍ଦେହ ଉଠେ। ପ୍ରକୃତ ହତ୍ୟାକାରୀ କି ଧରାପଡ଼ିବେ ତ ? ତେବେ କାହାଣୀର ଆରମ୍ଭ ହୁଏ ଏହିଠାରୁ। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜକ ଓ କାହାଣୀ ଲେଖିଛନ୍ତି ଜେଆରଏମ୍ । ମୁଖ୍ୟ ଭୂମିକାରେ ଅଛନ୍ତି ଅର୍ଚ୍ଚିତା, ଶୈଳେନ୍ଦ୍ର ସାମନ୍ତରାୟ, ବୁଦ୍ଧାଦିତ୍ୟ ମହାନ୍ତି, ପ୍ରିୟମ୍ବଦା, ଶ୍ରୀତମ ଦାସ, ଭୂପିନ୍ଦର। ବିଶେଷ ଭୂମିକାରେ ରହିଛନ୍ତି ଭୂମିକା ଓ ସନ୍ତୁ। ଏହାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ । ଡ. ନିର୍ମଳ ନାୟକ ଓ ଅରୁଣ ମନ୍ତ୍ରୀଙ୍କ ଗୀତଗୁଡ଼ିକକୁ ସଙ୍ଗୀତରେ ସଜାଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ ଓ କଣ୍ଠ ଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଅନନ୍ୟା ଶ୍ରୀତମ ନନ୍ଦ, ଅନ୍ତରା ଓ ମଣ୍ଟୁ ଛୁରିଆ । ନୂଆ ଓ ଭିନ୍ନ କାହାଣୀ ସହିତ ଦର୍ଶକଙ୍କୁ ବାନ୍ଧି ରଖିବାରେ ଏହା ସଫଳ ହେବ।



ଆଶା ଓ ଜାଣ

# "ମଞ୍ଚ ହେଉ କି ଧାରାବାହିକ, ଅଭିନୟ ଜୀବନ୍ତ ହେବା ଦରକାର"

## ଅମ୍ମୁ, ଅଭିନେତା

**ଗାଁ'ର ଯାତ୍ରାରେ ସେ ଶିଶୁ କଳାକାର ଭାବେ ଅଭିନୟ କରୁଥିଲେ। ଅଭିନେତା ହେବା ସ୍ୱପ୍ନ ପୂରା କରିବାକୁ ସେ ସଙ୍ଗୀତ ମହାବିଦ୍ୟାଳୟରେ ନାଟକରେ ସ୍ନାତକ ପଢ଼ିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ସେ ବିଭିନ୍ନ ନାଟକରେ ଅଭିନୟ କରିଛନ୍ତି। ୨୦୨୩ ମସିହାରେ ଅଧ୍ୟୟନ ଶେଷ କରିବା ପରେ ଧାରାବାହିକରେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କଲେ। ଅବଶ୍ୟ ଏଥିପାଇଁ ତାଙ୍କୁ ଅନେକ ସଂଘର୍ଷର ସାମ୍ନା କରିବାକୁ ପଡ଼ିଛି। ସଂଘର୍ଷକୁ ସଫଳତାରେ ପରିଣତ କରିଥିବା ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି, ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଜଳେଶ୍ୱରର ରବୀନ୍ଦ୍ର ସାହୁ। ତେବେ 'ଅମ୍ମୁ' ଭାବେ ଜଣାଶୁଣା। 'ସୁନୟନା' ତାଙ୍କର ପ୍ରଥମ ଧାରାବାହିକ। ସେ ଏବେ 'ସାଥି ସାତ ଜନ୍ମ'ରେ 'ବିକି' ଚରିତ୍ରରେ ଅଭିନୟ କରୁଛନ୍ତି। ସେ ଓଡ଼ିଆ ସିନେମାରେ ଭଏସ୍ ଡବିଂ ମଧ୍ୟ କରନ୍ତି। ତେବେ ନିଜର ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ରବୀନ୍ଦ୍ରଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।**

**ଅଭିନେତା ହେବାକୁ କାହିଁକି ମନ ବଳାଇଲେ?**

● ପିଲାଦିନୁ ଅଭିନୟ ପ୍ରତି ଦୁର୍ବଳତା ରହିଥିଲା। ଗାଁ'ର ଯାତ୍ରାରେ ଶିଶୁ କଳାକାର ଭାବେ ଅଭିନୟ କରୁଥିଲି। ଇଚ୍ଛା ଥିଲା ବଡ଼ ହେଲେ ଜଣେ ଅଭିନେତା ହେବି। ମୋ ମା' ମଧ୍ୟ ଅଭିନେତା ହେବାକୁ ସାହସ ଓ ପ୍ରେରଣା ଦେଇଥିଲେ। ହେଲେ ବାପା ପ୍ରଥମେ ପ୍ରଥମେ ଏଥିରେ ଖୁସି ନ ଥିଲେ। ତେବେ ପରବର୍ତ୍ତୀ ସମୟରେ ସେ ମୋ' କାମକୁ ସ୍ୱୀକୃତି ଦେଇଥିଲେ। ସ୍ୱର୍ଗତ ଅଜିତ ସାର୍‌ଙ୍କ 'ଅଜିତ୍ ନାଟ୍ୟ ସଂସ୍ଥା'ରୁ ମୁଁ ତାଲିମ ନେଇଛି। ସଙ୍ଗୀତ ମହାବିଦ୍ୟାଳୟରେ ନାଟକ ବିଭାଗରେ ସ୍ନାତକ ପଢ଼ା ସହିତ ଏକାଧିକ ନାଟକ କରିବାକୁ ସୁଯୋଗ ମିଳିଛି। ତନ୍ମଧ୍ୟରୁ 'ଏନ୍‌ଏଚ୍-୩୧୬', 'ନିଧି ବାବୁ ଘରେ ଅଛ'କୁ ଦର୍ଶକ ଅଧିକ ଭଲପାଇବା ଦେଇଥିଲେ। ତେବେ ଧାରାବାହିକରେ କାମ କରିବାକୁ ମୁଁ ଅନେକ ଲୋକଙ୍କୁ ଭେଟିଛି। 'ସୁନୟନା' ମୋର ପ୍ରଥମ ଧାରାବାହିକ। ପରେ 'ତୁ ଖରା ମୁଁ ଛାଇ' ଧାରାବାହିକରେ ସ୍ୱଳ୍ପ ସମୟ ପାଇଁ ଅଭିନୟ କରିଛି। ହେଲେ 'ସାଥି ସାତ ଜନ୍ମର'ରେ ମିଳିଥିବା ଚରିତ୍ରଟି ମୋତେ ଅଧିକ ଖୁସି ଦେଇପାରିଛି।

**କ୍ୟାମେରା ସାମ୍ନାରେ ପ୍ରଥମେ ଭୟ କରିଥିଲେ?**

● ପ୍ରଥମତଃ ମଞ୍ଚ ନାଟକରେ ସାମ୍ନାରେ ଶହ ଶହ ଦର୍ଶକ ଥାଆନ୍ତି। ଭୁଲ୍ କହିଲେ ବି ଠିକ୍ କରି ନେବାକୁ ହୁଏ। ଗୋଟିଏ ଥରରେ ଅଭିନୟ ସାରିବାକୁ ହୋଇଥାଏ। ହେଲେ ଧାରାବାହିକ ଏମିତି ଏକ ପ୍ଲାଟଫର୍ମ ଯେଉଁଠି ପ୍ରଥମେ ସଂଳାପର ସାରମର୍ମକୁ ବୁଝିବାକୁ ହୁଏ। ଗୋଟିଏ ସଂଳାପକୁ ଏକାଧିକ ଥର ଅଭ୍ୟାସ କରିବାକୁ ହୁଏ। କେମିତି ସଂଳାପ ଉଚ୍ଚାରଣ କରିବେ, କେମିତି ଅଭିନୟ କରିବେ ତାହା ନିର୍ଦ୍ଦେଶକ ବୁଝାଇ ଦିଅନ୍ତି। ଏହା ପରେ ଫାଇନାଲ ଅଭିନୟ କରାଯାଏ। ତେଣୁ କ୍ୟାମେରା ସାମ୍ନାରେ ଭୟ କରି ନ ଥିଲି। ତେବେ ମଞ୍ଚ ହେଉ କି ଧାରାବାହିକ ଅଭିନୟ ସର୍ବଦା ଜୀବନ୍ତ ହେବା ଦରକାର।

**'ସାଥି ସାତ ଜନ୍ମର' ବିକି ଚରିତ୍ର ସଂପର୍କରେ କିଛି କୁହନ୍ତୁ?**

● ବିକି ହେଉଛି ନାୟକର ସାନ ଭାଇ। ସେ ବହୁତ ବଦମାସ୍, ବାଲୁଙ୍ଗାମୀ କରେ। ଝିଅମାନଙ୍କୁ ବହୁତ ହଇରାଣ କରେ। ଏସବୁ ବିକିର ନିତିଦିନିଆ କାମ। ତେବେ ଏହି ଚରିତ୍ରଟିକୁ ବେଶ୍ ଭଲ ଭାବେ କରିବାକୁ ଆପ୍ରାଣ ଚେଷ୍ଟା କରୁଛି। ଦର୍ଶକ ଖୁବ୍ କମ୍ ସମୟରେ ବହୁତ ଭଲପାଇବା ଦେଇଛନ୍ତି।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ମୋ ମା'ଙ୍କୁ ସବୁ ଦେଇଥିଲି।

**ସଂଘର୍ଷରେ କେବେ ଥକି ପଡ଼ିଛନ୍ତି କି?**

● ଜଣେ ଅଭିନେତାଟିଏ ହେବା ପାଇଁ ଅନେକ ସଂଘର୍ଷ କରିଛି। ଏବେ ବି ସଂଘର୍ଷ ଜାରି ରହିଛି। ଗୋଟିଏ କଥା କହିବି ସଂଘର୍ଷ ହିଁ ମଜାଦିଏ। ସଂଘର୍ଷରେ ହାର ମାନିଲେ ଅଭିନେତା ହେବା ଇଚ୍ଛା ଆଉ ଆସକ୍ତି ମରିଯାଏ। କାମ ପାଇବା ପାଇଁ ସଂଘର୍ଷ କରୁଛି, ସଂଘର୍ଷ ସବୁବେଳେ ଜାରି ରହିବ।

**ଧାରାବାହିକ ସହିତ ନାଟକରେ ଅଭିନୟ କରିବାରେ କେମିତି ସମନ୍ୱୟ ରଖନ୍ତି?**

● ନାଟକରୁ ମୋର ଅଭିନୟ କ୍ୟାରିଅର୍ ଆରମ୍ଭ କରିଛି। ତେଣୁ ଯେଉଁଥିରୁ ମୁଁ ତିଆରି ହୋଇଛି ତାକୁ କେବେ ଛାଡ଼ି ପାରିବିନି। ତେଣୁ ଏବେ ଧାରାବାହିକ ସହିତ ନାଟକ କରୁଛି। ଜୀବନ ଥିବା ଯାଏଁ ଦୁଇଟିକୁ ନେଇ ଆଗକୁ ଚାଲିବି। ଅନେକ ଫିଲ୍ମ ପାଇଁ ଭଏସ୍ ଦେଉଥିଲି।

**କଳାକାରଟିଏ ହେବାକୁ କ'ଣ ଦରକାର ?**

● ପ୍ରଥମେ ସୁସ୍ଥ ମନ ଓ ସୁସ୍ଥ ଶରୀର ଆବଶ୍ୟକ। ତେଣୁ ସୁସ୍ଥ ରହିବା ସହିତ ଅଭିନୟ କରିବାକୁ ଆସୁଥିବା ପିଲା ଦୈନିକ ସଂଳାପ କହିବା ଅଭ୍ୟାସ କରିପାରିବେ। ରସ ମାଧ୍ୟମରେ ଗୋଟିଏ ସଂଳାପକୁ ୮ ରୁ ୯ ଥର କହିବା ଦ୍ୱାରା ଅଭିନୟ ଭଲ ହୋଇଥାଏ। ତେଣୁ ସବୁରି ଊର୍ଦ୍ଧ୍ୱରେ ଧୈର୍ଯ୍ୟ ରଖିବା ନିହାତି ଆବଶ୍ୟକ।


**ଦର୍ଶକଙ୍କୁ କ'ଣ କହିବେ?**

● ଦର୍ଶକ ହେଉଛନ୍ତି ଭଗବାନ। ସେମାନେ ଖୁସିରେ ରହିଲେ ଆମକୁ ଖୁସି ଦେବେ । ଦର୍ଶକଙ୍କୁ କେବଳ ଏତିକି କହିବି ସେମାନଙ୍କର ଭଲପାଇବା ଏମିତି ଦେଉଥାନ୍ତୁ, ମୁଁ ଆଗକୁ ଆଗକୁ ବଢୁଥାଏ।

ପରଦା ପଛର କାହାଣୀ

# ଗୋଟିଏ ଟେକ୍‌ରେ ସୁପରହିଟ୍ ଗୀତ ସୁଟିଂ

ଚଳଚ୍ଚିତ୍ରର ଗୋଟିଏ ଗୀତକୁ ସୁଟିଂ କରିବା ପାଇଁ ଦୀର୍ଘ ସମୟ ଲାଗିଥାଏ। ବାରମ୍ବାର ଟେକ୍ ନେବାକୁ ପଡ଼ିଥାଏ। ତେବେ ଏଭଳି ଏକ ସୁପରହିଟ୍ ଗୀତ ରହିଛି, ଯାହା ମାତ୍ର ଗୋଟିଏ ଟେକ୍‌ରେ ସୁଟିଂ କରାଯାଇଥିଲା। ୧୯୬୯ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ଆରାଧନା'। ଶର୍ମିଲା ଟାଗୋର ଏବଂ ରାଜେଶ ଖାନ୍ନା ଅଭିନୀତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ରେକର୍ଡ କରିଥିଲା। ଫିଲ୍ମରେ ଉଭୟଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଫିଲ୍ମରେ ମୋଟ ସାତୋଟି ଗୀତ ରହିଛି। ତେବେ ରୋମାଣ୍ଟିକ୍ ଗୀତ 'ରୂପ୍ ତେରା ମସ୍ତାନା, ପ୍ୟାର୍ ମେରା ଦିୱାନା...' ଗୀତ ମାତ୍ର ଗୋଟିଏ ଟେକ୍‌ରେ ସୁଟିଂ କରାଯାଇଥିଲା। ଏହି ଗୀତରେ କିଶୋର କୁମାର କଣ୍ଠଦାନ କରିଥିଲେ। ଶକ୍ତି ସାମନ୍ତଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସିନେମା ହଲ୍‌ରେ ୧୦୦ ଦିନ ପର୍ଯ୍ୟନ୍ତ ଚାଲିଥିବା ପ୍ରଥମ ହିନ୍ଦୀ ଫିଲ୍ମ। ଏହାର ବଜେଟ୍ ୮୦ ଲକ୍ଷ ଟଙ୍କା ଥିଲା, ତେବେ ଏହା ବକ୍ସ ଅଫିସ୍‌ରେ ୧୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିଥିଲା। ବର୍ତ୍ତମାନ ସମୟରେ ଏହାର ମୂଲ୍ୟ ୯୦୦ କୋଟି। ହିନ୍ଦୀରେ ନିର୍ମିତ ଏହି ଫିଲ୍ମକୁ ପରବର୍ତ୍ତୀ ସମୟରେ ବଙ୍ଗଳାରେ ମଧ୍ୟ ଡବିଂ କରାଯାଇଥିଲା। ଏହାର ସଫଳତାକୁ ଦେଖି ପରେ ତାମିଲରେ 'ଶିବଗାମିନ୍ ସେଲବାନ' ଓ ତେଲୁଗୁରେ 'କନବାରୀ କଲାଲୁ' ନାମରେ ରିମେକ୍ କରାଯାଇଛି। ସେହିପରି ଏହି ଫିଲ୍ମ ଆଇଏମ୍‌ଡିବିରେ ୧୦ ରୁ ୭.୬ ରେଟିଂ ପାଇଥିଲା। 'ଆରାଧନା'କୁ ୧୭ତମ ଫିଲ୍ମ ଫେୟାର୍ ଆୱାର୍ଡରେ 'ବେଷ୍ଟ ଫିଲ୍ମ ଆୱାର୍ଡ' ମିଳିଥିଲା। ସେହିପରି ଶର୍ମିଲାଙ୍କୁ 'ଶ୍ରେଷ୍ଠ ଅଭିନେତ୍ରୀ' ଭାବେ ପୁରସ୍କାର ମିଳିଥିଲା। ଫିଲ୍ମର କାହାଣୀ ବନ୍ଦନା ତ୍ରିପାଠୀଙ୍କ (ଶର୍ମିଳା ଟାଗୋର) ଉପରେ ଆଧାରିତ। ସେ ଜଣେ ଏୟାରଫୋର୍ସ ପାଇଲଟ୍ ଅରୁଣ ବର୍ମା (ରାଜେଶ ଖାନ୍ନା)ଙ୍କୁ ଭଲ ପାଉଥିଲେ। ତେବେ ଏକ ଦୁର୍ଘଟଣାରେ ଅରୁଣଙ୍କ ମୃତ୍ୟୁ ହୋଇଯାଏ। ତେଣୁ ସମାଜ ଭୟରେ ବନ୍ଦନା ନିଜ ଛୁଆକୁ ଅନାଥ ଆଶ୍ରମରେ ଛାଡ଼ି ଦିଅନ୍ତି। ଫିଲ୍ମରେ ବହୁ ଉତ୍‌ଥାନ ପତନ ଦେଖିବାକୁ ମିଳିଛି। ତେବେ ଏହାର ସୁପରହିଟ୍ ଗୀତ ଗୋଟିଏ ଟେକ୍‌ରେ ସୁଟିଂ ହେବାକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା।



## ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଗିଲ୍

ଲଣ୍ଡନ, ୩୦।୭ (ଏଜେନ୍ସି): କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବା ଭାରତୀୟ ଦଳର ଅଧିନାୟକ ଗିଲ୍ ଏହି ମ୍ୟାଚରେ ଆଉ ଏକ କୀର୍ତ୍ତିମାନ କରିବା ଲକ୍ଷ୍ୟରେ ରହିଛନ୍ତି। ନେତୃତ୍ୱ ପଦାର୍ପଣର ପ୍ରଥମ ଟେଷ୍ଟ ସିରିଜରେ ଗିଲ୍ ବର୍ତ୍ତମାନ ସୁଦ୍ଧା ୪ଟି ମ୍ୟାଚରେ



୭୨୨ ରନ କରିସାରିଛନ୍ତି। ଏହି ପାଳିରେ ସେ ୩ଟି ଶତକ ଓ ଗୋଟିଏ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ଗିଲ୍ ଆଉ ୧୧ ରନ କଲେ ଭାରତୀୟ ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହକାରୀ ଖେଳାଳି ହେବେ। ୪୬ ବର୍ଷ ତଳେ ସୁନିଲ ଗାଭାସ୍କର ଅଧିନାୟକ ଭାବେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ୭୩୨ ରନ କରିଥିଲେ। ସେହିଭଳି ଗିଲ୍ ଆଉ ୩୧ ରନ କଲେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହେବେ। ଗ୍ରାହମ ଗୁଚ୍ ୧୯୯୦ରେ ଭାରତ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୭୫୨ ରନ କରିଥିଲେ। ସେହିଭଳି ଗିଲ୍ ଯଦି ଆଉ ୫୩ ରନ କରିବେ ତେବେ କୌଣସି ଦେଶ ବିପକ୍ଷରେ ଟେଷ୍ଟ ସିରିଜରେ ଭାରତୀୟ ଭାବେ ସର୍ବାଧିକ ରନ ସଂଗ୍ରହକାରୀ ଖେଳାଳି ହେବେ। ଗାଭାସ୍କାର ୧୯୭୧ରେ ୱେଷ୍ଟଇଣ୍ଡିଜ ବିପକ୍ଷ ୪ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୭୭୪ ରନ କରିଥିଲେ।

## ଭରତ ଅରୁଣ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସର ବୋଲିଂ ପ୍ରଶିକ୍ଷକ

ଲକ୍ଷ୍ନୌ , ୩୦।୭ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ସିଜନ ଲାଗି ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଭରତ ଅରୁଣଙ୍କୁ ବୋଲିଂ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ଭରତ ୨ ବର୍ଷ ପାଇଁ



ଲକ୍ଷ୍ନୌ ଦଳ ସହ କାର୍ଯ୍ୟ କରିବାକୁ ଚୁକ୍ତି କରିଥିବା ଜଣାପଡ଼ିଛି। ଫଳରେ ପୂର୍ବତନ ଭାରତୀୟ ବୋଲର ଜାହିର ଖାନଙ୍କ ସହ ମିଶି ଏବେ ଏକାଠି କାମ କରିବେ। ଜାହିର ପୂର୍ବରୁ ଲକ୍ଷ୍ନୌର ବୋଲିଂ ପରାମର୍ଶଦାତା ରହିଛନ୍ତି। ୬୨ ବର୍ଷୀୟ ଭରତ ପୂର୍ବରୁ ଭାରତୀୟ ସିନିଅର ଦଳର ବୋଲିଂ ପ୍ରଶିକ୍ଷକ ଭାବେ ବେଶ୍ ସଫଳତା ପାଇଥିଲେ। ତାଙ୍କ ସମୟରେ ଭାରତୀୟ ଦଳର ବୋଲିଂ ବେଶ୍ ଶୃଙ୍ଖଳିତ ହୋଇପାରିଥିଲା। ଏହାପରେ ସେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)ର ବୋଲିଂ ପ୍ରଶିକ୍ଷକ ଭାବେ ୨୦୨୨ରେ ଯୋଗଦେଇଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ କୋଲକାତା ୨୦୨୪ରେ ଆଇପିଏଲ୍ ଚାମ୍ପିଅନ ହୋଇପାରିଥିଲା। ସେ କୋଲକାତା ସହ ୪ ବର୍ଷ ଲାଗି ଚୁକ୍ତି କରିଥିଲେ ମଧ୍ୟ ଗୋଟିଏ ବର୍ଷ ପୂର୍ବରୁ ଲକ୍ଷ୍ନୌ ଫ୍ରାଞ୍ଚାଇଜରେ ଯୋଗଦେଇଛନ୍ତି। କିନ୍ତୁ ଗୋଟିଏ ବର୍ଷ ଆଗରୁ କୋଲକାତା ଛାଡ଼ିବା ନେଇ କେକେଆର୍, ଲକ୍ଷ୍ନୌ ଫ୍ରାଞ୍ଚାଇଜ କିମ୍ବା ଅରୁଣଙ୍କ ପକ୍ଷରୁ କୌଣସି ବିବୃତି ରଖାଯାଇନାହିଁ।

**ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି: ଆଜିଠୁ ନିର୍ଣ୍ଣାୟକ ୫ମ ଟେଷ୍ଟ**

# ସିରିଜ୍ ବଞ୍ଚାଇବା ଲକ୍ଷ୍ୟରେ ଗିଲ୍ ବାହିନୀ



ଲଣ୍ଡନ, ୩୦।୭ (ଏଜେନ୍ସି)

ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଅନ୍ତିମ ତଥା ୫ମ ଟେଷ୍ଟ ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହେବ। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଏହି ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବ। ୨-୧ରେ ପଛୁଆ ରହିଥିବା ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ ଡ୍ର' ରଖି ସମ୍ମାନର ସହ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅପରପକ୍ଷରେ ଘରୋଇ ଇଂଲଣ୍ଡ ଦଳ ଅତିକମ୍‌ରେ ଏହି ମ୍ୟାଚ୍‌କୁ ଡ୍ର ରଖି ସିରିଜ ଜିତିବା ଲକ୍ଷ୍ୟରେ ରହିଛି। ତେଣୁ ଏହି ସିରିଜର ନିର୍ଣ୍ଣାୟକ ୫ମ ମୁକାବିଲା ବେଶ୍ ରୋମାଞ୍ଚକ ହେବାକୁ ଯାଉଛି। ପୂର୍ବରୁ ହେଡିଂଲୀରେ ଅନୁଷ୍ଠିତ ପ୍ରଥମ ଓ ଲର୍ଡ୍ସରେ ଖେଳାଯାଇଥିବା ୩ୟ ଟେଷ୍ଟକୁ ଇଂଲଣ୍ଡ ଯଥାକ୍ରମେ ୫ ୱିକେଟ୍ ଓ ୨୨ ରନରେ ବିଜୟୀ ହୋଇଥିଲା। ଅପରପକ୍ଷରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ଏଜ୍‌ବାଷ୍ଟନରେ ଅନୁଷ୍ଠିତ ୨ୟ ଟେଷ୍ଟରେ ୩୩୬ ରନର ବୃହତ୍ ବ୍ୟବଧାନରେ ଇଂଲଣ୍ଡକୁ ମାତ୍ ଦେଇ ସ୍ମରଣୀୟ ବିଜୟ ଲାଭ କରିଥିଲା। ଓଲ୍ଡ ଟ୍ରାଫର୍ଡରେ ଖେଳାଯାଇଥିବା ୪ର୍ଥ ଟେଷ୍ଟ ଅମୀମାଂସିତ ରହିଥିଲା। ତେଣୁ ଏବେ ସମସ୍ତଙ୍କ ନଜର ୫ମ ଟେଷ୍ଟ ଉପରେ ରହିଛି।

ଲଣ୍ଡନରେ ଅବସ୍ଥିତ କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡ ସାଧାରଣତଃ ଦ୍ରୁତ ବୋଲରଙ୍କୁ ସୁହାଇଥାଏ। ଏହାକୁ ନଜରରେ ରଖି ଘରୋଇ ଇଂଲଣ୍ଡ ଦଳ ଏହାର ଚୂଡ଼ାନ୍ତ ଏକାଦଶରେ ୪ଜଣ ସ୍ପେଶାଲିଷ୍ଟ ଦ୍ରୁତ ବୋଲରଙ୍କୁ ନେଇଛି। ସେହିଭଳି ୪ର୍ଥ ଟେଷ୍ଟ ଖେଳିଥିବା ଏକମାତ୍ର ସ୍ପିନର ଲିଆମ ଡସନଙ୍କୁ ଏହି ଟେଷ୍ଟରୁ ବାଦ୍ ଦିଆଯାଇଛି। ଇଂଲଣ୍ଡ ଦଳର ଏହି ରଣନୀତିରୁ ଏହା ସ୍ପଷ୍ଟ ଯେ ସିରିଜର ପ୍ରଥମ ୪ଟି ମ୍ୟାଚ୍ ଅପେକ୍ଷା ପିଚ୍ ଏଠାରେ ଦ୍ରୁତ ବୋଲିଂକୁ ସୁହାଇବ। ଚଳିତ ସିଜନରେ ଏଠାରେ ଖେଳାଯାଇଥିବା ୫ଟି କାଉଣ୍ଟି ମ୍ୟାଚରେ ପତନ ଘଟିଥିବା ୧୫୦ ୱିକେଟ୍ ମଧ୍ୟରୁ ଦ୍ରୁତ ବୋଲର ୧୩୧ଟି ହାତେଇଥିଲେ। ତେଣୁ କେନିଙ୍ଗଟନ ଓଭାଲ ପିଚ୍ ଦ୍ରୁତ ବୋଲରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି କହିଲେ ଏହା ଅତ୍ୟୁକ୍ତି ହେବ ନାହିଁ।

### ବୁମ୍‌ରାଙ୍କୁ ବିଶ୍ରାମ !

ଭାରତ ପାଇଁ ଏହି ମ୍ୟାଚ୍ କର ବା ମର ସ୍ଥିତି ସୃଷ୍ଟି କରିଛି। ସିରିଜ ବଞ୍ଚାଇବାକୁ ହେଲେ ଗିଲ୍ ବାହିନୀକୁ ଏହି ମ୍ୟାଚ୍ ଜିତିବା ନିତ୍ୟାନ୍ତ ଜରୁରୀ ହୋଇପଡ଼ିଛି। ଭାରତ ଏଠାରେ ବିଜୟୀ ହେଲେ ସିରିଜ ୨-୨ରେ ଡ୍ର ରହିବ। ଯଦି ଡ୍ର ରୁହେ ତେବେ ଇଂଲଣ୍ଡ ୨-୧ରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ହାତେଇନେବ। ଏଭଳି ଏକ ଘଡ଼ସନ୍ଧି ମୁହୂର୍ତ୍ତରେ ଭାରତର ପ୍ରମୁଖ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ନେଇ ଦ୍ୱନ୍ଦ୍ୱ ପ୍ରକାଶ ପାଇଛି। ବୁମ୍‌ରା ଏହି ମ୍ୟାଚ୍ ଖେଳିବେ କି ନାହିଁ ତାହା ଟିମ୍ ମ୍ୟାନେଜମେଣ୍ଟ ଓ ଡାକ୍ତରଙ୍କ ଉପରେ ନିର୍ଭର କରେ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ବୁମ୍‌ରା ପ୍ରଥମ, ୩ୟ ଓ ୪ର୍ଥ ମ୍ୟାଚ୍ ଖେଳିଛନ୍ତି। ତେଣୁ ତାଙ୍କୁ ୫ମ ଟେଷ୍ଟରୁ ବିଶ୍ରାମ ଦିଆଯିବ ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। ରିପୋର୍ଟ ମୁତାବକ, ବୁମ୍‌ରାଙ୍କ ପିଠି ଯନ୍ତ୍ରଣା ଓ ଦୀର୍ଘକାଳୀନ ସ୍ଥିତିକୁ ଧ୍ୟାନରେ ରଖି ଏହି ମ୍ୟାଚରେ ବୁମ୍‌ରାଙ୍କୁ ବିଶ୍ରାମ ଦେବାକୁ ବିସିସିଆଇ ମେଡିକାଲ ଟିମ୍ ପରାମର୍ଶ ଦେଇଛି। ଫଳରେ ଏହି ମ୍ୟାଚରେ ବୁମ୍‌ରାଙ୍କ ସ୍ଥାନରେ ଅର୍ଶଦୀପ୍ ସିଂହ, ଆକାଶଦୀପ୍ ସିଂ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। ସେହିଭଳି ଆହତ ହୋଇ ବାଦ୍ ପଡ଼ିଥିବା ଋଷଭ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ଏହି ମ୍ୟାଚ୍ ଖେଳିବା ନିଶ୍ଚିତ ହୋଇଛି।

**ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ**

ଜାକ୍ କ୍ରଲୀ, ବେନ୍ ଡକେଟ୍, ଓଲି ପୋପ୍ (ଅଧିନାୟକ), ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ଜାକବ ବେଥେଲ, ଜେମି ସ୍ମିଥ (ୱିକେଟ୍‌କିପର), କ୍ରିସ୍ ୱୋକ୍ସ, ଗସ୍ ଆଟକିନସନ, ଜେମି ଓଭରଟନ ଓ ଜୋଶ୍ ଟଙ୍ଗ୍।

**ସମ୍ଭାବ୍ୟ ଭାରତୀୟ ଦଳ**

ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ (ୱିକେଟକିପର), ଶାର୍ଦ୍ଦୁଳ ଠାକୁର, ଆକାଶଦୀପ୍, ପ୍ରସିଦ୍ଧ କ୍ରିଷ୍ଣା/ଅର୍ଶଦୀପ୍ ସିଂହ, ମହମ୍ମଦ ସିରାଜ

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩ଟା ୩୦**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ**



## ଷ୍ଟୋକ୍ସ ବାଦ୍; ପୋପ୍‌ଙ୍କୁ ନେତୃତ୍ୱ

ଗୁରୁତ୍ୱପୂର୍ଣ୍ଣ ୫ମ ଟେଷ୍ଟ ପୂର୍ବରୁ ଇଂଲଣ୍ଡକୁ ଶକ୍ତ ଧକ୍କା ଲାଗିଛି। ଦଳର ଅଧିନାୟକ ତଥା ଶ୍ରେଷ୍ଠ ଫର୍ମ ଦେଇ ଗତି କରୁଥିବା ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଏହି ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ଚତୁର୍ଥ ଟେଷ୍ଟ ଖେଳୁଥିବାବେଳେ ସେ ଆଘାତ ପାଇଥିଲେ। ତେଣୁ ତାଙ୍କ ସ୍ଥାନରେ ଓଲି ପୋପ୍‌ଙ୍କୁ ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଘୋଷିତ ଏକାଦଶରେ ଇଂଲଣ୍ଡ ୪ଟି ପରିବର୍ତ୍ତନ କରିଛି। ଷ୍ଟୋକ୍ସଙ୍କ ସମେତ ଜୋଫ୍ରା ଆର୍ଚର, ବ୍ରାଏଡନ କ୍ରାସ ଓ ୪ର୍ଥ ଟେଷ୍ଟ ଖେଳିଥିବା ବାମହାତୀ ସ୍ପିନର ଲିଆମ ଡସନ୍ ଦଳରୁ ବାଦ୍ ପଡ଼ିଛନ୍ତି। ଏହି ଖେଳାଳିଙ୍କ ସ୍ଥାନରେ ୩ ଦ୍ରୁତ ବୋଲର ସରେର ଗସ୍ ଆଟକିନସନ, ଜେମି ଓଭରଟନ ଓ ନଟିଂହାମଶାୟରର ଜୋଶ୍ ଟଙ୍ଗ୍ ସାମିଲ ହୋଇଛନ୍ତି। ସେହିଭଳି ସ୍ପିନ ଅଲ୍‌ରାଉଣ୍ଡର ଜାକବ ବେଥେଲଙ୍କୁ ମଧ୍ୟ ସୁଯୋଗ ମିଳିଛି।

## ହେନରୀଙ୍କୁ ୬ ୱିକେଟ୍; ଜିମ୍ବାୱେ ୧୪୯ରେ ସୀମିତ

ବୁଲାୱାୟୋ, ୩୦।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଜିମ୍ବାୱେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର୍ ମ୍ୟାଟ୍ ହେନରୀଙ୍କୁ ସାମ୍ନା କରି ନ ପାରି ଜିମ୍ବାୱେ ପ୍ରଥମ ପାଳିରେ ୬୦.୩ ଓଭର ଖେଳି ମାତ୍ର ୧୪୯ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଅଧିନାୟକ କ୍ରେଗ୍ ଏର୍ଭିନ ସର୍ବାଧିକ ୩୯, ୱିକେଟ୍‌ରକ୍ଷକ ତାଫାଦଜୱା ସିଗା ୩୦, ନିକ୍ ୱେଲ୍‌ଚ ୨୭, ବେନ କୁରାନ ୧୩ ରନ କରିଥିଲେ। ଅଭିଜ୍ଞ ଖେଳାଳି ସିନ୍ ୱିଲିୟମ୍ସ ୨ ଓ ବ୍ରାଏନ ବେନେଟ୍ ୬ ରନ କରି ନିରାଶ କରିଥିଲେ। ହେନରୀ ସବୁଠୁ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ସେ ୩୯ ରନ ବ୍ୟୟରେ ୬ଟି ୱିକେଟ୍ ନେଇଥିଲେ। ନାଥନ ସ୍ମିଥ ୩ଟି ୱିକେଟ୍ ନେଇଥିବାବେଳେ ଭିନସେଣ୍ଟ ମାସେକେସା ରନ୍‌ଆଉଟ୍ ହୋଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଷ୍ଟମ୍ପସ ସୁଦ୍ଧା ୨୬ ଓଭରରେ କୌଣସି ୱିକେଟ୍ ନ ହରାଇ ୯୧ ରନ ସଂଗ୍ରହ କରିଛି। ୱିଲ ୟଙ୍ଗ ୪୧ ଓ ଡେଭନ କନୱେ ୫୧ ରନ କରି ଖେଳୁଛନ୍ତି।



## ଗ୍ରୀନ ବେଜ୍ କ୍ଲାସିକ ଅଲ୍‌ଓଡ଼ିଶା ସ୍ନୁକର

## ଆଜିଠୁ ନକ୍‌ଆଉଟ୍ ପର୍ଯ୍ୟାୟ

ଭୁବନେଶ୍ୱର, ୩୦।୭ (ସମିସ): ସ୍ଥାନୀୟ ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗ୍ରୀନ୍ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଯାଇଛି। ଗୁରୁବାରଠାରୁ ନକ୍‌ଆଉଟ୍ ତଥା ପ୍ରି-କ୍ୱାର୍ଟର ରାଉଣ୍ଡ ଆରମ୍ଭ ହେବ। ବୁଧବାର ଅନୁଷ୍ଠିତ ମ୍ୟାଚରେ ନିଶାନ୍ତ ବିଶ୍ୱାଳ, କୁନାଲ ଅଗରୱାଲ, ଶରଦ ବେହେରା, ସିଦ୍ଧାର୍ଥ ସେନ, ବରୁଣ ପୂର୍ବା, ଚେତନ ଆନନ୍ଦ, ଆକାଶ ମହାପାତ୍ର ଓ ଜ୍ଞାନ ଦାସ ବିଜୟ ହୋଇଛନ୍ତି। ଏଥିସହ ଡ. ରାକେଶ ପ୍ରଧାନ, ଅଲତାଫ ଅଲି, ଆକାଶ, ଜ୍ଞାନ, ଚେତନ, ନିଶାନ୍ତ, ସିଦ୍ଧାର୍ଥ, ସୁବ୍ରତ ଦାସ, ଅବିନାଶ ମହାପାତ୍ର, କୁନାଲ, ଶରଦ, ଚିରାଗ ଆରୋରା ଓ ରଞ୍ଜିତ ପତି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

**● ୧୭ ବର୍ଷରୁ କମ୍ ବିଶ୍ୱ ରେସଲିଂ**

## ହର୍‌ଦୀପ୍ ବିଶ୍ୱ ଚାମ୍ପିଅନ

ଏଥେନ୍ସ, ୩୦।୭ (ଏଜେନ୍ସି): ଗ୍ରୀସରେ ଚାଲିଥିବା ୧୭ ବର୍ଷରୁ କମ୍ ବିଶ୍ୱ ରେସଲିଂ ଚାମ୍ପିଅନସିପ୍‌ରେ ଭାରତକୁ ବଡ଼ ସଫଳତା ମିଳିଛି। ଏଥିରେ ଭାରତର ହର୍‌ଦୀପ୍ ଗ୍ରୀକୋ-ରୋମାନ ରେସଲିଂର ୧୧୦ କିଗ୍ରା ବିଭାଗରେ ବିଶ୍ୱ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ହର୍‌ଦୀପ୍ ଇରାନର ୟାଜଦାନ ରିଜା ଡେଲ୍‌ରୌଜଙ୍କୁ ପରାସ୍ତ କରିଥିଲେ। ଏଥିସହ ଗ୍ରୀକୋ-ରୋମାନର ସବୁଠୁ ଓଜନ ବିଭାଗରେ ଚାମ୍ପିଅନ ହେବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି। ତାଙ୍କ ପୂର୍ବରୁ ବିନୋଦ କୁମାର (୧୯୮୦ରେ ୪୫ କିଗ୍ରା), ପପୁ ଯାଦବ (୧୯୯୨ରେ ୫୧ କିଗ୍ରା) ଓ ସୂରଜ (୨୦୨୨ରେ ୫୫ କିଗ୍ରା) ଚାମ୍ପିଅନ ହୋଇଥିଲେ ମଧ୍ୟ ଏହା ଲାଇଟ୍-ୱେଟ୍ ବର୍ଗର ଥିଲା। ହର୍‌ଦୀପଙ୍କ ବିଜୟ ଚଳିତ ବିଶ୍ୱ ରେସଲିଂ ଚାମ୍ପିଅନସିପ୍‌ରେ ଭାରତର ପ୍ରଥମ ପଦକ ଥିଲା।




**ୱାର୍ଲ୍ଡ ଚାମ୍ପିଅନ୍‌ସିପ୍ ଅଫ୍ ଲିଜେଣ୍ଡ୍ସର ସେମିଫାଇନାଲ**

# ପାକିସ୍ତାନ ସହ ଖେଳିବାକୁ ମନାକଲା ଭାରତ

ବର୍ମିଂହାମ, ୩୦।୭ (ଏଜେନ୍ସି): ଅବସରପ୍ରାପ୍ତ ଅନ୍ତର୍ଜାତୀୟ କ୍ରିକେଟର୍‌ଙ୍କୁ ନେଇ ଇଂଲଣ୍ଡରେ ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡ (ଡବ୍ଲ୍ୟୁସିଏଲ୍) ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। ଏହାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଥିବାବେଳେ ଗୁରୁବାର ଦୁଇଟିଯାକ ସେମିଫାଇନାଲ ଅନୁଷ୍ଠିତ ହେବ। ଭାରତ ଚାମ୍ପିଅନ୍ସ ଓ ପାକିସ୍ତାନ ଚାମ୍ପିଅନ୍ସ ମଧ୍ୟରେ ସନ୍ଧ୍ୟାରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ଚାମ୍ପିଅନ୍ସ ଓ ଅଷ୍ଟ୍ରେଲିଆ ଚାମ୍ପିଅନ୍ସ ପରସ୍ପରକୁ ଭେଟିବେ। ତେବେ ଏହି ହାଇଭୋଲଟେଜ୍ ସେମିଫାଇନାଲ ପୂର୍ବରୁ ଭାରତୀୟ ଦଳ ଏକ ବଡ଼ ନିଷ୍ପତ୍ତି ନେଇଛି। ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ସେମିଫାଇନାଲ ମ୍ୟାଚ୍ ଖେଳିବାକୁ ଯୁବରାଜ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମନା କରିଦେଇଛି। 'ଦେଶ ପ୍ରଥମେ' ନ୍ୟାୟରେ ଅଧିନାୟକ ଯୁବରାଜଙ୍କ ସମେତ ସୁରେଶ ରାଇନା, ଶିଖର ଧାୱନ, ୟୁସୁଫ୍ ପଠାନ ପ୍ରମୁଖ ଏହି ମ୍ୟାଚ୍ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଏହାକୁ ନେଇ ଭାରତର 'ଅପରେସନ ସିନ୍ଦୁର' ପରେ ଦୁଇଦେଶ ମଧ୍ୟରେ ତିକ୍ତତା ଶୀର୍ଷରେ ପହଞ୍ଚିଛି। ଆତଙ୍କବାଦକୁ ସମର୍ଥନ କରୁଥିବା ଦେଶ ସହ କ୍ରିକେଟ ଏକାଠି ଖେଳାଯାଇପାରିବ ନାହିଁ ବୋଲି ଭାରତୀୟ ଖେଳାଳିମାନେ କହିଛନ୍ତି। ପୂର୍ବରୁ ମଧ୍ୟ ଲିଗ୍ ପର୍ଯ୍ୟାୟରେ ଭାରତୀୟ ଖେଳାଳିମାନେ ସମାନ କାରଣ ଲାଗି ପାକିସ୍ତାନ ସହ ଖେଳି ନ ଥିଲେ। ଭାରତ ସେମିଫାଇନାଲ୍ ନ ଖେଳିବା ଫଳରେ ପାକିସ୍ତାନକୁ ଫାଇନାଲରେ ପ୍ରବେଶ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଡବ୍ଲ୍ୟୁସିଏଲ୍‌ର ଅନ୍ୟତମ ପ୍ରମୁଖ ପ୍ରାୟୋଜକ 'ଇଜି ମାଇଁ ଟ୍ରିପ' ମଧ୍ୟ ଭାରତ-ପାକିସ୍ତାନ ସେମିଫାଇନାଲ ମ୍ୟାଚରୁ ଓହରିଯିବା ନେଇ ପୂର୍ବରୁ ଘୋଷଣା କରିଥିଲା। ଆତଙ୍କବାଦ ଓ କ୍ରିକେଟ୍ ଏକାଠି ହୋଇପାରିବ ନାହିଁ ବୋଲି ଏହାର ସହ-ପ୍ରତିଷ୍ଠାତା ନିଶାନ୍ତ ପିଟ୍ଟି କହିଥିଲେ।




**ଦକ୍ଷିଣ ଆଫ୍ରିକା ବିପକ୍ଷ ସୀମିତ ଓଭର ସିରିଜ୍**

# ଅଷ୍ଟ୍ରେଲିଆ ଦଳକୁ ହେଡ୍, ହାଜଲେଉଡ୍ ଫେରିଲେ

ସିଡ୍‌ନୀ, ୩୦।୭ (ଏଜେନ୍ସି)

ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ସୀମିତ ଓଭର ସିରିଜ ଲାଗି ବୁଧବାର ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ମିଚେଲ ମାର୍ଶଙ୍କୁ ଉଭୟ ଟି-୨୦ ଓ ଏକଦିବସୀୟ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଘୋଷିତ ଟି-୨୦ ଦଳକୁ ଦୁର୍ଦ୍ଧର୍ଷ ଓପନିଂ ବ୍ୟାଟର୍ ଟ୍ରାଭିସ୍ ହେଡ୍ ଓ ଅଭିଜ୍ଞ ଦ୍ରୁତ ବୋଲର ଜୋଶ୍ ହାଜଲେଉଡ୍‌ଙ୍କୁ ସାମିଲ କରାଯାଇଛି। ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜରେ ଉଭୟଙ୍କୁ ବିଶ୍ରାମ ଦିଆଯାଇଥିଲା। ତେବେ ୱେଷ୍ଟଇଣ୍ଡିଜ ସିରିଜରେ ଖେଳି ନ ଥିବା ଦୁଇ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ଓ ମିଚେଲ ଷ୍ଟାର୍କଙ୍କୁ ପୁଣିଥରେ ବିଶ୍ରାମ ଦିଆଯାଇଛି। ୱେଷ୍ଟଇଣ୍ଡିଜ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜକୁ ଅଷ୍ଟ୍ରେଲିଆ ୫-୦ରେ କ୍ଲିନସୁଇପ୍ କରିଥିବାରୁ ଖେଳାଳିଙ୍କ ମନୋବଳ ଦୃଢ଼ ରହିଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅଷ୍ଟ୍ରେଲିଆ ଘରୋଇ ମାଟିରେ ୩ଟି ଲେଖାଏ ଟି-୨୦ ଓ ଏକଦିବସୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅଗଷ୍ଟ ୧୦, ୧୨ ଓ ୧୬ରେ ଯଥାକ୍ରମେ ୩ଟି ଯାକ ଟି-୨୦ ମ୍ୟାଚ୍ ଖେଳାଯିବ। ସେହିଭଳି ଅଗଷ୍ଟ ୧୯, ୨୨ ଓ ୨୪ରେ ଏକଦିବସୀୟ ମ୍ୟାଚ୍‌ଗୁଡ଼ିକ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।




**ଅଷ୍ଟ୍ରେଲିଆ ଟି-୨୦ ଦଳ**

ମିଚେଲ ମାର୍ଶ (ଅଧିନାୟକ), ସିନ୍ ଆବଟ୍, ଟିମ୍ ଡେଭିଡ୍, ବେନ୍ ଡାର୍‌ୱିସ, ନାଥନ ଏଲିସ୍, କାମେରନ ଗ୍ରୀନ, ଜୋଶ୍ ହାଜଲେଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଂଲିଶ, ମାଟ୍ କୁନେମାନ୍, ଗ୍ଲେନ ମ୍ୟାକ୍ସୱେଲ, ମିଚେଲ ଓୱିନ, ମାଥ୍ୟୁ ସର୍ଟ ଓ ଆଦାମ ଜାମ୍ପା।

**ଅଷ୍ଟ୍ରେଲିଆ ଦିନିକିଆ ଦଳ**

ମିଚେଲ ମାର୍ଶ (ଅଧିନାୟକ), ଜାଭିଅର ବାର୍ଟଲେଟ୍, ଆଲେକ୍ସ କାରୀ, ବେନ୍ ଡାର୍‌ୱିସ, ନାଥନ ଏଲିସ୍, କାମେରନ ଗ୍ରୀନ, ଜୋଶ୍ ହାଜଲେଉଡ୍, ଟ୍ରାଭିସ୍ ହେଡ୍, ଜୋଶ ଇଂଲିଶ, ମାର୍ନସ ଲାବୁଶ୍ଚେନ, ଲାନ୍ସ ମୋରିସ, ମିଚେଲ ଓୱିନ, ମାଥ୍ୟୁ ସର୍ଟ ଓ ଆଦାମ ଜାମ୍ପା।

**ନ୍ୟାସନାଲ୍ ୱାଟର୍ ପୋଲୋ**

# ଭାଗନେବେ କିସ୍‌ର ୨୬ ଖେଳାଳି

ଭୁବନେଶ୍ୱର, ୩୦।୭ (ସମିସ): ଆଗାମୀ ୪୧ତମ ଜାତୀୟ ସବ୍-ଜୁନିଅର ଓ ୫୧ତମ ଜୁନିଅର ନ୍ୟାସନାଲ ଆକ୍ୱାଟିକ୍ ଚାମ୍ପିଅନସିପ୍ (ୱାଟର ପୋଲୋ) ପାଇଁ ୨୮ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। କର୍ଣ୍ଣାଟକ ସନ୍ତରଣ ସଂଘ ଓ ଭାରତୀୟ ସନ୍ତରଣ ମହାସଂଘର ମିଳିତ ଆନୁକୂଲ୍ୟରେ ଏହି ଚାମ୍ପିଅନସିପ୍ ବେଙ୍ଗାଲୁରୁର କେନସିଙ୍ଗଟନ ପୁଲ୍‌ରେ ଅନୁଷ୍ଠିତ ହେବ। ଘୋଷିତ ଓଡ଼ିଶା ବାଳକ ଓ ବାଳିକା ଦଳରେ ୧୪ଜଣ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ସବୁଠୁ ଉଲ୍ଲେଖନୀୟ କଥା ହେଲା କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ୨୬ଜଣ ଛାତ୍ରଛାତ୍ରୀ ଏହି ଚାମ୍ପିଅନସିପ୍ ଲାଗି ମନୋନୀତ ହୋଇଛନ୍ତି। କିସ୍‌ର ମନୋନୀତ ହୋଇଥିବା ୨୬ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ୧୨ଜଣ ବାଳକ ଓ ୧୪ଜଣ ବାଳିକା ରହିଛନ୍ତି। ଦୀପଙ୍କର ଦାସ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣ କରିବାକୁ ଯାଉଥିବା ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ସହ ଆଗାମୀ ପ୍ରତିଯୋଗିତା ଲାଗି ଶୁଭକାମନା ଜଣାଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS